# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଅଗଷ୍ଟ ୧୨ /୨୦୧୯ (୧୬ ପୃଷ୍ଠା) Rayagada, Monday, August 12 / 2019 ★

୯ମ ଭାଗ ୧୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ମହିଳା କ୍ରିକେଟର ଅଫ ଦି ଇୟର**

ଓଡ଼ିଶା ସିନିୟର କ୍ରିକେଟ ଦଳର ସଦସ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ୨୦୧୮-୧୯ ବର୍ଷ ପାଇଁ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି।

୧୫

୦୨

**'ଯୁଦ୍ଧପ୍ରିୟ ନୁହେଁ, ମୁଁ ଦେଶଭକ୍ତ'**

ମୁଁ ଯୁଦ୍ଧପ୍ରିୟ ନୁହେଁ, ବରଂ ଜଣେ ସଚ୍ଚୋଟ ଦେଶଭକ୍ତ ବୋଲି ଆମେରିକାର ଲସ୍ ଆଞ୍ଜେଲ୍ସରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ ସିନେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି।



# ମହିଳାଙ୍କୁ ତିନି ତଲାକ୍

## ୪ ମାସର ଶିଶୁକନ୍ୟାଙ୍କୁ ଧରି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ

**ଭୋଗରାଇ, ୧୧।୮(ଡି.ଏନ୍.ଏ.)**

ମୁସଲିମ୍ ଆଇନରେ ତିନି ଥର ତଲାକ୍ ଉଚ୍ଚାରଣ କରି ଛାଡ଼ପତ୍ର ଦେବା ବେଆଇନ ଓ ଦଣ୍ଡନୀୟ ଅପରାଧ ବୋଲି ନିକଟରେ ସଂସଦରେ ଗୃହୀତ ହେବା ପରେ ଆଇନରେ ପରିଣତ ହୋଇଛି। ଏଥିରେ ତିନିତଲାକ କହୁଥିବା ବ୍ୟକ୍ତିଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ମଧ୍ୟ କେତେକ ଲୋକ ଏବେ ବି ପୂର୍ବଭଳି ସ୍ତ୍ରୀଙ୍କୁ ନିର୍ଯାତନା ଦେଇଆସୁଛନ୍ତି। ଏଭଳି ଏକ ଘଟଣା ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ରବିବାର ଦେଖିବାକୁ ମିଳିଛି। ଜଣେ ମୁସଲିମ୍ ମହିଳାଙ୍କୁ ତାଙ୍କ ସ୍ୱାମୀ ୩ ଥର ଉଚ୍ଚାରଣ କରି ରବିବାର ତଲାକ୍ ଦେଇଛନ୍ତି। ଏନେଇ ମହିଳାଜଣକ ୪ ମାସର ଶିଶୁକନ୍ୟାକୁ ଧରି ନ୍ୟାୟ ପାଇଁ ଭୋଗରାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୁନାଧରବସାଣ ଗ୍ରାମର ଏହି ମହିଳା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବାପଘରୁ ୫୦ହଜାର ଟଙ୍କା ଆଣିବା ସକାଶେ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ବହୁଦିନରୁ ଦାବି କରି ଆସୁଥିଲେ। ତାଙ୍କ ବାପା ଗରିବ ହୋଇଥିବାରୁ ଦାବି ମୁତାବକ ଟଙ୍କା ଦେଇ ପାରି ନ ଥିଲେ। ଏଥିଲାଗି ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ମାରଧର କରି ନିର୍ଯାତନା ଦେଉଥିଲେ। ବାପଘରୁ ଟଙ୍କା ନ ଆଣିଲେ ତାଙ୍କୁ ତଲାକ୍ ଦେବେ ବୋଲି ତାଙ୍କ ସ୍ୱାମୀ ମଧ୍ୟ ଧମକ ଦେଇଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ସ୍ୱାମୀ ଗାଁରେ ଥିବା ମସ୍‌ଜିଦ୍ ନିକଟକୁ ଡାକି ନେଇ ତିନି ଥର ତଲାକ ଉଚ୍ଚାରଣ କରିଥିଲେ। ସେ ନେହୁରା ହୋଇଥିଲେ ମଧ୍ୟ ତାଙ୍କ କଥା ଶୁଣି ନ ଥିଲେ। ପରେ ଘରୁ ତଡି ଦେବାରୁ ସେ ନିରୁପାୟ ହୋଇ ୪ ମାସର ଶିଶୁକନ୍ୟାକୁ ଧରି ଘରୁ ଚାଲିଆସିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳାଙ୍କଠାରୁ ଲିଖିତ ଅଭିଯୋଗ ରଖାଯାଇଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ■ ଆଲର୍ଟ ଜାରି କଲା ଗୋଇନ୍ଦା ବ୍ୟୁରୋ

# ଇଦ୍‌ରେ ଆକ୍ରମଣ ଆଶଙ୍କା

**ନୂଆଦିଲ୍ଲୀ/ଶ୍ରୀନଗର,୧୧।୮ (ପି.ଟି./ଆଇଏଏନ୍ଏସ୍)**

- ■ ଇସ୍‌ଲାମିକ୍ ଷ୍ଟେଟ୍‌କୁ ଅସ୍ତ୍ର କରିଛି ଆଇଏସ୍‌ଆଇ
- ■ ଜେହାଦୀଙ୍କ ଟାର୍ଗେଟରେ ବସ୍ ଷ୍ଟପ୍, ରେଳ ଷ୍ଟେଶନ, ବିମାନବନ୍ଦର
- ■ ରିପୋର୍ଟ ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି



ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ରବିବାର ମୁତୟନ ଅର୍ଦ୍ଧସାମରିକ ଯବାନ।

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଭାରତ ବିରୋଧରେ ବିଷ ଓଗାଳୁଥିବା ପାକିସ୍ତାନ ରଚିଛି ଷଡ଼ଯନ୍ତ୍ର। ଇଦ୍-ଉଲ୍-ଜୁହା ପାଳନ ପାଇଁ ସୋମବାର ଉପତ୍ୟକା ସମେତ ଭାରତର ବିଭିନ୍ନ ସହର ଉତ୍ସବମୁଖର ହେବାକୁ ଥିବାବେଳେ ଆକ୍ରମଣ ପାଇଁ ଯୋଜନା କରିଛି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)। ଆଉ ଏହାକୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ସମର୍ଥନ ମିଳିଛି। ଏନେଇ ଗୋଇନ୍ଦା ବ୍ୟୁରୋ (ଆଇବି) ପକ୍ଷରୁ ରିପୋର୍ଟ ମିଳିବା ପରେ ଦେଶର ରାଜ୍ୟ ପୋଲିସ ମୁଖ୍ୟାଳୟଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି।

ମିଳିଥିବା ସୂଚନାନୁସାରେ ଆଇଏସ୍ ଏବଂ ପାକିସ୍ତାନ ସମର୍ଥିତ କଠୋରପନ୍ଥୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଦେଶର ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ କରିପାରନ୍ତି। ସେମାନଙ୍କ ଟାର୍ଗେଟରେ ବସ୍ ଷ୍ଟପ୍, ରେଳ ଷ୍ଟେଶନ, ବିମାନବନ୍ଦର ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଆଇଏସ୍ ଭାରତରେ ଆଖିଦୃଶିଆ କାୟାବିସ୍ତାର କରିପାରି ନ ଥିଲେ ହେଁ ଜମ୍ମୁ-କଶ୍ମୀର ସମ୍ପର୍କରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଏହାକୁ କ୍ରୋଧାନ୍ୱିତ କରିଛି। ତେଣୁ ସୋମବାର ଆକ୍ରମଣ କରି ପ୍ରତିଶୋଧ ନେବା ପାଇଁ ଆଇଏସ୍‌ଆଇ ଏହାର ଜେହାଦୀଙ୍କୁ ଉସୁକାଉଥିବା ଆଇବି ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ତାଲିବାନ ପକ୍ଷରୁ କେତେକ ସ୍ଥାନରେ ଆକ୍ରମଣ କରାଯାଇପାରେ ବୋଲି ଆଶଙ୍କା କରାଯାଉଥିଲା। ତେବେ ଆଫଗାନିସ୍ତାନ ସ୍ଥିତି ସହ ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନ ଯୋଡ଼ିବା ପାଇଁ ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହେଦ ଏକ ବିବୃତି ଜାରି କରି ପାକିସ୍ତାନକୁ ତାଗିଦ କରିବା ପରେ ଏଭଳି ଆଶଙ୍କା ଦୂର ହୋଇଛି।

ସେପଟେ ଉପତ୍ୟକାରେ ସ୍ୱାଭାବିକ ସ୍ଥିତି ଫେରୁଥିବାବେଳେ ଇଦ୍ ପାଳନ ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଇଦ୍ ଅବସରରେ ମସ୍‌ଜିଦଗୁଡ଼ିକରେ ସାମୂହିକ ପ୍ରାର୍ଥନା ପାଇଁ ଉପତ୍ୟକାବାସୀଙ୍କୁ ସୁଯୋଗ ଦିଆଯିବ। ଗୁଜବ ରୋକିବା ପାଇଁ ମୋବାଇଲ୍ ଓ ଲ୍ୟାଣ୍ଡ ଲାଇନ୍ ଉପରେ କଟକଣା ଜାରି କରାଯାଇଥିବାବେଳେ ଏହି ☞ ପୃଷ୍ଠା-୪

## ମିଛ ଖବର ପ୍ରସାରଣ କଲେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୧।୮(ଆଇଏଏନ୍ଏସ୍)**

କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ପରେ ଉପତ୍ୟକାରେ ଚାପା ଉତ୍ତେଜନା ଲାଗିରହିଛି। ଏଭଳି ସମ୍ବେଦନଶୀଳ ସମୟରେ କେତେକ ଗଣମାଧ୍ୟମ ମିଛ ଓ ମନଗଢ଼ା ଖବର ପ୍ରସାରଣ କରି ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡ଼ିବାରେ ଲାଗିଛନ୍ତି। ସେଗୁଡ଼ିକ ମଧ୍ୟରେ କେତେକ ସ୍ଥାନୀୟ ଓ ବିଦେଶୀ ମିଡିଆ ସମେତ ଇଂଲିଶ ନ୍ୟୁଜ୍ ୱେବ୍‌ସାଇଟ୍ ରହିଥିବା କୁହାଯାଉଛି। ବର୍ତ୍ତମାନ ସମ୍ପୃକ୍ତ ଗଣମାଧ୍ୟମଗୁଡ଼ିକୁ ଚିହ୍ନଟ କରାଯାଉଛି। ସେଗୁଡ଼ିକୁ ଆଇନଗତ ନୋଟିସ ଜାରି କରାଯିବ। ଆଉ ଦୋଷୀ ପ୍ରମାଣିତ ହେଲେ ବିଭ୍ରାଟ ସୃଷ୍ଟିକାରୀ ଗଣମାଧ୍ୟମ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ସିବିଏସ୍‌ଇ ବୋର୍ଡ ପରୀକ୍ଷା ଫି' ବୃଦ୍ଧି

**ନୂଆଦିଲ୍ଲୀ,୧୧।୮(ପି.ଟି.)**

- ■ ଏସ୍‌ସି/ଏସ୍‌ଟି ପିଲାଙ୍କ ଦେୟ ୨୪ ଗୁଣ ବଢ଼ିଲା
- ■ ଦୃଷ୍ଟିହୀନ ପିଲାଙ୍କ ପାଇଁ ନିଃଶୁଳ୍କ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫି' ବୃଦ୍ଧି କରିଛନ୍ତି। ଚଳିତ ବର୍ଷଠାରୁ ଏହି ବର୍ଦ୍ଧିତ ଫି' ଲାଗୁହେବ। ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ପିଲାଙ୍କ ଲାଗି ପରୀକ୍ଷା ଫି ୨୪ ଗୁଣ ବୃଦ୍ଧି ପାଇଛି। ସେମାନେ ପୂର୍ବରୁ ୫୦ ଟଙ୍କା ଦେଉଥିବାବେଳେ ଏଣିକି ୧୨୦୦ ଟଙ୍କା ଦେୟ ପୈଠ କରିବେ। ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି' ଦୁଇଗୁଣ କରାଯାଇଛି। ସେମାନଙ୍କୁ ଏଣିକି ୧୫୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ପୂର୍ବରୁ ସେମାନେ ପରୀକ୍ଷା ଫି' ବାବଦରେ ୭୫୦ ଟଙ୍କା ଦେଉଥିଲେ। ଦଶମ ବୋର୍ଡ ପରୀକ୍ଷା ଲାଗି ନବମ ଶ୍ରେଣୀରୁ ନାମ ପଞ୍ଜୀକରଣ କରିବାକୁ ହେବ। ସେହିପରି ଦ୍ୱାଦଶ ପରୀକ୍ଷା ଦେବାକୁ ଥିବା ପିଲାମାନେ ଏକାଦଶ ଶ୍ରେଣୀରୁ ପଞ୍ଜୀକୃତ ହେବେ। ଯେଉଁ ସ୍କୁଲଗୁଡିକରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି ସେମାନେ ପିଲାଙ୍କ ଠାରୁ ବର୍ଦ୍ଧିତ ଦେୟ ସଂଗ୍ରହ କରିବା ଲାଗି ସିବିଏସ୍‌ଇ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତିରିକ୍ତ ବିଷୟ ପରୀକ୍ଷା ଦେବା ପାଇଁ ଅନୁସୂଚିତ ଉପଜାତିର ଛାତ୍ରୀଛାତ୍ରଙ୍କୁ ଦେୟ ଦେବାକୁ ପଡୁ ନ ଥିଲା। ଏଣିକି ସେମାନଙ୍କୁ ଏଥିପାଇଁ ୩୦୦ ଟଙ୍କା ପୈଠ କରିବାକୁ ହେବ। ସାଧାରଣ ବର୍ଗର ପିଲା ପୂର୍ବରୁ ଅତିରିକ୍ତ ବିଷୟ ପାଇଁ ୧୫୦ ଟଙ୍କା ଦେଉଥିବାବେଳେ ଏଣିକି ୩୦୦ ଟଙ୍କା ପୈଠ କରିବେ। ୧୦୦ ପ୍ରତିଶତ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଫି' ଦେବାକୁ ପଡ଼ିବ ନାହିଁ। ଯେଉଁମାନେ ଶେଷ ତାରିଖ ପୂର୍ବରୁ ବର୍ଦ୍ଧିତ ପରୀକ୍ଷା ଦେୟ ପୈଠ କରିବାରେ ବିଫଳ ହେବେ ସେମାନଙ୍କ ନାମ ପଞ୍ଜୀକରଣ ହେବନାହିଁ ଏବଂ ସେହି ପିଲାମାନେ ୨୦୧୯-୨୦ ବର୍ଷ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

ପୂର୍ବରୁ ମାଇଗ୍ରେଶନ ଫି ୧୫୦ ଟଙ୍କା ଥିଲାବେଳେ ତାକୁ ୩୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଦେଶୀ ଛାତ୍ରୀଛାତ୍ର ଉଭୟ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୫ଟି ବିଷୟ ପାଇଁ ୧୦ ହଜାର ଟଙ୍କା ଜମା କରିବେ। ପୂର୍ବରୁ ସେମାନଙ୍କୁ ୫ ହଜାର ଟଙ୍କା ଦେବାକୁ ପଡୁଥିଲା। ଏହା ବ୍ୟତୀତ ଦ୍ୱାଦଶ ଶ୍ରେଣୀରେ ଅତିରିକ୍ତ ବିଷୟ ପାଇଁ ୨୦୦୦ ଟଙ୍କା ଦେବାକୁ ହେବ, ଯାହା ପୂର୍ବରୁ ୧୦୦୦ ଟଙ୍କା ଥିଲା।

# ଦୁଇଦିନ ପ୍ରବଳ ବର୍ଷା

- ■ ଘୂର୍ଣ୍ଣିବଳୟ ଆଜି ଲଘୁଚାପ ରୂପ ନେବ
- ■ ଉତ୍ତର ଓଡ଼ିଶାରେ ୩ଦିନ ବର୍ଷିପାରେ
- ■ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପୁଣି ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ସୋମବାର ସକାଳେ ଏହା ଲଘୁଚାପର ରୂପ ନେବ। ପ୍ରଭାବରେ ରବିବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ମୟୂରଭଞ୍ଜ, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, କେନ୍ଦୁଝର, ବାରିପଦା, ବଲାଙ୍ଗୀର, ଦେବଗଡ଼ ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୨ ମିଲିମିଟର ବର୍ଷା ହୋଇଥିବାବେଳେ ଝାରସୁଗୁଡ଼ାରେ ୧୭ ମିମି, ବାଲେଶ୍ୱରରେ ୯ ମିମି, ସୋନପୁରରେ ୩ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ସୋମବାର ଓ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ପୂର୍ବରୁ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଫେରି ଆସିବାକୁ କୁହାଯାଇଛି।

ପାଣିପାଗ କେନ୍ଦ୍ର ସୂଚନାନୁଯାୟୀ, ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନବରଙ୍ଗପୁର, ବରଗଡ଼ ଓ ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ମାଲକାନଗିରି, ରାୟଗଡ଼ା, ଢେଙ୍କାନାଳ ଓ ଅନୁଗୋଳ ସମେତ ଉପକୂଳ ଓଡ଼ିଶାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଜୁନ୍-ଜୁଲାଇ ମାସର ନିଅଣ୍ଟିଆ ବର୍ଷା ଭରଣା ହେବ। ପଶ୍ଚିମ ଓଡ଼ିଶା ତଥା ହୀରାକୁଦର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାକୁ ଥିବାରୁ ମହାନଦୀ ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବ। ତେବେ ଉତ୍ତର ଓଡ଼ିଶାରେ ଲଗାତର ତିନିଦିନ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏଠାରେ ସଙ୍ଗିନ ସ୍ଥିତି ଉପୁଜିପାରେ। ୧୩ରୁ ରାଜ୍ୟରେ ବର୍ଷା ପରିମାଣ କମିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

### ହୀରାକୁଦରେ ଜଳସ୍ତର ବୃଦ୍ଧି

ଅନ୍ୟପକ୍ଷରେ ଉପର ମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ଏବେ ଏହାର ଜଳସ୍ତର ୬୧୩.୫୨ ଫୁଟ୍‌ରେ ପହଞ୍ଚିଛି। ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୬ ହଜାର ୬୮୬ ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ୧୪ ହଜାର ୨୮୦ ଘନଫୁଟ ଜଳ ନିଷ୍କାସନ ହେଉଛି। ଆସନ୍ତା ୧୪ ତାରିଖରେ ହୀରାକୁଦ ଡ୍ୟାମ୍‌ର ପ୍ରଥମ ବନ୍ୟାଜଳ ଦିନ ୧୧ଟା ପରେ ଯେକୌଣସି ସମୟରେ ନିଷ୍କାସନ ହେବ। ବର୍ଷା ପରିମାଣ ଓ ସ୍ଥିତି ଦେଖି କେତୋଟି ଗେଟ୍ ଖୋଲାଯିବ ତାହା ଉକ୍ତ ଦିନ ହିଁ ସ୍ଥିର ହେବ।

**ଆଜିର ସମ୍ପାଦକୀୟ**

**ଅର୍ଥନୀତିକୁ ଦେଖ**

**ଆଜିର ମନ୍ତବ୍ୟ**

"ଅନୁଚ୍ଛେଦ ୩୭୦ ଉଚ୍ଛେଦ ରାଜନୈତିକ ନୁହେଁ, ବରଂ ଏକ ଜାତୀୟ ପ୍ରସଙ୍ଗ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ ବର୍ଷ ଜୁନ ମାସରେ ଦେଶର କୋଇଲା ଆମଦାନୀ ୨୯% ବୃଦ୍ଧି ଘଟି ୨୪.୧୪ ନିୟୁତ ଟନ୍ ଛୁଇଁଛି।

– କୋଇଲା ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 11.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 54 | 98 | 108 |
| BLS | 55 | 100 | 110 |
| ANG | 53 | 97 | 107 |
| BHM | 51 | 94 | 104 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers





ପବିତ୍ର ଇଦ୍-ଉଜ୍-ଜୁହା-୨୦୧୯ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)



ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା



ଇଦ୍-ଉଲ୍-ଜୁହା ଉପଲକ୍ଷେ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପାଳନ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଉତ୍ସର୍ଗ ଓ ସମର୍ପଣ ଭାବର ଏହି ପର୍ବ ଭାଇଚାରା ଓ ସାଂପ୍ରଦାୟିକ ସଦ୍‌ଭାବରେ ସମସ୍ତଙ୍କୁ ବାନ୍ଧି ରଖୁ, ଏହାହିଁ ମୋର କାମନା ।

(ରଘୁନନ୍ଦନ ଦାସ)
ଜଳସମ୍ପଦ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-13 15001/13/0021/1920



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାରୁ ଏଥିପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ରଜନୀକାନ୍ତ ଅଭିନନ୍ଦନ ଜଣାଇଛନ୍ତି। ଅଭିନେତାରୁ ରାଜନେତା ହୋଇଥିବା ରଜନୀକାନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କୁ ଭଗବାନ କୃଷ୍ଣ ଓ ଅର୍ଜୁନଙ୍କ ସହ ତୁଳନା କରିଛନ୍ତି।

# ପାକିସ୍ତାନ ପାଟିରେ ରକ୍ତଚାଉଳ

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୧୧।୮



- ଆର୍‌ଏସ୍‌ଏସ୍‌କୁ ନାଜି ସହ ତୁଳନା କଲେ ଇମ୍ରାନ୍
- କଶ୍ମୀରରେ ଗଣହତ୍ୟାର ଆଶଙ୍କା କଲେ
- ଇରାନର ସହାୟତା ଲୋଡ଼ିଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସମ୍ବିଧାନର ଅନୁଚ୍ଛେଦକୁ ୩୭୦ ହଟାଇ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ଛାନିଆ ହୋଇଯାଇଥିବା ପାକିସ୍ତାନ ଅନ୍ତର୍ଜାତୀୟ ସମୁଦାୟର ଦ୍ୱାରସ୍ଥ ହୋଇଥିଲା। ହେଲେ ଚାରିଆଡୁ ନିରାଶ ହେବା ପରେ ଏବେ ଭାରତ ବିରୋଧରେ ରକ୍ତଚାଉଳ ଚୋବାଇବାରେ ଲାଗିଛି ପଡ଼ୋଶୀ ଦେଶ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ପୂର୍ବରୁ ପୁଲୱାମା ଭଳି ଆକ୍ରମଣର ଧମକ ଦେଇ ଓ ଯୁଦ୍ଧଭୟ ଦେଖାଇଥିବାବେଳେ ରବିବାର ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ହିଟ୍‌ଲରଙ୍କ ନାଜି ସହ ତୁଳନା କରିଛନ୍ତି। ଏହାସହ ଜମ୍ମୁ-କଶ୍ମୀରରେ ଗଣହତ୍ୟାର ଆଶଙ୍କା ବ୍ୟକ୍ତ କରି ନିଜ ନୈରାଶ୍ୟଭାବକୁ ପ୍ରକଟ କରିଛନ୍ତି।

ପାକିସ୍ତାନ ମୁଖିଆ ଇମ୍ରାନ୍ ଖାନ୍ ରବିବାର କହିଛନ୍ତି, ଭାରତ କଶ୍ମୀରରେ ସମ୍ପ୍ରଦାୟ ଅଧାରରେ ଜନସଂଖ୍ୟାରେ ପରିବର୍ତ୍ତନ ପାଇଁ ଉଦ୍ୟମ କରୁଛି। ନାଜି ଆର୍ଯ୍ୟ ସହ ତୁଳନୀୟ ହିନ୍ଦୁତ୍ୱ ବିଚାରଧାରାର ଆର୍‌ଏସ୍‌ଏସ୍ କଶ୍ମୀରରେ ଆଧିପତ୍ୟ ବିସ୍ତାର କରୁଛି। ଏହାର ଚିନ୍ତାଧାରା ନାଜି ବିଚାରଧାରା ଦ୍ୱାରା ଅନୁପ୍ରାଣିତ। ସଂଘର କାର୍ଯ୍ୟ ଭାରତରେ ମୁସଲମାନଙ୍କୁ ଦମନ କରିବା ପାଇଁ ଉଦ୍ଦିଷ୍ଟ। ଏହା ଆଗକୁ ପାକିସ୍ତାନକୁ ଟାର୍ଗେଟ କରିବ। ଏଥିସହ କଶ୍ମୀରରେ ଏବେ କର୍ଫ୍ୟୁ ଓ କଟକଣା ଜାରି ହୋଇଥିବବେଳେ ଆଗକୁ ଗଣହତ୍ୟା କରାଯାଇପାରେ ବୋଲି ଇମ୍ରାନ୍ ଟୁଇଟ୍ କରିଛନ୍ତି। ମ୍ୟୁନିକ୍‌ରେ ଜର୍ମାନୀର ଏକଛତ୍ରବାଦୀ ଶାସକ ହିଟ୍‌ଲରଙ୍କ ଦମନଲୀଳା ଭଳି ବିଶ୍ୱ ସମୁଦାୟ ମୋଦି ଏବଂ ଆର୍‌ଏସ୍‌ଏସ୍‌ର କାର୍ଯ୍ୟକୁ ଦେଖି ନୀରବ ରହିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଶ୍ମୀର ପ୍ରସଙ୍ଗରେ କୌଣସି ଦେଶରୁ ସହଯୋଗ ନ ମିଳିବା ପରେ ସେ ଇରାନର ସମର୍ଥନ ଯୋଗାଡ଼ ପାଇଁ ଉଦ୍ୟମ କରିଛନ୍ତି। ଇମ୍ରାନ୍ ଇରାନ ରାଷ୍ଟ୍ରପତି ହାସନ୍ ରୌହାନିଙ୍କୁ ଫୋନ୍ କରି କଶ୍ମୀର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଉପତ୍ୟକାରେ ଭାରତର ପଦକ୍ଷେପ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମା ବିରୋଧୀ ବୋଲି ସେ ଅଭିହିତ କରିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଇମ୍ରାନ୍ ବ୍ରିଟେନ, ଆମେରିକା, ତୁର୍କୀ, ବାହାରିନ୍, ୟୁଏଇ, ଚାଇନା ଏବଂ ଜାତିସଂଘକୁ ଗୁହାରି କରିଥିଲେ ହେଁ କଶ୍ମୀର ବ୍ୟାପାରରେ ମୁଣ୍ଡ ଖେଳାଇବା ପାଇଁ ସମସ୍ତେ ମନା କରିଦେଇଛନ୍ତି।

## ‘୩୭୦ ଉଚ୍ଛେଦ ଜାତୀୟ ପ୍ରସଙ୍ଗ’



ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ।

ଚେନ୍ନାଇ,୧୧।୮(ଆଇଏଏନ୍‌ଏସ୍)

- ଆତଙ୍କବାଦର ଅନ୍ତ ଘଟାଇବ: ଶାହ
- ଉପରାଷ୍ଟ୍ରପତିଙ୍କ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ବରଂ ଜାତୀୟ ପ୍ରସଙ୍ଗ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଏହା ରାଷ୍ଟ୍ରର ଭବିଷ୍ୟତ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ଏହା ସମୟର ଆବଶ୍ୟକତା ଏବଂ ଏକ ଭଲ କଥା। ବିଲ୍ ଗୃହୀତ ହୋଇସାରିଥିବାରୁ ସେ ଏହା ଉପରେ କହିବାର ସ୍ୱାଧୀନତା ପାଇଥିବା ଭେଙ୍କାୟା କହିଛନ୍ତି। ଉପରାଷ୍ଟ୍ରପତି ଭାବେ ତାଙ୍କର ଦୁଇବର୍ଷର କାର୍ଯ୍ୟକାଳ ଉପରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ ଅବସରରେ ଭେଙ୍କାୟା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଉକ୍ତ ପୁସ୍ତକକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ରବିବାର ଉନ୍ମୋଚନ କରିଛନ୍ତି। ‘ଲିସନିଂ, ଲର୍ନିଂ ଆଣ୍ଡ୍ ଲିଡିଂ’ ନାମରେ ଏହି ପୁସ୍ତକରେ ୧୯ଟି ଦେଶକୁ ଭେଙ୍କାୟାଙ୍କ ଗସ୍ତ, ବିଭିନ୍ନ ସାଧାରଣ ଓ କୂଟନୈତିକ କାର୍ଯ୍ୟକ୍ରମ ସମେତ ରାଜ୍ୟ ସଭା ଅଧ୍ୟକ୍ଷ ଭାବେ ତାଙ୍କର ସଫଳତା ଓ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ ରହିଛି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ ଉଚ୍ଛେଦ ହୋଇଥିବାରୁ ଏହା ଆତଙ୍କବାଦର ପରିସମାପ୍ତି ଘଟାଇବା ସହ ଉକ୍ତ ଅଞ୍ଚଳରେ ବିକାଶର ଦ୍ୱାର ଉନ୍ମୁକ୍ତ କରିବ ବୋଲି ଏହି ଅବସରରେ ଶାହ କହିଥିଲେ। ସେ ଗୁଜରାଟ ବିଧାୟକ ଥିବାବେଳେ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ ହେବା ସପକ୍ଷରେ ଥିଲେ। ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ହେବା ପରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାର ପ୍ରଭାବକୁ ନେଇ ସେ ଆଦୌ ସନ୍ଦିହାନ ନ ଥିଲେ ବୋଲି କହିଛନ୍ତି। ଅନୁଚ୍ଛେଦ ୩୭୦ ନା କଶ୍ମୀର ପାଇଁ ଲାଭଦାୟକ ଥିଲା ନା ଦେଶ ପାଇଁ। ଏହା କଶ୍ମୀର ବିକାଶ ପଥରେ ପ୍ରତିବନ୍ଧକ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କର ଏକ ଦୁଃସାହସିକ ପଦକ୍ଷେପ ବୋଲି ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲ୍‌ଭମ କହିଛନ୍ତି। ଏହା ଦୀର୍ଘଦିନର ପ୍ରତୀକ୍ଷା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କର ମୁଖ୍ୟ ଦାବି ଥିଲା ବୋଲି ପନିରସେଲ୍‌ଭମ କହିଛନ୍ତି।

## ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ

**ଲାହୋର,୧୧।୮(ପି.ଟି.):** ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପଞ୍ଜାବକୁ ୪୦ ବର୍ଷ ଧରି ଶାସନ କରିଥିବା ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତିକୁ ଲାହୋରରେ ପାକିସ୍ତାନୀମାନେ ଭାଙ୍ଗିଦେଇଛନ୍ତି। ରଣଜିତ୍ ସିଂଙ୍କ ୧୮୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଲାହୋର ଦୁର୍ଗରେ ଗତ ଜୁନ୍‌ରେ ବ୍ରିଟେନର ଶିଖ୍ ହେରିଟେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ୯ ଫୁଟ୍ ଉଚ୍ଚତା



ବିଶିଷ୍ଟ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଅଭିଯୋଗରେ ପୋଲିସ ମୌଲାନା ଖାଦିମ୍ ରିଜ୍‌ଭୀଙ୍କ ନେତୃତ୍ୱାଧୀନ ତେହରିକ୍-ଲବିକ୍ ପାକିସ୍ତାନ ସଙ୍ଗଠନର ଦୁଇଜଣଙ୍କୁ ଗିରଫ କରିଛି। କଶ୍ମୀର ସମ୍ପର୍କରେ ଭାରତର ସଦ୍ୟ ନିଷ୍ପତ୍ତିକୁ ନେଇ ପାକିସ୍ତାନୀମାନେ କେତେ ବିଚଳିତ ହୋଇଯାଇଛନ୍ତି ଏହି କୁକାର୍ଯ୍ୟରୁ ତାହା ସ୍ପଷ୍ଟ ହେଉଛି। ଶିଖ୍ ସାମ୍ରାଜ୍ୟର ପ୍ରଥମ ଶାସକ ରଣଜିତ୍ ସିଂ ୧୮୩୯ରେ ପ୍ରାଣ ହରାଇଥିଲେ।

## ମାଗ୍‌ସେସେ ବିଜେତା ସନ୍ଦୀପ ଗୃହବନ୍ଦୀ

**ଲକ୍ଷ୍ନୌ, ୧୧।୮(ଆଇଏଏନ୍‌ଏସ୍):** ସାମାଜିକ କର୍ମୀ ତଥା ମାଗ୍‌ସେସେ ପୁରସ୍କାରପ୍ରାପ୍ତ ସନ୍ଦୀପ ପାଣ୍ଡେଙ୍କୁ ରବିବାର ଗୃହବନ୍ଦୀ କରାଯାଇଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯିବା ଘଟଣାକୁ ସେ ବିରୋଧ କରି ଧାରଣା ଦେବା ଲାଗି ଘୋଷଣା କରିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ରବିବାର ସନ୍ଧ୍ୟାରେ ସେ ଜିପିଓ ପାର୍କ ନିକଟରେ ଧାରଣା ଦେବା ଲାଗି ଘୋଷଣା କରିବା ପରେ ପୋଲିସ ତାଙ୍କ ଘରକୁ ଯାଇ ଗୃହବନ୍ଦୀ କରିଥିଲା। ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ନିଷେଧାଦେଶ ରହିଥିବାରୁ ଏଭଳି ଧାରଣାକୁ ଅନୁମତି ମିଳିବ ନାହିଁ ବୋଲି ପୋଲିସ କହିଥିଲା। ନିଷେଧାଦେଶ ଉଠିବା ପରେ ଧାରଣା ଦିଆଯିବ ବୋଲି ସନ୍ଦୀପ କହିଥିଲେ ହେଁ କିଛି ଶୁଣାଯାଇ ନ ଥିଲା। ସନ୍ଦୀପଙ୍କ ସ୍ତ୍ରୀ ଅରୁନ୍ଧତୀ ଧୁରୁଙ୍କୁ ମଧ୍ୟ ଗୃହବନ୍ଦୀ କରି ରଖାଯାଇଛି।

୩୭୦ ଉଚ୍ଛେଦକୁ ବିରୋଧ



## କମଲନାଥଙ୍କ ପୁତୁରାଙ୍କ ୩୦୦ କୋଟିର ବଙ୍ଗଳା ଜବତ

**ନୂଆଦିଲ୍ଲୀ,୧୧।୮:** ବେନାମୀ ସମ୍ପତ୍ତି ରଖିବା ମାମଲାରେ ଆୟକର ବିଭାଗ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତୁରା ରାତୁଲ ପୁରୀଙ୍କର ଦିଲ୍ଲୀରେ ଥିବା ୩୦୦ କୋଟି ଟଙ୍କାର ବଙ୍ଗଳା ସମେତ ୪୦ ନିୟୁତ ଡଲାର ମୂଲ୍ୟର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)କୁ ଜବତ କରିଛି। ଆୟକର ବିଭାଗ ଗତ ଏପ୍ରିଲ ମାସରେ ଚଢ଼ାଉ କରି ରାତୁଲ ୧୩୫୦ କୋଟି ଟଙ୍କାର ଟିକସ ଫାଙ୍କିଥିବା ଜାଣିବାକୁ ପାଇଥିଲେ। ବେନାମୀ ସମ୍ପତ୍ତି ନିରୋଧୀ ଆଇନରେ ତାଙ୍କ ବିରୋଧରେ ତଦନ୍ତ ଜାରି ରହିଥିଲା। ଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ଲୁଟେନ୍‌ସ ଜୋନ୍‌ରେ ଥିବା ୨୭ଏ, ଏପିଜେ ଅବ୍ଦୁଲ୍ କଲାମ ରୋଡ୍‌ରେ ରାତୁଲଙ୍କର ବଙ୍ଗଳା ରହିଛି। ଏହି ବଙ୍ଗଳା ରାତୁଲଙ୍କ ବାପା ଦୀପକ ପୁରୀଙ୍କ ମାଲିକାନାରେ ଥିବା ମୋସର୍ ବାଏର ଗ୍ରୁପ୍ ନାମରେ ରହିଛି। ଏହାବ୍ୟତୀତ ଅଗୁସ୍ତା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ମଧ୍ୟ ରାତୁଲ ସମ୍ପୃକ୍ତ ରହିଛନ୍ତି। ଏହି କାରବାରରେ ମନିଲଣ୍ଡରିଂ ମାମଲାରେ ରାତୁଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଚଳାଇଛି।



ରାତୁଲ ପୁରୀ



ଇଦ୍-ଉଲ୍-ଜୁହା ପାଇଁ ହାତରେ ମେହେନ୍ଦି ଲଗାଇଛନ୍ତି ଜମ୍ମୁର ଜଣେ ମୁସ୍‌ଲିମ୍ ଝିଅ।

## ୟେମେନ୍‌ରେ ସଂଘର୍ଷ: ୪୦ ନିହତ

ଦୁବାଇ,୧୧।୮(ଏଏଫ୍‌ପି)

ୟେମେନ୍‌ର ଆଡେନ୍ ସହରରେ ସରକାର ସପକ୍ଷବାଦୀ ବାହିନୀ ଓ ବିଚ୍ଛିନ୍ନତାବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ୪୦ ଜଣ ନିହତ ହୋଇଥିବାବେଳେ ୨୬୦ ଜଣ ଆହତ ହୋଇଛନ୍ତି। ୮ ତାରିଖରୁ ଉକ୍ତ ସହରରେ ଉତ୍ତେଜନା ଓ ହିଂସାକାଣ୍ଡ ଲାଗି ରହିଛି। ଇଦ୍ ପାଳନବେଳେ ମୃତକଙ୍କ ପରିବାରରେ ଶୋକପାଳନ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ବୋଲି ଜାତିସଂଘ ମାନବୀୟ ଆବାହକ ଲିସେ ଗ୍ରାଣ୍ଡେ କହିଛନ୍ତି। ଆହତମାନଙ୍କ ଚିକିତ୍ସା ଲାଗି ଜାତିସଂଘ ପକ୍ଷରୁ ଡାକ୍ତରୀ ଦଳ ପଠାଯାଇଛି। ଘରୁ ବାହାରିପାରୁ ନ ଥିବା ଲୋକମାନେ ଭୋକଉପାସରେ ଦିନ କାଟୁଥିବା ଜଣାପଡିଛି।

## ଅବେଳରେ କଂଗ୍ରେସକୁ ସୋନିଆ ସାହା

ନୂଆଦିଲ୍ଲୀ,୧୧।୮

ଚଳିତବର୍ଷ ଶେଷ ଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ସୋନିଆ ଗାନ୍ଧୀ କଂଗ୍ରେସର ନେତୃତ୍ୱ ନିଜ ହାତକୁ ନେଇଛନ୍ତି। ଖରାପ ସମୟରେ ଦଳର ମୁଖ୍ୟ ତ୍ରାଣକର୍ତ୍ତ୍ରୀ ଭାବେ ସେ ପୁଣିଥରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ବିରୋଧ ଦଳଗୁଡ଼ିକୁ ଏକାଠି କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି କୁହାଯାଉଛି।



୧୯ ବର୍ଷ କଂଗ୍ରେସର ନେତୃତ୍ୱ ନେଇ ସୋନିଆ କେନ୍ଦ୍ରରେ ଦୁଇଥର ଦଳକୁ କ୍ଷମତାକୁ ଆଣିବା ସହ ବିଭିନ୍ନ ରାଜ୍ୟରେ ଦଳକୁ କ୍ଷମତାସୀନ କରାଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ୨୦୧୭ରେ ସେ ନେତୃତ୍ୱରୁ ଓହରିଯାଇ ରାହୁଲ ଗାନ୍ଧୀଙ୍କୁ ଦଳର ଅଧ୍ୟକ୍ଷ କରାଇଥିଲେ। ଏହାର ୨୦ ମାସ ପରେ ୭୨ ବର୍ଷୀୟା ସୋନିଆ ପୁଣିଥରେ କଂଗ୍ରେସର ଲଗାମ ନିଜ ହାତକୁ ନେଇଛନ୍ତି। ଶନିବାର ରାତିରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ତାଙ୍କୁ ସର୍ବସମ୍ମତିକ୍ରମେ ଦଳର ଅନ୍ତରୀଣ ଅଧ୍ୟକ୍ଷ ବଛାଯାଇଥିଲା। ତାଙ୍କର ଦୀର୍ଘ ଅଭିଜ୍ଞତା ଓ ନେତୃତ୍ୱ ୧୩୪ ବର୍ଷର ସର୍ବପୁରାତନ ଦଳର ପୂର୍ବ ଗୌରବ ଫେରାଇଆଣିବ ବୋଲି ଆଶା କରାଯାଉଛି।

ଗାନ୍ଧୀ ପରିବାରର ରାଜନୈତିକ ଉତ୍ତରାଧିକାରୀ ହୋଇ ନ ପାରନ୍ତି ବୋଲି ଏକଦା ବିଚାର କରାଯାଉଥିବା ସୋନିଆ ଦଳର ସର୍ବାଧିକ ସମୟ ଅଧ୍ୟକ୍ଷ ରହିବାର ପରିଚୟ ହାସଲ କରିଛନ୍ତି। ଯେତେବେଳେ ସେ ଅବସର ନେବାକୁ ନିଷ୍ପତ୍ତି ନେଲେ ଏବଂ କଂଗ୍ରେସର ନେତୃତ୍ୱ ରାହୁଲ ଗାନ୍ଧୀଙ୍କ ହାତରେ ଦେଲେ, ତାଙ୍କୁ ପୁଣି ଥରେ ଫେରିବାକୁ ହେବ ବୋଲି କେତେକ ବିଶ୍ୱାସ କରୁଥିଲେ। କାରଣ ପ୍ରତି ନିର୍ବାଚନ ପରେ ଦଳର ସ୍ଥିତି ଅଧିକରୁ ଅଧିକ ଖରାପ ହେବାରେ ଲାଗିଥିଲା। ଗତ ଲୋକ ସଭା ନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ନୈତିକ ଦୃଷ୍ଟିରୁ ନିଜକୁ ଦାୟୀ କରି ରାହୁଲ ଅଧ୍ୟକ୍ଷରୁ ଓହରିଯିବା ଓ ନିଜ ନିଷ୍ପତ୍ତିରେ ଅଟଳ ରହିବା ଦଳ ପାଇଁ ଆଶୀର୍ବାଦ ହେଲା ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି। ତେବେ ଗାନ୍ଧୀ ପରିବାର ବାହାରେ ନେତା ଚୟନ କରିବା କଂଗ୍ରେସ ପାଇଁ ସମ୍ଭବ ନୁହେଁ ବୋଲି ସମାଲୋଚକମାନେ କହିଛନ୍ତି। କେବେ ନେତା ନିର୍ବାଚନ ହେବ ତାହା ସ୍ଥିର ହୋଇ ନ ଥିବାରୁ ସୋନିଆ ଦୀର୍ଘଦିନ ଅନ୍ତରୀଣ ଅଧ୍ୟକ୍ଷ ରହିପାରନ୍ତି ବୋଲି କୁହାଯାଉଛି।

## ଗୋମାଂସ ପରିବେଷଣ ପାଇଁ ବାଧ କରୁଛି ଜୋମାଟୋ

କୋଲକାତା,୧୧।୮

ଖାଦ୍ୟରେ ଗୋମାଂସ କିମ୍ବା ଘୁଷୁରି ମାଂସ ଥିଲେ ସେମାନେ ଯୋଗାଣ କରିବେ ନାହିଁ ବୋଲି କୋଲକାତାର ଜୋମାଟୋ କର୍ମଚାରୀମାନେ କହିବା ସହ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ଲାଗି ଯୋଜନା କରିଛନ୍ତି। ‘ଜୋମାଟୋର ଦାଦାଗିରି ଚଳିବ ନାହିଁ’ ସ୍ଲୋଗାନ ଦେଇ ସେମାନେ ଖାଦ୍ୟ ଯୋଗାଣକାରୀ ଆପ୍ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ହିନ୍ଦୁ କର୍ମଚାରୀମାନେ ଗୋମାଂସ ଥିବା ଖାଦ୍ୟ ପରିବେଷଣ ପାଇଁ ଅନାଗ୍ରହୀ ଥିବାବେଳେ ମୁସଲମାନ କର୍ମଚାରୀମାନେ ଘୁଷୁରି ମାଂସ ଥିବା ଖାଦ୍ୟ ପରିବେଷଣ କରିବାକୁ ଚାହୁଁନାହାନ୍ତି। ସେମାନଙ୍କ ଦାବି ପ୍ରତି କମ୍ପାନୀ କର୍ଣ୍ଣପାତ ନ କରି ଗୋମାଂସ ଓ ଘୁଷୁରି ମାଂସ ପରିବେଷଣ ଲାଗି ବାଧ କରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

କର୍ମଚାରୀଙ୍କ ଅଭିଯୋଗ



## ଇତିହାସର ଆଇନାରେ

### ଅଗଷ୍ଟ ୧୨ର ପ୍ରମୁଖ ଘଟଣା

୧୯୭୮ ଅଗଷ୍ଟ ୧୨ରେ ଜାପାନ ଓ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ମଧ୍ୟରେ ଶାନ୍ତି ଓ ବନ୍ଧୁତ୍ୱ ସନ୍ଧି ହୋଇଥିଲା। ବେଜିଂରେ ଏହି ସନ୍ଧିରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ ହୁଆଙ୍ଗ ହୁଆ ଏବଂ ଜାପାନ ପ୍ରତିପକ୍ଷ ସୁନାଓ ସୋନୋଡା ସ୍ୱାକ୍ଷର କରିଥିଲେ ଏବଂ ସେହିବର୍ଷ ଅକ୍ଟୋବର ୨୩ରୁ କାର୍ଯ୍ୟକାରୀ ହୋଇଥିଲା। ଫଳରେ ଦୁଇ ଦେଶର ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ନୂଆ ଅଧ୍ୟାୟ ସୃଷ୍ଟି ହୋଇଥିଲା।

୧୯୮୫ ଅଗଷ୍ଟ ୧୨ରେ ଜାପାନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୫୨୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଟୋକିଓର ହାନେଡା ବିମାନବନ୍ଦରରୁ ଓସାକା ଅନ୍ତର୍ଜାତୀୟ ଏୟାରପୋର୍ଟ ଅଭିମୁଖେ ଯାଉଥିବା ବୋଇଂ ୭୪୭-୧୪୬ଏସ୍‌ଆର ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ତାହା ଉଡାଣର ୩୨ ମିନିଟ ପରେ ଟକମାଗାହରା ପର୍ବତଶୃଙ୍ଗରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଯୁଦ୍ଧପ୍ରିୟ ନୁହେଁ, ଦେଶଭକ୍ତ

**ଲସ୍ ଆଞ୍ଜେଲ୍ସ :** ମୁଁ ଯୁଦ୍ଧପ୍ରିୟ ନୁହେଁ, ବରଂ ଜଣେ ସଚ୍ଚୋଟ ଦେଶଭକ୍ତ ବୋଲି ଆମେରିକାର ଲସ୍ ଆଞ୍ଜେଲ୍ସରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ ଜଣେ ପାକିସ୍ତାନୀ ମହିଳା ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେଇ ଭାରତୀୟ ସିନେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି।

ଜାତିସଂଘର ଗୁଡ୍‌ୱିଲ୍ ଆମ୍ବାସାଡର ହୋଇ ପ୍ରିୟଙ୍କା ପାକିସ୍ତାନ ବିପକ୍ଷରେ ଅଣୁଯୁଦ୍ଧକୁ ପ୍ରୋତ୍ସାହନ କରୁଥିବା ପାକିସ୍ତାନ ମହିଳା ପ୍ରଶଂସକ ଅଭିଯୋଗ କରିଥିଲେ। ପ୍ରକାଶଥାଉ କି, ପାକିସ୍ତାନର ବାଲାକୋଟ୍‌ସ୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ଯୁଦ୍ଧବିମାନର ସଫଳ ଆକ୍ରମଣ ପରେ ଗତ ଫେବୃୟାରୀ ୨୬ରେ ପ୍ରିୟଙ୍କା ଟୁଇଟ୍ କରି ଭାରତୀୟ ବାୟୁସେନାକୁ ଅଭିନନ୍ଦନ ଜଣାଇଥିଲେ। ଏହାକୁ ନେଇ ଲସ୍ ଆଞ୍ଜେଲ୍ସରେ ପାକିସ୍ତାନ ମହିଳା ଜଣକ କହିଥିଲେ, ସେ ପ୍ରିୟଙ୍କାଙ୍କ ଜଣେ ବଡ଼ ପ୍ରଶଂସକ ହୋଇଥିଲେ ହେଁ ତାଙ୍କର ଏଭଳି ଟୁଇଟ୍ କରିବା ଠିକ୍ ନ ଥିଲା। ତେବେ ସେ ଯୁଦ୍ଧକୁ ଉତ୍ସାହିତ କରୁନାହାନ୍ତି କି ଯୁଦ୍ଧପ୍ରିୟ ନୁହନ୍ତି ବୋଲି ପ୍ରଶ୍ନର ଉତ୍ତର ଦେଇ ପ୍ରିୟଙ୍କା କହିଥିଲେ।



ପ୍ରିୟଙ୍କା ଚୋପ୍ରା

## ୪ ରାଜ୍ୟରେ ବନ୍ୟା ନେଲାଣି ୧୪୦ ଜୀବନ

ଥିରୁଭାନନ୍ଥପୁରମ୍ / ବେଙ୍ଗାଲୁରୁ,୧୧।୮(ପି.ଟି.)

### କେରଳରେ ରାହୁଲ, କର୍ଣ୍ଣାଟକରେ ଶାହ କଲେ ସ୍ଥିତି ସମୀକ୍ଷା

ଲାଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତି ଭୟଙ୍କର ହୋଇପଡ଼ିଛି। କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜରାଟରେ ସ୍ଥିତି ଗମ୍ଭୀର ରହିଥିବାବେଳେ ମୃତ୍ୟୁସଂଖ୍ୟା ୧୪୦ ଟପିଛି। କେରଳରେ ଅଗଷ୍ଟ ୮ରୁ ଅଦ୍ୟାବଧି ଏହି ବନ୍ୟାରେ ୬୪ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ରାଜ୍ୟର ପ୍ରାୟ ୨ ଲକ୍ଷ ୨୭ ହଜାର ଲୋକ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ରବିବାର ସକାଳେ ବରିଷ୍ଠ ଅଧିକାରୀଙ୍କ ସହ ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି। ବର୍ଷା କମିଥିଲେ ହେଁ ଭୂସ୍ଖଳନର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ ରହିବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କନ୍ନୁର, କାସରାଗଡ଼ ଓ ୱାୟନାଡ଼ ଜିଲାରେ ରେଡ୍‌ଆଲର୍ଟ ଜାରି କରାଯାଇଛି। ବିଭିନ୍ନ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ଚିନ୍ତାର କାରଣ ନୁହେଁ ବୋଲି ବିଜୟନ୍ ପ୍ରକାଶ କରିଛନ୍ତି। ୱାୟନାଡ଼ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଅପରାହ୍ନରେ ଦୁଇଦିନିଆ କେରଳ ଗସ୍ତରେ ଆସି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସହ ସ୍ଥିତି ସମୀକ୍ଷା ଆରମ୍ଭ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀ ୱାୟନାଡ଼ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେ ବିଭିନ୍ନ ରିଲିଫ କ୍ୟାମ୍ପ ଯିବାର କାର୍ଯ୍ୟକ୍ରମ ରହିଛି। କୋଟ୍ଟାକାଲ୍, ନିଲମ୍ବୁର, ମମ୍‌ବାଦ୍, ଇଙ୍ଗାଭାନାପାର ରିଲିଫ କ୍ୟାମ୍ପ ବୁଲିଦେଖିବା ପରେ ମାଲାପୁରମ୍‌ଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ସୋମବାର ସେ ୱାୟନାଡ଼ର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନ ବନ୍ଦ ରହିବା ପରେ ରବିବାର ଅପରାହ୍ନରେ କୋଚି ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଛି। ତେବେ କେତେକ ରେଳସେବା ବନ୍ଦ ରହିଛି। ନୌସେନା, ତଟରକ୍ଷୀ ବାହିନୀ, ଏନ୍‌ଡିଆର୍‌ଏଫ୍, ସ୍ଥାନୀୟ ପୋଲିସ, ସ୍ୱେଚ୍ଛାସେବୀମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ପ୍ରକାଶ।

ସେହିଭଳି କର୍ଣ୍ଣାଟକରେ ଗତ ୪ ଦିନ ଭିତରେ ରାଜ୍ୟରେ ବନ୍ୟା ମୃତ୍ୟୁସଂଖ୍ୟା ୩୩କୁ ବୃଦ୍ଧି ପାଇଥିବାବେଳେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆକାଶ ମାର୍ଗରୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଦେଖିଛନ୍ତି। ଏକ ସ୍ୱତନ୍ତ୍ର ବିମାନରେ ଶାହ ଆସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ବେଳାଗାଭି ଅଞ୍ଚଳର ସ୍ଥିତି ସମୀକ୍ଷା କରିଥିଲେ। ତାଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଦୁରପ୍ପା, କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, ସୁରେଶ ଅଙ୍ଗଦି, ଏମ୍‌ପି ପ୍ରଭାକର କୋରେ, ବିଧାୟକ ଉମେଶ କାଟ୍ଟୀ ଥିଲେ। ରାଜ୍ୟର ୧୭ ଜିଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ବେଲଗାଭିକୁ ଛାଡ଼ି ବାଗଲ୍‌କେଟେ, ଗଡ଼କ୍, ଉତ୍ତର କନ୍ନଡ଼ ରାଇଚୁର, ୟାଦିଗିର୍, ଦକ୍ଷିଣ କନ୍ନଡ଼, ଉଡୁପି, ଚିକ୍କାମାଗାଲୁରୁ, କୋଡ଼ାଗୁ ଜିଲା କ୍ଷତିଗ୍ରସ୍ତ ହୋଇଥିବା ପ୍ରକାଶ। ଗୁଜରାଟରେ ମଧ୍ୟ ସ୍ଥିତି ଜଟିଳ ରହିଛି। ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଥିବାବେଳେ ମୃତ୍ୟୁସଂଖ୍ୟା ରାଜ୍ୟରେ ୩୨ରେ ପହଞ୍ଚିଛି। ସୌରାଷ୍ଟ୍ର ଓ କଚ୍ଛରେ ବର୍ଷାର ତାଣ୍ଡବ ଜାରିରହିଛି। ସମୁଦ୍ରକୁ ଯାଇଥିବା ୨୦ ମତ୍ସ୍ୟଜୀବୀଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ଭାରତୀୟ ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ଲାଗି ସତର୍କ ସୂଚନା ଜାରି କରିଥିବାରୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ମହାରାଷ୍ଟ୍ରରେ ବର୍ଷାଜନିତ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଥିବାବେଳେ ପରିସ୍ଥିତି ଉଗ୍ରରୂପ ଧାରଣ କରିଛି।


LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
BAJAJ
ମହଙ୍ଗାଇ ରୁ ମୁକ୍ତି
ସଗର୍ବେ ନେଇ ଯାଆନ୍ତୁ ନିଜ ଯାନ ମାତ୍ର ₹999/-* ରେ ।
ଡାଉନ୍ ପେମେଣ୍ଟ ₹999/-*
CT
ଡାଉନ୍ ପେମେଣ୍ଟ ₹1 199/-*
PLATINA
ଡାଉନ୍ ପେମେଣ୍ଟ ₹4 999/-*
pulsar
ନ୍ୟୂନ ଡାଉନ୍ ପେମେଣ୍ଟ Discover ଓ Avenger ଲାଗି ମଧ୍ୟ ମିଳୁଛି ।
ସ୍କିମ୍ 31 ଅଗଷ୍ଟ 2019 ପର୍ଯ୍ୟନ୍ତ ବୈଧ ।
Call 7219821111 | For Institutional / Bulk orders, please send an e-mail to corporatesales@bajajauto.co.in
ସର୍ତ୍ତ ଓ ନିୟମାବଳୀ ଲାଗିବ । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/999offer । ସ୍କିମ୍ ବଜାଜ ଅଟୋ ଫାଇନାନ୍ସ ସହିତ CT, Platina, Pulsar 150, Discover ଓ Avenger ର ସବୁ ମଡେଲ ସକାଶେ ବୈଧ, କେବଳ ବଛା ବଛା ଅଞ୍ଚଳରେ । ବତାଯାଇଥିବା ରାଶି ଯଥାକ୍ରମେ CT, Platina ଓ Pulsar ପାଇଁ ଅନ୍ୟୁନ ଡାଉନ୍ ପେମେଣ୍ଟ ଅଟେ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ ସୁଧାରିବାର ବା କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି ।
BAJAJ FINANCE LTD - AF
Authorised Dealers for BAJAJ Auto Ltd.: Jeypore: KALINGA AUTO BAJAJ 7752014014 • Bhawanipatna KALINGA BAJAJ 8895088261 • Bolangir URBASI BAJAJ 7381052046 • Rayagada SITA RAMA BAJAJ – 7205631185. Authorised Service Centre: Junagarh 9437092196, Muniguda 9437459090,Rajkhariar 9437072917, Udyanbandh 9556386416, Khariar Road 9437188542, Titilagarh 9437224027, Patnagarh 9937301752, Kantabanji 9439277555, Umorkote 9556165165, Kalimela 9668467486, Saintala- 8114662939/9658030100, Kesinga- 6371162632, Kotpad 9437791919, Simliguda 8328854352

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଠାକୁର ଦାସ ଭୋଜୱାନୀ
ପରିବାରବର୍ଗ


ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୁଇ ହକି ଖେଳାଳିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁଆଁରମୁଣ୍ଡା,୧୧।୮(ଡି.ଏନ୍.ଏ.)**

ଓଡ଼ିଶା ସୀମାନ୍ତ ଝାଡଖଣ୍ଡର ସିମଡେଗା ଜିଲା ବିରୁ ଥାନା ଆରାନିଗ୍ରାମ ନିକଟ ଏକ ପଡିଆରେ ଥିବା ଗଛରୁ ରବିବାର ସକାଳେ ଦୁଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ଦ୍ୱୟ ହେଉଛନ୍ତି ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବୀରମିତ୍ରପୁର ନ୍ୟୁ ଲାଇଟ୍ ସ୍କୁଲ ନିକଟରେ ରହୁଥିବା ଶ୍ରଦ୍ଧାଶାଳିନୀ ସୋରେଙ୍ଗ (୧୫) ଓ ଝାଡଖଣ୍ଡ ବାଂଶଯୋର ଥାନା ଅଞ୍ଚଳର ସୁନନ୍ଦିନୀ ବାଗେ(୨୩)। ଶ୍ରଦ୍ଧାଶାଳିନୀ ବୀରମିତ୍ରପୁରର ଏକ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ବେଳେ ସୁନନ୍ଦିନୀ ଝାଡ଼ଖଣ୍ଡର ବାଂଶଯୋର ଅଞ୍ଚଳର ଏକ କଲେଜରେ +୨ ପଢୁଥିଲେ। ଉଭୟ ଛାତ୍ରୀ ଖେଳାଳି। ସେମାନେ ହକି ସହିତ ଅନ୍ୟ ଖେଳ ମଧ୍ୟ ଖେଳୁଥିଲେ।

**ବନ ବିଭାଗର ହାତୀ ସୁରକ୍ଷା ଫେଲ୍**

# ୮ବର୍ଷରେ ମଲେଣି ୫୪୮ହାତୀ

**ଅସମାପିକା ସାହୁ**
**ଭୁବନେଶ୍ୱର, ୧୧।୮**




ଆଜି ବିଶ୍ୱ ହସ୍ତୀ ଦିବସ। ଐତିହ୍ୟ ପ୍ରାଣୀ ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨କୁ ହସ୍ତୀ ଦିବସ ଭାବେ ପାଳନ କରାଯାଇ ଆସୁଛି। ୨୦୧୨ରୁ ଆରମ୍ଭ ହୋଇଥିବା ଏହି ଦିବସଟିକୁ ହାତୀଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ସଚେତନତା ସୃଷ୍ଟି ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହାତୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଓଡ଼ିଶାରେ ଏହାର ବାସ୍ତବତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ବର୍ଷ ବର୍ଷ ଧରି ହାତୀ-ମଣିଷ ଲଢ଼େଇ ଜାରି ରହିଥିବାବେଳେ କେତେବେଳେ ହାତୀ ତ ପୁଣି କେବେ ମଣିଷର ଜୀବନ ଯାଉଛି। ସେହିଭଳି ଟ୍ରେନ୍ ଧକ୍କା, ବିଦ୍ୟୁତ୍ ଆଘାତରେ ବହୁ ହାତୀଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ରାଜ୍ୟରେ ହାତୀ ଶିକାର ମଧ ବଢ଼ି ଚାଲିଛି। ପ୍ରାକୃତିକ ବାସସ୍ଥଳ ଅଭାବ ହାତୀବଂଶ ପାଇଁ ବିପଦ ସାଜିଛି। ବହୁ ହାତୀ ଶାବକଙ୍କ ଅକାଳ ମୃତ୍ୟୁ ମଧ ଘଟୁଛି। ଏପରିସ୍ଥଳେ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗ ଫେଲ୍ ମାରିଥିବା ବାରିହୋଇପଡୁଛି। ଏମିତି ପ୍ରସଙ୍ଗକୁ ନେଇ ହସ୍ତୀ ଦିବସ ଉପଲକ୍ଷେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।

ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୨ ଗଣନାରେ ହାତୀ ସଂଖ୍ୟା ୧୯୩୦ ଥିବାବେଳେ ୨୦୧୫ରେ ୧୯୫୪ ଓ ୨୦୧୭ରେ ଏହା ବୃଦ୍ଧି ପାଇ ୧୯୭୬ରେ ପହଞ୍ଚିଛି। ହାତୀ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ପ୍ରତିବର୍ଷ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ଗତ ୮ବର୍ଷରେ ରାଜ୍ୟରେ ମୋଟ ୫୪୮ହାତୀ ମରିଛନ୍ତି। ୨୦୧୧-୧୨ରେ ୬୮ ହାତୀ ମରିଥିବାବେଳେ ୨୦୧୨-୧୩ରେ ୮୨, ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୫, ୨୦୧୫-୧୬ରେ ୮୫, ୨୦୧୬-୧୭ରେ ୭୫, ୨୦୧୭-୧୮ରେ ୭୮ ଓ ୨୦୧୮-୧୯ରେ ୩୫ ହାତୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟ କହୁଛି।

ରିପୋର୍ଟ ଅନୁସାରେ, ଶିକାରରେ ୩୦ ହାତୀ ମରିଥିବାବେଳେ ବିଷଜନିତ କାରଣରୁ ୯, ବିଦ୍ୟୁତ୍ ଆଘାତରେ ୭୦ ହାତୀଙ୍କ ଜୀବନ ଯାଇଛି। ତେବେ ବିଦ୍ୟୁତ୍‌ଜନିତ ମୃତ୍ୟୁ ଦୁଇ ପ୍ରକାର ହୋଇଥାଏ। ଗୋଟିଏ ଆକସ୍ମିକ ଓ ଅନ୍ୟଟି ଉଦ୍ଦେଶ୍ୟମୂଳକ। ୨୮ ହାତୀ ଆକସ୍ମିକ ଭାବେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଛି। ଆଉ ୪୨ ହାତୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟୁତ୍ ଆଘାତରେ ମାରି ଦିଆଯାଇଛି। ସେହିପରି ୧୦୬ ହାତୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥି ମଧ୍ୟରେ ଟ୍ରେନ ଦୁର୍ଘଟଣାରେ ୨୨, ରାସ୍ତା ଦୁର୍ଘଟଣାରେ ୨ ଓ ଅନ୍ୟ ଦୁର୍ଘଟଣା(ହାତୀ ହାତୀ ମଧ୍ୟରେ ଆକ୍ରମଣ, ଉଚ୍ଚ ସ୍ଥାନରୁ ଖସିପଡ଼ି)ରେ ୮୨ ହାତୀ ମରିଛନ୍ତି। ଅନ୍ୟପକ୍ଷରେ ରୋଗରେ ମୋଟ ୧୫୬ ହାତୀ ମରିଛନ୍ତି। ସେଥିମଧ୍ୟରୁ ଆନ୍ଥ୍ରାକ୍ସରେ ୩୧ ଓ ଅନ୍ୟ ରୋଗରେ ୧୨୫ ହାତୀଙ୍କର ମୃତ୍ୟୁ ଘଟିଛି। ୭୨ ହାତୀଙ୍କ ପ୍ରାକୃତିକ ବା ସ୍ୱାଭାବିକ ମୃତ୍ୟୁ ଘଟିଥିବାବେଳେ ଆଉ ୧୦୫ ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

ତେବେ ବେସରକାରୀ ତଥ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଢ଼େର୍ ଅଧିକ ରହୁଛି। ଓଡ଼ିଶା ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ)ର ତଥ୍ୟ ଅନୁସାରେ, ୮ବର୍ଷ ମଧ୍ୟରେ ୯୩ ହାତୀଙ୍କର ବିଦ୍ୟୁତଜନିତ ମୃତ୍ୟୁ ହୋଇଥିବାବେଳେ ଟ୍ରେନ ଦୁର୍ଘଟଣାରେ ୨୫, ଶିକାରରେ ୮୨ ହାତୀ ମରିଛନ୍ତି। ଓଡ଼ିଶାରେ ହାତୀ ମୃତ୍ୟୁକୁ ନେଇ ଡବ୍ଲ୍ୟୁଏସ୍‌ଓର ମୁଖ୍ୟ ବିଶ୍ୱଜିତ୍ ମହାନ୍ତି କୁହନ୍ତି, ରାଜ୍ୟ ସରକାର ହାତୀ ସଂଖ୍ୟା ବଢ଼ିଲେ ଠିକ୍ ରିପୋର୍ଟ ଦିଅନ୍ତି, କିନ୍ତୁ ମୃତ୍ୟୁ ରିପୋର୍ଟ ଭୁଲ୍ ଦିଅନ୍ତି। ଜଙ୍ଗଲରେ ହାତୀ ମରି ପଚି ମାଟିରେ ମିଶିଯାଉଛନ୍ତି। କିନ୍ତୁ ବନ ବିଭାଗ ତାହା ଜାଣିପାରୁ ନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମକୁ ଆସୁ ନ ଥିବା ହାତୀ ମୃତ୍ୟୁକୁ ଲୁଚାଇ ଦିଆଯାଉଛି। ଦାୟିତ୍ୱରେ ରହୁଥିବା ସ୍ଥାନୀୟ ଅଧିକାରୀମାନେ ମଧ ବହୁ ସମୟରେ ଉଚ୍ଚ କର୍ତ୍ତୃପକ୍ଷ ବା ସରକାରଙ୍କୁ ଜଣାଇ ନ ଥାନ୍ତି। ବାସ୍ତବରେ ହାତୀକୁ ସୁରକ୍ଷା ଦେବା ପାଇଁ ବିଭାଗର ଆନ୍ତରିକତା ନାହିଁ। ଏବେ ବି ଅନେକ ହାତୀ ଶିକାର ହେଉଛି ଓ ବହୁ ହାତୀର ମୃତ୍ୟୁର କାରଣ ଜଣାପଡୁନାହିଁ। ତେଣୁ ସରକାର ପ୍ରତ୍ୟେକ ହାତୀ ମୃତ୍ୟୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଉଚିତ। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। ଯେପର୍ଯ୍ୟନ୍ତ ଶିକାରୀ ବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହୋଇଛି ସେ ପର୍ଯ୍ୟନ୍ତ ଶିକାର ହେଉଥିବ। ଅନ୍ୟପକ୍ଷରେ ହାତୀ ମୃତ୍ୟୁ ଘଟଣାରେ ଅଭିଯୁକ୍ତମାନେ କିଛି ଦିନ ଜେଲ୍‌ରେ ରହିବା ପରେ ପ୍ରମାଣ ଅଭାବରୁ ଖସି ଯାଉଛନ୍ତି। ଆଉ ତା'ପରେ ପୁଣି ସେମାନେ ସେହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ବିଭାଗ ଏ ଦିଗରେ ଗୁରୁତ୍ୱ ଦେବା ଉଚିତ ବୋଲି ମହାନ୍ତି କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଇଦ୍‌ରେ ଆକ୍ରମଣ...

ସେବାକୁ ସ୍ୱାଭାବିକ କରିବା ଲାଗି ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଆତଙ୍କବାଦୀ ସକ୍ରିୟ ଥିବା ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳ ଗସ୍ତ କରି ନିରାପତ୍ତା ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ରାଜ୍ୟପାଳ ସତ୍ୟପାଲ ମଲିକ୍ ପ୍ରଶାସନିକ ଅଧିକାରୀଙ୍କୁ ନେଇ ମାରାଥନ୍ ବୈଠକ କରି ଉପଯୁକ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ସ୍ୱାଧୀନତା ଦିବସରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହେବ ସେଥିପାଇଁ ସୁରକ୍ଷା ବଳର କଡ଼ା ନଜରରେ ରହିଛି ସମଗ୍ର ଉପତ୍ୟକା।

**କଂଗ୍ରେସ ଓ ବିଜେଡି ଉପରେ ବର୍ଷିଲେ ଚୌହ୍ୱାନ**

# ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଜଣାଇଲେ

**ଭୁବନେଶ୍ୱର,୧୧।୮(ବ୍ୟୁରୋ)**

ଦୁଇଦିନିଆ ରାଜ୍ୟ ଗସ୍ତରେ ଆସି କଂଗ୍ରେସ ଏବଂ ବିଜେଡି ଉପରେ ବର୍ଷିଛନ୍ତି ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ। କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଭାବେ ସୋନିଆ ଗାନ୍ଧୀଙ୍କୁ ଦାୟିତ୍ୱ ମିଳିବା ଘଟଣାକୁ ସେ ନିନ୍ଦା କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିବା ସହିତ କେନ୍ଦ୍ରର କେତେଗୁଡ଼ିଏ ଯୋଜନା ରାଜ୍ୟରେ ଲାଗୁ କରା ନ ଯିବା କଥା ଉଠାଇ ଚୌହ୍ୱାନ ପ୍ରବଳ ବର୍ଷିଥିଲେ। ଭାଜପା ରାଜ୍ୟରେ ସରକାରକୁ ଆସିଲେ ବିକାଶ ନିଶ୍ଚିତ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ତେବେ ପ୍ରସଙ୍ଗ ଭିତ୍ତିରେ ଭାଜପା ଓ ବିଜେଡି ମଧ୍ୟରେ ସମର୍ଥନ ରହୁଥିବା କଥାକୁ ଚୌହାନ ସ୍ୱୀକାର କରିଛନ୍ତି। ଓଡ଼ିଶାର ଗୋଟିଏ ରାଜ୍ୟ ସଭା ଆସନ ଭାଜପା ହାତରେ ଟେକିଦେବା ଏବଂ ପାର୍ଲାମେଣ୍ଟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଲ୍‌କୁ ବିଜେଡି ସମର୍ଥନ ଦେବା ଘଟଣାକୁ ନେଇ ଚୌହ୍ୱାନଙ୍କୁ ପ୍ରଶ୍ନ କରାଯାଇଥିଲା। ଏପରିକି ବିହାରର ନୀତୀଶ କୁମାରଙ୍କ ସରକାର ଦୂରେଇବା ପରେ ବିଜେଡି ଓ ଏନ୍‌ଡିଏ ମଧ୍ୟରେ ମେଣ୍ଟ ହେବ କି ବୋଲି ପଚରାଯିବାରୁ ଚୌହ୍ୱାନ କହିଛନ୍ତି ଯେ, ବିକାଶ କ୍ଷେତ୍ରରେ ଯଦି କିଏ ସହଯୋଗ କରୁଛି ତେବେ ସେମାନେ ଆମର ଶତ୍ରୁ ନୁହଁନ୍ତି। ତେବେ ଓଡ଼ିଶାରେ ଆମେ ଏକା ଚାଲିବୁ ଏବଂ ଏକା ହିଁ ଲଢ଼ିବୁ ବୋଲି ସେ କହିଛନ୍ତି।

ଭାଜପା ସଦସ୍ୟତା ଅଭିଯାନ ପ୍ରମୁଖ ଚୌହ୍ୱାନ ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ବିଜେଡି ଶାସନ ଦୀର୍ଘଦିନ ହେଲା ଚାଲିଛି। କହିବାକୁ ଖରାପ ଲାଗୁଛି, ଓଡ଼ିଶାର ଗରିବୀ ପାଇଁ ପ୍ରଥମେ କଂଗ୍ରେସ ଏହାପରେ ବିଜେଡି ଦାୟୀ। ରାଜ୍ୟରେ ଭରପୂର ଜଳ ଥିଲେ ମଧ ଏଠାରେ ସବୁ ଜମି ଜଳସେଚିତ ନୁହେଁ। ଚାଷୀଙ୍କ ପାଇଁ କାଳିଆ ଯୋଜନା କରିଥିବା କଥା ଏଠିକା ସରକାର କହୁଛନ୍ତି। କିନ୍ତୁ ଏହି ଯୋଜନାକୁ ନେଇ ନିଜେ ନିଜର ପ୍ରଶଂସା କରିଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାଳିଆ ଯୋଜନାରେ ୫ ହଜାର ଟଙ୍କା ଲେଖା ଡିବିଟି ମାଧ୍ୟମରେ ପଠାଇଥିବା କହୁଛନ୍ତି। ମାତ୍ର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ପାଇଁ ତାଲିକା ଦେଉନାହାନ୍ତି। ଏ ପର୍ଯ୍ୟନ୍ତ କାହିଁକି ତାଲିକା ଦେଉନାହାନ୍ତି ତା'ର ଉତ୍ତର ରଖନ୍ତୁ। କାଳିଆ ଟଙ୍କା ଯଦି ଦେଲ ତେବେ କେନ୍ଦ୍ରକୁ ତାଲିକା ଦେବାରେ ଅସୁବିଧା କେଉଁଠି ରହିଲା। କାଳେ କେନ୍ଦ୍ର ଯୋଜନାରେ ଚାଷୀଙ୍କୁ ଟଙ୍କା ମିଳିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା ମିଳିଯିବ ସେହି ଭୟରେ ରାଜ୍ୟ ସରକାର ତାଲିକା ଦେଉନାହାନ୍ତି। ଏନେଇ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ। ୨୦ ବର୍ଷ ମଧ୍ୟରେ ରାଜ୍ୟର ସବୁ ଜମିରେ ସିଞ୍ଚାଇ ବଢ଼ିନାହିଁ। ସ୍ୱଚ୍ଛ ଭାରତ ଯୋଜନାରେ ରାଜ୍ୟ ସରକାର କେନ୍ଦ୍ରର ଟଙ୍କାକୁ ହଡ଼ପ କରୁଛନ୍ତି। ଯେତିକି ପାଇଖାନା ରାଜ୍ୟରେ କରିବା ପାଇଁ ଆସିଥିଲା ତାହା କେବଳ କାଗଜ ପତ୍ରରେ କରି ଭୁଲ ତଥ୍ୟ ଦେଉଛନ୍ତି। ଆୟୁଷ୍ମାନ ଯୋଜନା ଲାଗୁ କରାଯାଉ ନାହିଁ। ଓଡ଼ିଶାରେ ଭାଜପା ସରକାର ଆସିଲେ ହିଁ ବିକାଶ ସୁନିଶ୍ଚିତ କରିବ। ନିକଟରେ ଶେଷ ହୋଇଥିବା ଭୋଟରେ ବିଧାନସଭା କ୍ଷେତ୍ରରେ ମୋଟ ୩୩.୪ ପ୍ରତିଶତ ଭୋଟ ମିଳିଛି। ଲୋକ ସଭା ଭୋଟରେ ୩୮.୪ ପ୍ରତିଶତ ଦଳକୁ ମିଳିଛି। ବର୍ତ୍ତମାନ ଦଳ ପକ୍ଷରୁ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶାରେ ଯେତେସବୁ ପ୍ରତିଭା ରହିଛି ସେମାନଙ୍କୁ ଏହି ଅଭିଯାନ ମାଧ୍ୟମରେ ଯୋଡ଼ିବାକୁ ଚାହୁଁଛୁ ବୋଲି ଚୌହାନ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କୃତ୍ତିକା ନକ୍ଷତ୍ର ମେଷରାଶି ବ୍ୟକ୍ତିଙ୍କୁ ଆଶା କରୁଥିବା ଦିଗରୁ ସାହାଯ୍ୟ ମିଳିବ। ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଯୋଗୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରହିବା ଭଲ।

**ବୃଷ**
ରୋହିଣୀ ନକ୍ଷତ୍ର ବୃଷରାଶି ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବେ। ପ୍ରିୟବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆକସ୍ମିକ ସମସ୍ୟା ହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ମିଥୁନ**
ଆଜି ଆରଦ୍ରା ନକ୍ଷତ୍ର ମିଥୁନ ରାଶି ପାଇଁ ହଠାତ୍ ପରିସ୍ଥିତି ବଦଳିଯିବ। ସକାଳୁ ସକାଳୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲାବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ନିଜ ଇଚ୍ଛା ଅନୁସାରେ କୌଣସି କାମ କରି ପରିବାରରୁ ସମାଲୋଚିତ ହେବାକୁ ପଡ଼ିପାରେ। ତଥାପି କୌଶଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହୋଇପାରନ୍ତି।

**କର୍କଟ**
ପୁନର୍ବସୁ ନକ୍ଷତ୍ର କର୍କଟ ରାଶି ପାଇଁ ଦିନଟି ସ୍ମରଣୀୟ ରହିବ। ଆକସ୍ମିକ ଭାବେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ**
ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସିଂହ ରାଶି ଏକାଧାରରେ ଅର୍ଥ, ସାମାଜିକ ସମ୍ମାନ ସହ ବନ୍ଧୁଙ୍କ ପରାମର୍ଶ ପାଇ ଖୁସୀ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇପାରନ୍ତି। ମାଲିମକଦ୍ଦମାରେ ବିଳମ୍ବ ହେବାରୁ ମନସ୍ତାପ ବଢ଼ିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**
ହସ୍ତା ନକ୍ଷତ୍ର କନ୍ୟା ରାଶି ପ୍ରତିବନ୍ଧକ ମଧ ଦେଇ ଚଳିବାକୁ ପଡ଼ିବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ ମାତ୍ର ପୂର୍ଣ୍ଣତଃ ଆରୋଗ୍ୟଲାଭ କରି ନ ପାରନ୍ତି। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**
ସ୍ୱାତୀ ତୁଳା ପାଇଁ ଅର୍ଥନୈତିକ ଅଭିବୃଦ୍ଧି ସହ କାର୍ଯ୍ୟସିଦ୍ଧି ଖୁସିର କାରଣ ହୋଇପାରେ। ଯଦିଓ କେତେକ ସମସ୍ୟା ଓ ପ୍ରତିବନ୍ଧକ ଆସିବ ତଥାପି ଆରମ୍ଭ କରିଥିବା କାମଟି ଅଟକିବ ନାହିଁ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି ନ ପାରି ପସ୍ତେଇବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ।

**ବିଛା**
ରାଶି ପାଇଁ ସମୟ ବହୁତ ଭଲ ବୋଲି ଯାହା ଭାବୁଛନ୍ତି ଶୀଘ୍ର ଆରମ୍ଭ କଲେ ଉପକୃତ ହେବେ। ସମ୍ଭାବ୍ୟ ସମସ୍ୟା କ୍ଷେତ୍ରରେ ବନ୍ଧୁଙ୍କୁ ଅନୁନୟ ବିନୟ କରି ପରିସ୍ଥିତିକୁ ନିୟନ୍ତ୍ରିତ କରିପାରିବେ। ବିଶାଖା ନକ୍ଷତ୍ର ସକାଶେ କଳା, ସଙ୍ଗୀତ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
ଆଜି ପୂର୍ବାଷାଢ଼ା ଧନୁ ପାରିବାରିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଉଚ୍ଚ ପ୍ରଶଂସିତ ହେବେ। ନୂତନ ପ୍ରକଳ୍ପ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ବନ୍ଧୁଙ୍କ ସହ ସାମୟିକ କଳହ ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
ଅଷ୍ଟମସ୍ଥ ମଙ୍ଗଳ ଯୋଗୁ ଶ୍ରବଣା ମକରର ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଏଣେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ମଧ ବିଚଳିତ ରହିବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**କୁମ୍ଭ**
ଶତଭିଷା ନକ୍ଷତ୍ର କୁମ୍ଭ ରାଶି ପାଇଁ ଆଜି ହାତକୁ ନେଇଥିବା କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନାହିଁ।

**ମୀନ**
ଚତୁର୍ଥସ୍ଥ ରାହୁ ଯୋଗୁ ଉତ୍ତର ଭାଦ୍ରପଦ୍ ମୀନ ବନ୍ଧୁଙ୍କ ସହ ଅର୍ଥସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ଲାଗି ଆଲୋଚନା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମକଦ୍ଦମା ପ୍ରଭୃତିରୁ ସୁଫଳ ପାଇବେ।

ଆଜି ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବ ଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ଇଦ୍-ଉଲ୍-ଜୁହା, ବକ୍ରିଦ୍, ହଜ୍ ଶେଷ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ମିଥୁନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୬।୫୦ମି. ମଧ୍ୟେ ଘ.୧।୦୫ମି. ଗତେ, ଘ.୨।୪୩ମି. ମଧ୍ୟେ ଘ.୪।୪୩ମି. ଗତେ, ଘ.୬।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୮।୨୮ମି. ଗତେ ଘ.୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୭।୦୪ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

SALE

One BHK flat for sale ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999. D-66278

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448. D-13744

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66173

Twincity ର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9124321519. D-66758

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଅଛି। 9938737955. D-66756

Twincityର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7978773097. D-66757

Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429. D-66759

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

2BHK simplex 26,00,000/- finishing Hanspal. Plots Atala, Chakeisiani, Sundarpada: 8093465134. D-67037

Simplex @45lakh near Nandankanan, new Bhubaneswar Railway station. Contact: 9668242825. D-66175

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66941

construction

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Newly opening Ayurvedic body massage smart therapist, Shree herbal, 775 0020754. D-67343

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Newly open fullbody massage ladies and gents full service. 7682913255. D-38561

astrology

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ଚୌହ୍ୱାନଙ୍କୁ କଂଗ୍ରେସ, ବିଜେଡିର ପଲଟା ଜବାବ

ଭୁବନେଶ୍ୱର,୧୧।୮(ବ୍ୟୁରୋ): ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ବିଜେଡି ଓ କଂଗ୍ରେସକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଅଧକ୍ଷ ଭାବେ ସୋନିଆ ଗାନ୍ଧୀଙ୍କୁ ଦାୟିତ୍ୱ ମିଳିବାପରେ ଏହାକୁ ନେଇ ମଧ ଚୌହ୍ୱାନ କଡ଼ା ସମାଲୋଚନା କରିଛନ୍ତି। ଅପରପକ୍ଷରେ ଚୌହ୍ୱାନଙ୍କୁ କଂଗ୍ରେସ ଓ ବିଜେଡି ପଲଟା ଜବାବ୍ ଦେଇଛନ୍ତି। ବିଜେଡି ବିଧାୟକ ଶଶୀଭୂଷଣ ବେହେରା କହିଛନ୍ତି, ମଧ୍ୟପ୍ରଦେଶ କଥା ଚିନ୍ତା ନ କରି ଓଡ଼ିଶା କଥାରେ ଚୌହ୍ୱାନ ମୁଣ୍ଡ ପୂରାଇବା କେତେଦୂର ଯୁକ୍ତିଯୁକ୍ତ। ସଦସ୍ୟତା ଅଭିଯାନରେ ଆସିଥିବା ଚୌହ୍ୱାନଙ୍କ ପାଇଁ ବ୍ୟକ୍ତିଗତ ସ୍ତରରେ ତାଙ୍କର ଅସମ୍ମାନ ନାହିଁ। କିନ୍ତୁ ରାଜ୍ୟ ସରକାରଙ୍କ ବ୍ୟାପାରରେ ମୁଣ୍ଡ ପୂରାଇବା ମଧ ଠିକ୍ ନୁହେଁ। ଯଦି ଏହା ମଧ୍ୟପ୍ରଦେଶ କିମ୍ବା ଦେଶ ସମସ୍ୟା ସହ ସଂଶ୍ଳିଷ୍ଟ ଥାନ୍ତା ତେବେ ଏଭଳି କହିବାର ଯଥାର୍ଥତା ରହିଛି। ରାଜ୍ୟ ସରକାର କାଳିଆ ଯୋଜନାର ତ୍ରୁଟି ବିଚ୍ୟୁତି ସୁଧାରୁଛନ୍ତି। ସାଧାରଣ ଲୋକଙ୍କ ପାଖରେ ଏହା ଆଦରଣୀୟ ବ୍ୟବସ୍ଥା ହୋଇଛି। କୃଷକମାନଙ୍କ ପାଇଁ ସରକାର ଆଣିଥିବା ଏହି ଯୋଜନାକୁ ପଞ୍ଚଦେଶ ଅର୍ଥ କମିଶନଙ୍କଠାରୁ ଆରମ୍ଭ କରି ଦେଶର ବହୁ କୃଷି ଅର୍ଥନୀତିଜ୍ଞ ପ୍ରଶଂସା କରିଛନ୍ତି। ଏହା ଉପରେ ପ୍ରଶ୍ନ ଉଠାଇବା ନିରର୍ଥକ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, କଂଗ୍ରେସ ଦେଶର ଏକ ମାତ୍ର ପୁରୁଣା ଦଳ। ଦେଶରେ ସ୍ୱାଧୀନତା ଆଣିବା ସହ କଂଗ୍ରେସ ବହୁ ବିକାଶ କରିଛି। ଦେଶରେ ଜଳ ସେଚନ, ଶିଳ୍ପ, ଶିକ୍ଷା ଏବଂ ସ୍ୱାସ୍ଥ୍ୟର ବିକାଶ କରିବାରେ କଂଗ୍ରେସ ପ୍ରମୁଖ ଭୂମିକା ନେଇଛି। ଆଗରୁ ହଇଜା, ବସନ୍ତ ଭଳି ବହୁ ମହାମାରୀ ରୋଗରେ ଶତାଧିକ ଲୋକ ମରୁଥିଲେ କିନ୍ତୁ କଂଗ୍ରେସ ଅମଳରେ ଏହାର ନିରାକରଣ କରାଯାଇଛି। ଭାଜପା ଏତେଦିନ ଶାସନ ମଧ୍ୟରେ ଗୋଟିଏ ସ୍କୁଲ ନିର୍ମାଣ କରି ପାରିଛି କି? ସୋନିଆ ଗାନ୍ଧୀ କଂଗ୍ରେସର ଅନ୍ତରୀଣ ଅଧକ୍ଷ ହେବାପରେ ସେମାନେ ଭୟଭୀତ ହୋଇ ଏମିତି କହୁଛନ୍ତି ବୋଲି ସୁରେଶ କହିଛନ୍ତି।

## ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

# 'ବୋକାରୋକୁ ଟାଟା, ଜାମସେଦପୁର ଭଳି କ୍ଷେତ୍ର କରାଯିବ'

ଭୁବନେଶ୍ୱର,୧୧।୮(ବ୍ୟୁରୋ)



ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଝାଡ଼ଖଣ୍ଡର ବିକାଶ ଦ୍ରୁତ ଗତିରେ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରଣାଳୟ କାମ କରୁଛି ବୋଲି ଝାଡ଼ଖଣ୍ଡର ବୋକାରୋଠାରେ ୩୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରଣାଳୟ ଉଭୟ ମିଶି ଝାଡ଼ଖଣ୍ଡର ରୋଜଗାର, ଅର୍ଥନୀତି ଓ ମା, ଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା କରୁଛନ୍ତି । ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଝାଡ଼ଖଣ୍ଡରେ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବାର ଯୋଜନା କରାଯାଇଛି । ସେହିପରି ୨୦୩୦ ସୁଦ୍ଧା ଦେଶରେ ୩୦୦ ମିଲିୟନ୍ ମେଟ୍ରିକ୍ ଟନ୍ ଲୁହା ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାର ଅଗ୍ରଣୀ ଭୂମିକା ଝାଡ଼ଖଣ୍ଡର ରହିବ ଏବଂ ବୋକାରୋ ଷ୍ଟିଲ୍‌ପ୍ଲାଣ୍ଟ ଏହାର ନେତୃତ୍ୱ ନେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ରାଜ୍ୟର ବିକାଶ ପାଇଁ କାମ କରୁଛନ୍ତି । ଜାମସେଦ୍‌ପୁର ଓ ଟାଟା ଦେଶର ଅର୍ଥନୈତିକ କ୍ଷେତ୍ର ହୋଇପାରିଛି। ପ୍ରଧାନମନ୍ତ୍ରୀ ଏବଂ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବୋକାରୋକୁ ମଧ ଟାଟା ଓ ଜାମସେଦପୁର ଭଳି କ୍ଷେତ୍ର କରିବା ପାଇଁ କଳ୍ପନା ରହିଛି । ଦେଶରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଖୁବ୍‌ଶୀଘ୍ର ଗରିବ ଶ୍ରେଣୀର ୮କୋଟି ଉପଭୋକ୍ତା ଅନ୍ତର୍ଭୁକ୍ତ ହେବେ । ଝାଡ଼ଖଣ୍ଡରେ ଗତ ୪ବର୍ଷରେ ମୋଟ୍ ୩୭ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଲାଭ ପାଇଛନ୍ତି । ଦେଶରେ ପେଟ୍ରୋଲ୍ ଓ ଡିଜେଲ୍ ବିକ୍ରି ମାଧ୍ୟମରେ ଦେଶର ପ୍ରଗତିକୁ ଅଣାଯାଇପାରିବ। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବାଙ୍ଗାଲୋର୍ ଭଳି ବଡ଼ବଡ଼ ସହରରେ ପେଟ୍ରୋଲିୟମ୍ ପଦାର୍ଥର ବ୍ୟବହାର ୭ରୁ ୮ ପ୍ରତିଶତକୁ ବୃଦ୍ଧି ଘଟିଛି । ଅନୁରୂପ ଭାବେ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳରେ ମଧ ପେଟ୍ରୋଲିୟମ ପଦାର୍ଥର ବ୍ୟବହାର ୧୫ ପ୍ରତିଶତକୁ ବୃଦ୍ଧି ଘଟିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ଉପସ୍ଥିତ ଥିଲେ।


## ■ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

# ୫ ଦିନ ପରେ ଗଳିତ ମୃତଦେହ ଉଦ୍ଧାର

ନିମାପଡ଼ା,୧୧।୮(ଡି.ଏନ୍.ଏ.)

ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ମହାନ୍ତିସାହି ଗ୍ରାମରୁ ରବିବାର ଅପରାହ୍ନରେ ଏକ ଦମ୍ପତିଙ୍କ ଗଳିତ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଏହି ଘଟଣା ପାରିପାର୍ଶ୍ୱିକ ଅବସ୍ଥାରୁ ୪ରୁ ୫ଦିନ ମଧ୍ୟରେ ଘଟିଥିବା ଜଣାପଡିଛି। ମୃତ ଦମ୍ପତି ହେଲେ ଉକ୍ତ ଗ୍ରାମର ବିଶ୍ୱଜିତ ମହାନ୍ତି(୨୯) ଓ ତାଙ୍କ ସ୍ତ୍ରୀ ଲିଲି(୨୭)। ଖବରପାଇ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ ଓ ଏସ୍‌ଆଇ ସନ୍ଧ୍ୟାରାଣୀ ବିଶ୍ୱାଳ ସଦଳବଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୋମବାର ପୁରୀର ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଆଇଆଇସି ପାଢ଼ୀ କହିଛନ୍ତି। ଅପରପକ୍ଷେ ବିଶ୍ୱଜିତ ଓ ତାଙ୍କ ସ୍ତ୍ରୀ ଗତ ୫ଦିନ ହେବ ଘରୁ ବାହାରି ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେଣୁ ଏହି ସମୟ ମଧ୍ୟରେ ଉଭୟେ ଆତ୍ମହତ୍ୟା କରିଥିବା କୁହାଯାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ମୁତାବକ, ରେଞ୍ଚ ମହାନ୍ତିସାହି ଗ୍ରାମରେ ବିଶ୍ୱଜିତ ମା'ବାପାଙ୍କ ସହ ସପରିବାର ରହୁଥିଲେ। ତେବେ ବିଶ୍ୱଜିତଙ୍କ ମାଆଙ୍କ ଦେହ ଖରାପ ଥିବାରୁ ଚିକିତ୍ସା ପାଇଁ ମା'ବାପା ୧୦ଦିନ ତଳେ କଟକ ଯାଇଥିଲେ। ଚିକିତ୍ସା ସାରି ରବିବାର ଫେରି ଘର କବାଟ ଖୋଲିବା ବେଳେ କିଛି ପଚାଗନ୍ଧ ହେଉଥିବା ଜାଣିପାରିଥିଲେ। ପରେ ଘର ଭିତରକୁ ଯିବାବେଳେ ପୁଅ ବୋହୂ ଦୁଇଜଣ ଘର ବାରଣ୍ଡାରେ ଥିବା ଫ୍ୟାନରେ ଏକ ପ୍ଲାଷ୍ଟିକ ରଶିରେ ବାନ୍ଧି ହୋଇ ଝୁଲୁଥିବାର ଦେଖିଥିଲେ। ପରେ ସ୍ଥାନୀୟଲୋକ ଜାଣି ପୋଲିସକୁ ଜଣାଇଥିଲେ। ତେବେ ଘରେ କେହି ନ ଥିବାର ସୁଯୋଗ ନେଇ ଘର ଗେଟ ଭିତର ପଟୁ ତାଲା ପକାଇ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଗ୍ରାମରେ ଚର୍ଚ୍ଚା ହୋଇଛି। ଏହି ଘଟଣା ନେଇ ନାନା ସନ୍ଦେହ ସୃଷ୍ଟି ହେଉଥିବାବେଳେ ଝୁଲନ୍ତା ଶବକୁ ଦେଖିବା ପାଇଁ ଗ୍ରାମରେ ଲୋକଙ୍କ ଭିଡ଼ ଲାଗି ରହିଛି। ଉଭୟଙ୍କ ବିବାହ ଗତବର୍ଷ ହୋଇଥିଲା।



## ଜିଲା ଚିଠି ସୁବର୍ଣ୍ଣପୁର

# ଡମ୍ପିଂୟାର୍ଡ ପାଲଟିଛି ମହାନଦୀ

ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ବାହାରୁଥିବା କୁଢ଼କୁଢ଼ ବିଷାକ୍ତ ବର୍ଜ୍ୟବସ୍ତୁ ସାଙ୍ଗକୁ ନଦୀକୂଳିଆ ସହରଗୁଡ଼ିକର ନର୍ଦ୍ଦମା ପାଣି ବିନା ଦ୍ୱିଧାରେ ନଦୀକୁ ଛଡ଼ାଯାଉଛି। ପ୍ରତ୍ୟହ ଲକ୍ଷଲକ୍ଷ ଲିଟର ବର୍ଜ୍ୟଜଳ ନଦୀରେ ମିଶୁଛି। ବର୍ଜ୍ୟଜଳକୁ ପ୍ରକ୍ରିୟାକରଣ ନ କରି ସିଧାସଳଖ ଛାଡ଼ିଦେବା ଫଳରେ ସାଂଘାତିକ ସ୍ଥିତି ଉପୁଜୁଛି। ସହରଗୁଡ଼ିକର ଏକପ୍ରକାର ଡମ୍ପିଂୟାର୍ଡ ପାଲଟିଛି ମହାନଦୀ। ପଲିଥିନ ଓ ପ୍ଲାଷ୍ଟିକ୍ ଜମା ହୋଇ ଭାସୁଛି। ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଧିକ ଲାଭ ଆଶାରେ ମାଛ ଧରିବା ପାଇଁ ନଦୀଜଳରେ ରାସାୟନିକ ଔଷଧ ପ୍ରୟୋଗ ସହ ବେଆଇନ ବିସ୍ଫୋରଣ ଘଟାଉଛନ୍ତି। ଏହାଦ୍ୱାରା ମହାନଦୀରୁ କ୍ରମେ ମାଛବଂଶ ଲୋପ ପାଇ ଯାଉଛି। ମତ୍ସ୍ୟଜୀବୀ ପରିବାରଗୁଡ଼ିକ ଏଥିଯୋଗୁ ଜୀବିକା ହରାଇଲେଣି। ସେହିପରି ନଦୀକୂଳରେ ଥର୍ମାଲ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଜଳ ଅଧିକ ପ୍ରଦୂଷିତ ହେଉଛି। ଏଭଳି ଅମାନବୀୟ କାର୍ଯ୍ୟର ପ୍ରତିକାର ପାଇଁ କାହାର ଚିନ୍ତା ନାହିଁ। ପୌରପାଳିକା, ପ୍ରଶାସନ ଓ ରାଜ୍ୟ ସରକାର ଚୁପ୍ ହୋଇ ବସିଛନ୍ତି। ପ୍ରଦୂଷଣ ନିରାକରଣ ଆଇନକୁ କେହି ମାନୁନାହାନ୍ତି। ଦୂଷିତ ଜଳ ବ୍ୟବହାର କରି ଲୋକେ ଝାଡ଼ାବାନ୍ତି ଭଳି ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ନଦୀଜଳରେ ବାୟୋଲୋଜିକାଲ୍ ଅକ୍ସିଜେନ୍ ଡିମାଣ୍ଡ(ବିଓଡି) ଅନୁପାତ ଅଧିକ ଯୋଗୁ ପ୍ରଦୂଷଣ ଶ୍ରେଣୀ ସୃଷ୍ଟି ହୋଇଛି। ସାଧାରଣତଃ ଜଳରେ ବିଓଡି ମାତ୍ରା ୩ ପ୍ରତିଶତ ରହିବା କଥା। କିନ୍ତୁ ଏହି ମାତ୍ରା ୨୦ରୁ ୩୦ ପ୍ରତିଶତ ରହୁଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ଜଳରେ ବିଓଡି ମାତ୍ରା ଅଧିକ ରହିଲେ ଅମ୍ଳଜାନ କମିଯାଏ। ଫଳରେ ସେହି ଜଳ ମଣିଷର ବ୍ୟବହାର ଯୋଗ୍ୟ ହୋଇ ରହୁନାହିଁ। ମାତ୍ରାଧିକ ବିଓଡି ମାଛ ଓ ଅନ୍ୟାନ୍ୟ ଜଳଚର ଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସହରଗୁଡ଼ିକରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉନି। ସ୍ୱେରେଜ୍ ବ୍ୟବସ୍ଥା କରାଯାଇ ଅପରିଷ୍କାର ପାଣି ଟ୍ରିଟ୍‌ମେଣ୍ଟ ହୋଇ ନଦୀକୁ ଛଡ଼ାଯିବା କଥା। ମାତ୍ର ରାଜ୍ୟର କୌଣସି ନଦୀକୂଳିଆ ସହରରେ ଏହାର ଅନୁପାଳନ ହେଉନି। କେବଳ ସ୍ୱଚ୍ଛ ସହର, ପଲିଥିନ ମୁକ୍ତ ସହର ବୋଲି ମିଥ୍ୟା ବାହୁସ୍ଫୋଟ ମରାଯାଉଛି। କୌଣସି ପରିସ୍ଥିତିରେ ନଦୀଜଳ ପ୍ରଦୂଷିତ ହୋଇପାରିବ ନାହିଁ। ଏ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ କଡ଼ା ନିର୍ଦ୍ଦେଶ ଦେଇ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀ କଥା ଦେଖିଲେ ଏହାର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା କରାଯାଇଛି। ରାଞ୍ଚିସ୍ଥିତ ଜଙ୍ଗଲ ଉତ୍ପାଦିକତା ପ୍ରତିଷ୍ଠାନକୁ ମହାନଦୀର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏହାକୁ ତାଳ ଦେଇ ନଦୀଜଳ ପ୍ରଦୂଷିତ କରିବା ପାଇଁ ଏକପ୍ରକାର କସରତ ଚାଲିଛି। ଓଡ଼ିଶାର ଅର୍ଦ୍ଧାଧିକ ଜିଲାରେ ମଣିଷର ଜୀବନଧାରଣ, ବିକାଶ ଓ କୃଷି ସହିତ ଏହି ନଦୀର ବିଶେଷ ଭୂମିକା ରହିଛି। ଲୋକଙ୍କୁ ବଞ୍ଚିବାକୁ ଶକ୍ତି ଯୋଗାଇଛି। ସଭ୍ୟତା ଓ ସଂସ୍କୃତି ସହିତ ଯୋଡ଼ି ହୋଇ ରହିଛି। କିନ୍ତୁ ଏହି ନଦୀ ଏବେ ମରିଯିବାକୁ ବସିଲାଣି। ଏବେଠୁ ଜନସାଧାରଣ ଓ ସରକାର ସଚେତନ ନ ହେଲେ ପ୍ରଦୂଷଣ ନିରାକରଣ ଅସମ୍ଭବ ହୋଇପଡ଼ିବ।

– ମୃତ୍ୟୁଞ୍ଜୟ ଶତପଥୀ

## ■ ହାଓଡା-ସମ୍ବଲପୁର ଏକ୍ସପ୍ରେସ୍‌ରେ ଭାଙ୍ଗ ଚାଲାଣ

# ଧରାପଡ଼ିବା ଭୟରେ ଫିଙ୍ଗିଦେଲେ

ଢେଙ୍କାନାଳ ଅଫିସ, ୧୧।୮



ଟ୍ରେନରୁ ଫିଙ୍ଗାଯାଇଥିବା ଭାଙ୍ଗ ବସ୍ତା।

■ ବସ୍ତା ବାଜି ୩ ଗ୍ୟାଙ୍ଗ୍‌ମ୍ୟାନ୍ ଗୁରୁତର

■ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ ଆରମ୍ଭ

ଯାତ୍ରୀବାହୀ ଟ୍ରେନ୍‌ରେ ଅବାଧରେ ହେଉଛି ନିଶାଦ୍ରବ୍ୟ ଚାଲାଣ। ବେପାରୀମାନେ ଯୋଜନାବଦ୍ଧ ଭାବେ ଚଳାଇଛନ୍ତି ଏହି ବେଆଇନ କାରବାର। ଷ୍ଟେଶନ ଏବଂ ଟ୍ରେନ୍‌ରେ ହୁଗୁଳା ଯାଞ୍ଚ ବ୍ୟବସ୍ଥାର ଫାଇଦା ନେଉଛନ୍ତି ସେମାନେ। ତାହାର ସଦ୍ୟତମ ଉଦାହରଣ ଢେଙ୍କାନାଳ ଜିଲାରେ ରବିବାର ଦେଖିବାକୁ ମିଳିଛି। ହାଓଡା-ସମ୍ବଲପୁର ଏକ୍ସପ୍ରେସ୍‌ରେ ନିଆଯାଉଥିବା ଭାଙ୍ଗବସ୍ତାକୁ ଧରାପଡ଼ିବା ଭୟରେ ଚାଲାଣକାରୀ ବାହାରକୁ ଫିଙ୍ଗି ଦେଇଛନ୍ତି। ଫଳରେ ଉକ୍ତ ବସ୍ତା ବାଜି ଟ୍ରେନ୍ ଟ୍ରାକ୍‌ରେ କାର୍ଯ୍ୟରତ ୩ଜଣ ଗ୍ୟାଙ୍ଗ୍‌ମ୍ୟାନ୍ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦୀନେଶ କୁମାର ସାହୁ, ଜୟପ୍ରକାଶ ପାଣିଗ୍ରାହୀ, ରାକେଶ କୁମାର ପାଲ। ଘଟଣାସ୍ଥଳରେ ଉପସ୍ଥିତ ବିରଞ୍ଚି ନାରାୟଣ ମହାପାତ୍ର ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ରେଲୱେ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ କରିଛି। ଜବତ ୪ ବସ୍ତାରୁ ୧ କୁଇଣ୍ଟାଲ ୬୦ କେଜି ଭାଙ୍ଗ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଭୋର ୪ଟାରେ ହାଓଡା-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ କଟକ ରୁଟ୍‌ରେ ଆସି ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟ ପାର୍ କରିଥିଲା। ଢେଙ୍କାନାଳ ରେଳଷ୍ଟେଶନ ପୂର୍ବରୁ କିଲୋମିଟର ନଂ.୪୩୯/୧୬ ନିକଟରେ ସମ୍ପୃକ୍ତ ୪ଜଣ ଗ୍ୟାଙ୍ଗମ୍ୟାନ୍ ପାଟ୍ରୋଲିଂ କରୁଥିଲେ। ଟ୍ରେନ୍ ଆସୁଥିବା ଦେଖି ସେମାନେ ରେଳଧାରଣା ପାର୍ଶ୍ୱକୁ ଚାଲିଯାଇଥିଲେ। ତେବେ ଚଳନ୍ତା ଟ୍ରେନ୍‌ରୁ କେହି ଦୁର୍ବୃତ୍ତ ଭାଙ୍ଗ ଭର୍ତ୍ତି ହୋଇଥିବା ୪ଟି ବସ୍ତା ବାହାରକୁ ଫିଙ୍ଗିଦେଇଥିଲେ। ଉକ୍ତ ବସ୍ତାଗୁଡ଼ିକ ଗ୍ୟାଙ୍ଗ୍‌ମ୍ୟାନଙ୍କ ଉପରେ ବାଜିଥିଲା। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ପାଇ ଆରପିଏଫ୍ ଇନ୍ସପେକ୍ଟର ପ୍ରକାଶ କୁମାର ସାହୁ, ଏସ୍‌ଆଇ କ୍ଷୀରପ୍ରସାଦ ଭଞ୍ଜ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରେନ୍‌ରେ ଭାଙ୍ଗ ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି। ଏ ନେଇ ତଦନ୍ତ ଚାଲିଛି। ଜବତ ଭାଙ୍ଗ ଅବକାରୀ ବିଭାଗ ଜିମାରେ ଦିଆଯିବ ବୋଲି ଆର୍‌ପିଏଫ୍ ସୂତ୍ରରୁ ସୂଚନା ଦିଆଯାଇଛି।

# ବନ୍ୟା କ୍ଷୟକ୍ଷତି ରିପୋର୍ଟ ମାଗିଲେ ଏସ୍‌ଆର୍‌ସି

## ■ ୧୭ ସୁଦ୍ଧା ରିପୋର୍ଟ ଦେବାକୁ ୯ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ରାଜ୍ୟରେ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତି ନେଇ ୯ ଜିଲାର ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ରିପୋର୍ଟ ମାଗିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜୁଲାଇ ଶେଷ ସପ୍ତାହ ଓ ଅଗଷ୍ଟ ପ୍ରଥମ ସପ୍ତାହରେ ରାଜ୍ୟରେ ପ୍ରବଳ ବର୍ଷା ହୋଇଥିବାବେଳେ ଉପରୋକ୍ତ ୯ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଓ ବନ୍ୟାରେ ଚାଷଜନିତ କ୍ଷୟକ୍ଷତି ସହିତ ଜାତୀୟ ସମ୍ପତ୍ତି ନଷ୍ଟ ହୋଇଛି। ଘର, ଚାଷ ଜମି, ମାଛଚାଷ, ପଶୁପାଳନ, ଡଙ୍ଗା, ଜାଲ, ମାଛଚାଷ ପୋଖରୀ, ଫସଲହାନି, ହସ୍ତତନ୍ତ ଶିଳ୍ପଜନିତ କ୍ଷତିର ରିପୋର୍ଟ ଏସ୍‌ଆର୍‌ସି ମାଗିଛନ୍ତି। ସେହିପରି ଜାତୀୟ ସମ୍ପତ୍ତି ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ଘର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତା, ପୋଲ, କଲଭର୍ଟ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ଘର, ଅଙ୍ଗନୱାଡ଼ି ଘର, ମହିଳା ମଣ୍ଡଳ, ଯୁବ କେନ୍ଦ୍ର, କମ୍ୟୁନିଟି ହଲ୍, ବିଦ୍ୟୁତ୍ ଖୁଣ୍ଟ ଓ ବିଦ୍ୟୁତ୍ ଷ୍ଟେଶନରେ କ'ଣ କ୍ଷତି ହୋଇଛି ଏସ୍‌ଆର୍‌ସି ଜାଣିବାକୁ ଚାହିଁଛନ୍ତି। କ୍ଷୟକ୍ଷତି ହୋଇଥିବା ସ୍ଥାନର ଆବଶ୍ୟକ ଫଟୋ ପ୍ରମାଣପତ୍ର ସହ ରିପୋର୍ଟ ଦେବାକୁ ପଡ଼ିବ। କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷଙ୍କୁ ସମସ୍ତ ସହାୟତା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତା ଜରିଆରେ ଦିଆଯିବ ବୋଲି ସରକାର କହିଛନ୍ତି।

Birthday wish



SONU
(14th Birthday)
Happy Birthday dear Sonu. May God always bless you with lots of happiness and success.
Best wishes from:
Papa, Mummy, Dada, Daadi, Mamu, Main, Gudu, Loraine, near and dear one's, Aja, Aai
(Som Vihar, BBSR)
ଧ-୧୩୮୮୫

UNIVERSITY DEPARTMENT OF TEACHER EDUCATION
DDCE CAMPUS, UTKAL UNIVERSITY
VANI VIHAR, BHUBANESWAR-751007

ADMISSION NOTIFICATION, 2019-2020

Utkal University invites online application for admission into the following courses under self-financing mode for the session 2019-2020.

UNIVERSITY DEPARTMENT OF TEACHER EDUCATION
- B.Ed. (2-Years)
- M.Ed. (2-Years)

The above courses are being offered with the recognition of NCTE.

DEPARTMENT OF SANSKRIT
- M.A. in Hindi
- Certificate Course in Sanskrit (Six Months)

Important Dates for Admission :
- Availability of online Application Form : 14.08.2019 to 26.08.2019
- Download of Admit Cards shall be during : 29.08.2019 to 31.08.2019
- Entrance Test for different course : 01.09.2019 (Sunday)

How to Apply :
For details of procedure of E-Admission, 2019-2020, Utkal University website www.utkaluniversity.nic.in may be visited.
In case of any query, mail to : admission@utkaluniversity.nic.in

Sd/-
Chairperson, P.G. Council

# ଚାଷୀଙ୍କ କ୍ଷେତରେ କୀଟନାଶକ ସିଞ୍ଚନ କଲେ ବିଧାୟକ

ନବରଙ୍ଗପୁର,୧୧।୮(ବି.ପ୍ର.)



ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଚାଷୀଙ୍କ ମକା କ୍ଷେତରେ କୀଟ ନାଶକ ଔଷଧ ସିଞ୍ଚନ କରୁଛନ୍ତି।

ମକା ଫସଲରେ ପୋକ। ଯାହାକୁ ନେଇ ନବରଙ୍ଗପୁର ଜିଲାର ଚାଷୀ ଚିନ୍ତାରେ ରହିଛନ୍ତି। କୃଷି ବିଭାଗ ପକ୍ଷରୁ ମକା ଚାଷୀଙ୍କୁ ଏଯାଏ ସବସିଡି ମାଧ୍ୟମରେ କୀଟନାଶକ ଔଷଧ ମିଳି ନାହିଁ। ଏହା ଜାଣିବା ପରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶନିବାର ଓ ରବିବାର ଉମରକୋଟ ବ୍ଲକର ଚାଷୀଙ୍କୁ ଭେଟିବା ସହ ମକା କ୍ଷେତ ଗୁଡିକ ବୁଲି ଦେଖିଥିଲେ । ଚାଷୀଙ୍କ ପରିଶ୍ରମ ଓ ଚିନ୍ତାକୁ ଦେଖି ଚାଷୀ କାନ୍ଧରୁ ମେଶିନ ଆଣି ନିଜେ ମକା କ୍ଷେତରେ କୀଟନାଶକ ଔଷଧ ଦୀର୍ଘ ସମୟ ଧରି ସିଞ୍ଚନ କରିଥିଲେ । କ୍ଷେତରେ ଔଷଧ ସିଞ୍ଚନ କରି ବିଧାୟକ ଚାଷୀଙ୍କ ପ୍ରକୃତ ବନ୍ଧୁ ସାଜିଛନ୍ତି। କୃଷକଙ୍କ ବନ୍ଧୁ ସାଜି ସେମାନଙ୍କ ସମସ୍ୟା ବୁଝିବା ସହ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସହିତ ଆଲୋଚନା କରିଛନ୍ତି । ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ କୀଟନାଶକ ଔଷଧ ତୁରନ୍ତ ଯୋଗାଇ ନ ଦିଆଯାଏ ତେବେ ଚାଷୀ କ୍ଷତି ସହିବା ସହ ମକା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ଏହି ଭଳି କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟ-୨, କେନ୍ଦୁଝର

ଦଖଲ ନୋଟିସ୍
(ନିୟମ ୮(୧)) ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭଦ୍ରାସାହି ଶାଖା** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ ଦର୍ଶିତ ରାଶି ସହିତ ସେବାବଦ ସୁଧ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ଭଦ୍ରାସାହି ଶାଖା / ଆକାଉଣ୍ଟ ନଂ./ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ | ଧାର୍ଯ୍ୟ ତାରିଖ ଅନୁଯାୟୀ ଅନାଦେୟ ଟଙ୍କା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଆକାଉଣ୍ଟ ନଂ.: ୩୪୩୭୬୭୮୯୦୬୧ / ଋଣଗ୍ରହୀତା: ଶ୍ରୀମତୀ ସୁନୀତା ଚୌଧୁରୀ,** ସ୍ୱାମୀ: ଶ୍ରୀ ମୋହନ କୁମାର ଚୌଧୁରୀ, **ସହ-ଋଣଗ୍ରହୀତା: ଶ୍ରୀ ମୋହନ କୁମାର ଚୌଧୁରୀ,** ପିତା: ଶ୍ରୀ ବାଲେଶ୍ୱର ଚୌଧୁରୀ, ଉଭୟଙ୍କ ଠିକଣା ସା/ପୋ./ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫ | **ଶ୍ରୀମତୀ ସୁନୀତା ଚୌଧୁରୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭଦ୍ରାସାହି, ତହସିଲ: ବଡବିଲ, ଖାତା ନଂ.: ୫୨/୫୫, ପ୍ଲଟ୍ ନଂ.: ୧୫୩/୩୨୮, କ୍ଷେତ୍ର: ଏକର୦.୧୧୦ଡିସିମିଲି, ଏହାର ଚଉପାର୍ଶ୍ୱରେ ଉତ୍ତର: ଏନ୍‌ଏଚ୍-୨୧୫, ଦକ୍ଷିଣ: ରାସ୍ତା, ପୂର୍ବ: ରୟା ନାଏକ, ପଶ୍ଚିମ: ଶାନ୍ତି ଓରାମ | ୦୭.୦୮.୨୦୧୯ ସୁଦ୍ଧା ଟ.୧୪,୩୩,୫୫୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୪.୨୦୧୯ / ୦୭.୦୮.୨୦୧୯ |
| **ଆକାଉଣ୍ଟ ନଂ.: ୩୧୬୪୯୩୨୦୨୦୭, ୧୧୮୨୩୬୧୩୬୯୨ / ଋଣଗ୍ରହୀତା: ଶ୍ରୀମତୀ ନିଲା ଦେବୀ ଗୁପ୍ତା,** ସ୍ୱାମୀ: ମଦନ ପ୍ରସାଦ ଗୁପ୍ତା, ସା.: ଭୁସୁଗାଁ, ପୋ.: ଭଦ୍ରାସାହି, ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଧନୁର୍ଜୟ ଗୁପ୍ତା,** ପିତା: ମଦନ ପ୍ରସାଦ ଗୁପ୍ତା, **୨) ଶ୍ରୀ ସଞ୍ଜୟ କୁମାରଗୁପ୍ତା,** ପିତା: ମଦନ ପ୍ରସାଦ ଗୁପ୍ତା, ସା.: ଭୁସୁଗାଁ, ପୋ.: ଭଦ୍ରାସାହି, ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର-୭୫୮୦୩୫ | **ଶ୍ରୀମତୀ ନିଲା ଦେବୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁସୁଗାଁ, ତହସିଲ: ବଡବିଲ, ଖାତା ନଂ.: ୧୨୮/୨୨, ପ୍ଲଟ୍ ନଂ.: ୬୩୩/୯୩୫, କ୍ଷେତ୍ର: ଏକର୦.୨୦ଡିସିମିଲି, କିସମ: ଘରବାରୀ, ଏହାର ଚଉପାର୍ଶ୍ୱରେ ଉତ୍ତର: ତ୍ରିବେଣୀ ଆର୍ଥ ମୁଭର୍ସ, ଦକ୍ଷିଣ: ମୁଖ୍ୟ ରାସ୍ତା, ପୂର୍ବ: ତ୍ରିବେଣୀ ଆର୍ଥ ମୁଭର୍ସ, ପଶ୍ଚିମ: ନିଜସ୍ୱ | ୦୭.୦୮.୨୦୧୯ ସୁଦ୍ଧା ଟ.୧୫,୭୪,୩୯୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୧.୧୦.୨୦୧୮ / ୦୭.୦୮.୨୦୧୯ |

ସ୍ଥାନ: କେନ୍ଦୁଝର, ତାରିଖ: ୧୨.୦୮.୨୦୧୯
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା । ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା ।
– ଶ୍ରୀମା



# ଅର୍ଥନୀତିକୁ ଦେଖ

ବିଶ୍ୱ ଅର୍ଥନୀତି ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି । ଆମେରିକା ଭଳି ବିକଶିତ ରାଷ୍ଟ୍ର ମଧ୍ୟ ବିଭିନ୍ନ ପ୍ରକାର ଆର୍ଥିକ ସମସ୍ୟାରେ ପଡ଼ିଲାଣି । ଚାଇନା ସହ ଏହାର ବାଣିଜ୍ୟ ଯୁଦ୍ଧ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଉଭୟ ରାଷ୍ଟ୍ର ପରସ୍ପରର ସାମଗ୍ରୀ ରପ୍ତାନି ଉପରେ ସୀମା ଶୁଳ୍କ ବୃଦ୍ଧି କରିଚାଲିଛନ୍ତି । ଏହାର ପ୍ରଭାବ ପୃଥିବୀର ସବୁ ଦେଶ ଉପରେ ପଡ଼ିବାରେ ଲାଗିଲାଣି । ବ୍ରେକ୍‌ଜିଟ ସହ ଅନ୍ୟାନ୍ୟ ସାମାଜିକ ଓ ଅର୍ଥନୈତିକ ଅସ୍ଥିରତା ଯୋଗୁ ୟୁରୋପୀୟ ରାଷ୍ଟ୍ରରେ ଆର୍ଥିକ ସଙ୍କଟ ଦେଖାଦେଇଛି । ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) କ୍ଷେତ୍ରରେ ଭାରତ ୫ମ ସ୍ଥାନରେ ରହି ଆସିଥିବା ବେଳେ ଏବେ ୭ମକୁ ଖସିଯାଇଛି । ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଅଚଳ ପରିସମ୍ପତ୍ତି (ଏନ୍‌ପିଏ) ବଢ଼ିବାରେ ଲାଗିଛି । ମୋଟରଗାଡ଼ି ଶିଳ୍ପ ଘୋର ଦୁର୍ଦ୍ଦିନ ଦେଇ ଗତି କରୁଛି । ମହିନ୍ଦ୍ରା ଓ ମାରୁତି ଭଳି ପ୍ରମୁଖ କେତୋଟି ଗାଡ଼ି ନିର୍ମାତା ଉତ୍ପାଦନ କମାଇବା ସହ କେତେକ ସ୍ଥାନରେ କାରଖାନା ବନ୍ଦ କରିବାକୁ ବସିଲେଣି । ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍ ସହ ସବୁ ଘରୋଇ ଟେଲିକମ୍ କମ୍ପାନୀ ଅବସ୍ଥା ଶୋଚନୀୟ । ଏପରି କି ମୁକେଶ ଅମ୍ବାନୀଙ୍କ 'ଜିଓ' ମଧ୍ୟ ପ୍ରବଳ କ୍ଷତିରେ ଚାଲୁଛି । ଏଭଳି ସ୍ଥଳେ କୃଷି କଥା ନ କହିବା ଭଲ । ଭାରତୀୟ ଅର୍ଥନୀତିରେ ପ୍ରମୁଖ ଯୋଗଦାନ ଦେଉଥିବା କ୍ଷେତ୍ରଗୁଡ଼ିକ ଯେତେବେଳେ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି, ସେତେବେଳେ ଅର୍ଥନୈତିକ 'ବିକାଶ' ଘଟିବା ଅସମ୍ଭବ । ଭାରତର ର୍‍ୟାଙ୍କିଙ୍ଗ୍ ଆକଳନ କରିବା ଦିଗରେ ଗବେଷଣା କରୁଥିବା ଅର୍ଥନୀତିଜ୍ଞ ଦେବେନ୍ଦ୍ର ପନ୍ତ କହିଛନ୍ତି ଯେ, ୨୦୧୭ରେ ଭାରତୀୟ ମୁଦ୍ରାର ମୂଲ୍ୟ ୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୨୦୧୮ରେ ୫ ପ୍ରତିଶତ ହ୍ରାସ ପାଇଥିଲା । ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ କମିବା ପଛରେ ଦେଶର ମନ୍ଥର ଅଭିବୃଦ୍ଧି ଦାୟୀ ବୋଲି କୁହାଯାଉଛି ।

ଏବେ ଭାରତ ସରକାର ଓ ଦେଶବାସୀଙ୍କ ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ବଡ଼ ପ୍ରସଙ୍ଗ ପାଲଟିଯାଇଛି । ଜମ୍ମୁ ଓ କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଗ କରାଯିବା ପରେ ଏଗୁଡ଼ିକର ଭବିଷ୍ୟତ କ'ଣ ହେବ ସେ ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଛି । ସମସ୍ତେ ଅବୁଝା ସାଜୁଛନ୍ତି ଯେ, ଏହି କଠୋର ପଦକ୍ଷେପ ଯେତିକି ସ୍ୱାଗତଯୋଗ୍ୟ, ସେତିକି ଅର୍ଥନୈତକ ଦୃଷ୍ଟିକୋଣରୁ ଭାରତର ଆର୍ଥିକ ରକ୍ତ ଶୋଷି ନେବ । ପ୍ରଶାସନିକ ପରିବର୍ତ୍ତନ ଓ ରାଜ୍ୟର ମାନ୍ୟତା ହରାଇବା ପରେ କଶ୍ମୀରରେ ସୈନ୍ୟ ମୁତୟନ ବହୁ ପରିମାଣରେ ବୃଦ୍ଧି ପାଇଥିବାରୁ ତାହା ଭାରତ ପାଇଁ ମହଙ୍ଗା ପଡ଼ିବ । ଏହି ପରିସ୍ଥିତି କେତେ ଦିନ ଲାଗି ରହିବ, ସେଭଳି ଭବିଷ୍ୟବାଣୀ ଏବେଠାରୁ କରି ହେବ ନାହିଁ ।

ଦେଶର ପ୍ରଗତି ପାଇଁ ଅର୍ଥନୈତିକ ଅଭିବୃଦ୍ଧି ନିତାନ୍ତ ଆବଶ୍ୟକ ହୋଇ ପଡ଼ିଥିଲେ ମଧ୍ୟ ଏ ବିଷୟରେ ତ୍ୱରିତ ପଦକ୍ଷେପ ନିଆଯାଉ ନାହିଁ କିମ୍ବା କେହି ଚିନ୍ତିତ ଥିବା ଭଳି ଜଣାପଡୁ ନାହିଁ । ମନେହେଉଛି ଯେପରି ଦେଶବାସୀଙ୍କ ଆଗରେ ଗୁଡ଼ାଏ ବିବାଦୀୟ ପ୍ରସଙ୍ଗ ରଖିଦେଇ ସରକାର ଅତି ସହଜରେ ବାସ୍ତବ ସମସ୍ୟାକୁ ଲୁଚାଇବାରେ ସକ୍ଷମ ହୋଇ ପାରୁଛନ୍ତି । ସଦ୍ୟ ଦୃଷ୍ଟାନ୍ତ ଦେଖିଲେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉତ୍ତର–ପୂର୍ବାଞ୍ଚଳରେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ବହୁ ବିତର୍କର ଅପେକ୍ଷା ରଖୁଛି ।

ବର୍ତ୍ତମାନ ପାକିସ୍ତାନରେ ବିଲାତି କିଲୋଗ୍ରାମ୍ ପ୍ରତି ଦର ୩୦୦ ଟଙ୍କାରେ ପହଞ୍ଚିଛି । ଗଣମାଧ୍ୟମରେ ଏ ନେଇ ଅତ୍ୟଧିକ ପ୍ରଚାର ହେବା ପରେ ଭାରତୀୟମାନେ ଖୁସି ବ୍ୟକ୍ତ କରୁଛନ୍ତି । ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ସହ ପାକିସ୍ତାନ ସମସ୍ତ ପ୍ରକାର ସମ୍ପର୍କ ଛିନ୍ନ କରିଥିବାରୁ ପରିଣାମ ଭୋଗୁଛି ବୋଲି କୁହାଯାଉଛି । ପ୍ରକୃତରେ ଦେଖିଲେ ପାକିସ୍ତାନ ଅର୍ଥନୀତି ଦୀର୍ଘବର୍ଷ ହେବ ଭୁଶୁଡ଼ି ପଡ଼ିଛି । ଗୋଟିଏ ଅର୍ଥନୀତି ମୃତବତ୍ ଅବସ୍ଥାରେ ଥିବା ବେଳେ ତାହା ଉପରେ ବିଶେଷ ଚର୍ଚ୍ଚା କରାଯିବାର ଆବଶ୍ୟକତା ନାହିଁ । ଏହି ପ୍ରଚ୍ଛଦପଟରେ ଦେଖିଲେ ଭାରତରେ କେହି ଚିନ୍ତା କରୁନାହାନ୍ତି ଯେ, ଏଠାରେ ବିଲାତି କିଲୋଗ୍ରାମ ପିଛା ଦର ୬୦ ଟଙ୍କାରୁ ଊର୍ଦ୍ଧ୍ୱରେ ଆସି ପହଞ୍ଚିଲାଣି, ଯାହାକି ଆମ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହେଉଛି । ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଥିଲେ ମଧ୍ୟ ସେଥିପ୍ରତି କାହାରି ଦୃଷ୍ଟି ନ ପଡ଼ିବା ହେଉଛି ବିଡ଼ମ୍ବନାର ବିଷୟ । ନିଜର ଅର୍ଥନୀତିକୁ କିଭଳି ସୁଦୃଢ଼ କରାଯାଇପାରିବ, ସେ ଦିଗରେ ରାଜନୈତିକ ବ୍ୟକ୍ତି, ଅର୍ଥନୀତିଜ୍ଞ ଏବଂ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଗଭୀର ଚିନ୍ତା କରିବା ଦରକାର । ଏ ଦେଶରେ ଭୟରେ ହେଉ ବା ସୁବିଧା ପାଇବା ଆଶା ରଖି ଯଦି ସମସ୍ତେ ନୀରବ ରହିବେ, ତେବେ ବାସ୍ତବ ବିକାଶ ସମ୍ଭବ ହେବ ନାହିଁ । କିଛି ସମୟ ପାଇଁ ଖୁସି ଦେଉଥିବା ଘଟଣାକୁ ଗୁରୁତ୍ୱ ଦେଇ ପ୍ରକୃତ ସମସ୍ୟାକୁ ଭୁଲିଗଲେ ରାଷ୍ଟ୍ର କ୍ଷତିରେ ପଡ଼ିବ ।

# ପୂର୍ବବର୍ତ୍ତୀଙ୍କ ପ୍ରତି ଅଶ୍ରଦ୍ଧାର ପରିଣାମ

ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ୧୯୪୨ ମସିହାରେ ଥରେ ଆଲୋଚନା ପ୍ରସଙ୍ଗରେ କହିଥିଲେ– ପୂର୍ବଗାମୀମାନଙ୍କର ନିନ୍ଦାକରି, ସେମାନଙ୍କର ଅପ୍ରତିଷ୍ଠା କରି ଯଦି ନିଜର ପ୍ରତିଷ୍ଠା ଚାହଁ, ସେ ଚେଷ୍ଟା ସଫଳ ହେବ ନାହିଁ । ସେମାନଙ୍କ ସମ୍ବନ୍ଧରେ ଭଲ ଯାହା ଜାଣ, ତାହା କହିବା ହିଁ ଭଲ । ଆମ ଦେଶରେ ସମ୍ପ୍ରତି ଗୋଟେ ରିୱାଜ ହୋଇଛି– ନିର୍ବାଚନରେ ଛିଡ଼ା ହେଲେ ହିଁ ଜଣେ ଅନ୍ୟର ନିନ୍ଦା କରନ୍ତି, ପରସ୍ପର କାଦୁଅ ଫୋପଡାଫୋପଡି କରନ୍ତି, ଏସବୁ ନୀଚ ବୁଦ୍ଧି ମୋର ପସନ୍ଦ ହୁଏ ନାହିଁ । ସମାଜର ମଥା ଯେଉଁମାନେ, ସେମାନେ ଯଦି ଏପରି କରନ୍ତି, ତା' ହେଲେ ସର୍ବସାଧାରଣ ମଧ୍ୟ ତାହା ଦେଖି ସେପରି କରିଥାନ୍ତି । ସେଥିରେ ଶତ୍ରୁତା ବଢ଼େ, ବିଦ୍ୱେଷ ବଢ଼େ, ପ୍ରୀତି ଆଉ ବଢ଼େ ନାହିଁ । ହଁ ! ତେବେ ବିଭିନ୍ନ ଦଳ ଯଦି ଥାଏ ଏବଂ ଦଳଗତ ନୀତି ଭିତରେ ତ୍ରୁଟି ଯଦି ଥାଏ, ପୁଣି ତାହା ଯଦି ବିଶେଷକରି ଧର୍ମ, ଇଷ୍ଟ, ସାତ୍ୱତ କୃଷ୍ଟି, ଐତିହ୍ୟ ଓ କଲ୍ୟାଣବିରୋଧୀ ହୁଏ ଏବଂ ନୀତି ଠିକ୍ ଥାଇ ମଧ୍ୟ ନିର୍ବାଚନ ପ୍ରାର୍ଥୀର ଚଳନ–ଚରିତ୍ର ଯଦି ତାହାର ଓଲଟା ହୁଏ, ସେଇଟା ଜନକଲ୍ୟାଣ ଦୃଷ୍ଟିରୁ ଶୋଭନ ଭାବରେ ଉଦ୍‌ଘାଟିତ କରାଯାଇପାରେ । ଏହା କରିବାକୁ ଗଲେ ବିପକ୍ଷ ସହିତ ଯେ ଶତ୍ରୁତା କରିବାକୁ ହେବ, ତା'ର କୌଣସି ମାନେ ନାହିଁ । (ଆ.ପ୍ର. ୧୫।୦୯।୧୯୪୨) ।

ଦୀର୍ଘ ୭୭ ବର୍ଷ ତଳେ ସେ ଯାହା କହିଥିଲେ ତାହା ଆଜି ଆମର ରାଜନୈତିକ ଜୀବନରେ ଏକ ଅବାଞ୍ଛିତ ପରିଣତି ନେଇ ଛିଡ଼ା ହୋଇଛି । ଆମ ଦେଶର ନେତାମାନେ ଧରି ନେଇଛନ୍ତି ଯେ, ପୂର୍ବଗାମୀମାନଙ୍କର ନିନ୍ଦା ଏବଂ ଅପ୍ରତିଷ୍ଠା କଲେ ହିଁ ସେମାନଙ୍କର ପ୍ରତିଷ୍ଠା ଓ ଲୋକପ୍ରିୟତା ବଢ଼ିଯିବ । ସେମାନେ କହନ୍ତି ପୂର୍ବବର୍ତ୍ତୀ ସରକାରମାନେ କିଛି କରି ନ ଥିଲେ– ଆମେ ସବୁକିଛି କରୁଛୁ ବା କରି ଦେଖାଇଦେବୁ । ସେମାନେ ବୁଝିପାରନ୍ତି ନାହିଁ ଯେ ଏପରି କହିବା ଦ୍ୱାରା ନିଜେ ହିଁ ଲୋକଲୋଚନରେ ନିମ୍ନଗାମୀ ହେଉଛନ୍ତି । ବୁଦ୍ଧିମାନ ବ୍ୟକ୍ତି ପୂର୍ବବର୍ତ୍ତୀମାନଙ୍କର ଭଲଗୁଣର ପ୍ରଶଂସା କରି ଲୋକଚକ୍ଷୁରେ ଶ୍ରଦ୍ଧାଭାଜନ ହୋଇଉଠନ୍ତି । ଖୋଲାଖୋଲି ଭାବରେ ବିପକ୍ଷ ନେତାଙ୍କର ନିନ୍ଦାବାଦ କରୁଥିବା ବ୍ୟକ୍ତିଙ୍କୁ ସତ୍‌ଭାବାପନ୍ନ ଲୋକମାନେ ପସନ୍ଦ କରନ୍ତି ନାହିଁ । ତେଣୁ ଏ ଧରଣର ମନୋବୃତ୍ତିକୁ ରାଜନୈତିକ ଅପରିପକ୍ୱତା କୁହାଯାଇପାରେ ।

ବିପକ୍ଷର ସମାଲୋଚନା କିପରି କରିବା ଉଚିତ ତା'ର ମଧ୍ୟ ସୁସ୍ପଷ୍ଟ ଇଙ୍ଗିତ ରହିଛି ଶ୍ରୀଶ୍ରୀଠାକୁରଙ୍କର ଉପରୋକ୍ତ ପ୍ରଶ୍ନୋତ୍ତରରେ । ସମାଲୋଚନା ଏପରି ହେବା ଉଚିତ ଯାହାଦ୍ୱାରା ଜନସାଧାରଣଙ୍କର ମଙ୍ଗଳ ହୁଏ । ସେମାନେ ଯେପରି ପ୍ରକୃତ ସତ୍ୟ ଜାଣିପାରନ୍ତି ଏବଂ ପରସ୍ପର ମଧ୍ୟରେ ଶତ୍ରୁତା ସୃଷ୍ଟି ନ ହୁଏ । ଆମ ଦେଶରେ ନେତୃସ୍ଥାନୀୟ ବ୍ୟକ୍ତିମାନେ ପରସ୍ପରର ନିନ୍ଦାବାଦରେ ମତ୍ତ ରହିବା ହେତୁ ସେମାନଙ୍କର ବ୍ୟକ୍ତିଗତ ଚରିତ୍ର କଳୁଷିତ ହେବା ସଙ୍ଗେ ସଙ୍ଗେ ତା'ର ପ୍ରଭାବରେ ସାଧାରଣ ଜନତାଙ୍କ ଚରିତ୍ର ମଧ୍ୟ ରସାତଳଗାମୀ ହୋଇ ଚାଲିଛି । ସମାଜରେ ମଣିଷ ମଣିଷ ମଧ୍ୟରେ ଘୃଣା, ବିଦ୍ୱେଷ, ବୈରୀଭାବ ଏବଂ ରକ୍ତପାତ ବୃଦ୍ଧିପାଉଛି । ଶ୍ରୀଶ୍ରୀଠାକୁର ତାଙ୍କର ଚଲାର ସାଥୀ ଗ୍ରନ୍ଥର ୮୪ ନମ୍ବର ବାଣୀରେ ସାବଧାନ କରି ଦେଇଛନ୍ତି– ତେଣୁ ଯିଏ ବା ଯେଉଁମାନେ ପୂର୍ବତନଙ୍କ ପ୍ରତି ଅଶ୍ରଦ୍ଧା ଏବଂ ଅକୃତଜ୍ଞତା ହେତୁ ବିଚ୍ଛିନ୍ନ ହୋଇ ଆତ୍ମପ୍ରତିଷ୍ଠାରେ ଯତ୍ନବାନ ସେମାନେ ପରବର୍ତ୍ତୀ ଅନୁସରଣକାରୀଙ୍କ ଭିତରେ ସେହି ଅକୃତଜ୍ଞତା ଓ ବିଚ୍ଛିନ୍ନ ଭାବକୁ ସଞ୍ଚାରିତ କରି ଜାତି ଓ କୃଷ୍ଟିକୁ ଛିନ୍ନଭିନ୍ନ କରିଦେବେ, ସନ୍ଦେହ ନାହିଁ । ତେଣୁ କହୁଛି, ସାବଧାନ ହେବାକୁ ଦ୍ୱିଧା କର ନାହିଁ ।

ଅତୀତର ମୂଳଦୁଆ ଉପରେ ହିଁ ବର୍ତ୍ତମାନ ଗଢ଼ିଉଠେ ଏବଂ ଭବିଷ୍ୟତର ସମ୍ଭାବନା ସୃଷ୍ଟି ହୁଏ । ୧୯୪୭ ମସିହାରେ ସ୍ୱାଧୀନତା ଲାଭ ପରଠାରୁ ଦେଶ କ୍ରମେ ପ୍ରଗତିପଥରେ ଅଗ୍ରସର ହୋଇଆସିଛି, କେତେବେଳେ ଦ୍ରୁତ ତ କେତେବେଳେ ମନ୍ଥର ଗତିରେ । ଏକାଥରକେ ରାତାରାତି କିଛି ହୋଇଯାଇ ନାହିଁ । ଇତିମଧ୍ୟରେ ଆମେ ୧୫ ଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିଛୁ । ଦେଶର ପ୍ରଗତିରେ ପ୍ରତ୍ୟେକଙ୍କର କିଛି ନା କିଛି ଅବଦାନ ରହିଛି । ପଣ୍ଡିତ ନେହେରୁଙ୍କ ସମୟରେ ପ୍ରଥମେ ରାଉରକେଲା, ଭିଲାଇ ଏବଂ ଦୁର୍ଗାପୁରରେ ତିନୋଟି ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ଏବଂ ଭାକ୍ରାନଙ୍ଗଲ ତଥା ହିରାକୁଦ ଭଳି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକ ସ୍ଥାପିତ ହୋଇ ଦେଶର ଶିଳ୍ପାୟନର ମୂଳଦୁଆ ପଡିଥିଲା । ୧୯୬୦ ଦଶକର ହା–ଅନ୍ନ ଭାରତବର୍ଷକୁ ଆତ୍ମନିର୍ଭରଶୀଳତା ଏବଂ ଆତ୍ମସମ୍ମାନର ମନ୍ତ୍ର ଶୁଣାଇଲେ ଶାସ୍ତ୍ରୀଜୀ ତାଙ୍କର ଜୟ ଯବାନ, ଜୟ କିଷାନ ଆହ୍ୱାନ ମାଧ୍ୟମରେ ଏବଂ ସେହି ପ୍ରଚେଷ୍ଟାରେ ଦେଶ ଆଜି ଖାଦ୍ୟ ଏବଂ ନିରାପତ୍ତା କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିଛି । ୧୯୬୫ ମସିହାରେ ଆମେରିକା ସମର୍ଥନରେ ଭାରତ ଉପରେ ପାକିସ୍ତାନର ନଗ୍ନ ଆକ୍ରମଣକୁ ସେ ସଫଳତାର ସହିତ ପ୍ରତିହତ କରିଥିଲେ । ଇନ୍ଦିରା ଗାନ୍ଧୀଙ୍କ ସମୟରେ ୧୯୭୧ ମସିହାରେ ପାକିସ୍ତାନ ସହିତ ଯୁଦ୍ଧରେ ଭାରତ ସମ୍ପୂର୍ଣ୍ଣ ବିଜୟପ୍ରାପ୍ତ ହେଲା, ସ୍ୱାଧୀନ ବାଂଲାଦେଶର ସୃଷ୍ଟିହେଲା, ପୋଖରାନରେ ପ୍ରଥମ ଆଣବିକ ବୋମା ପରୀକ୍ଷା ହେଲା, ବ୍ୟାଙ୍କ ଜାତୀୟକରଣ ହେଲା, ସିକିମ ରାଜ୍ୟ ଭାରତ ସହିତ ମିଶିଲା ଏବଂ ୧୯୭୪ ମସିହାରେ ଶେଖ୍ ଅବଦୁଲାଙ୍କ ସହିତ ଚୁକ୍ତି ବଳରେ କଶ୍ମୀର ରାଜ୍ୟର ଭାରତୀୟ ରାଷ୍ଟ୍ରସଂଘରେ ମିଶ୍ରଣକୁ ଚୂଡାନ୍ତ କରାଯାଇ ତାହାକୁ ଜାତିସଂଘ ନିରାପତ୍ତା ପରିଷଦର ଏଜେଣ୍ଡାରେ ସ୍ଥଗିତ କରାଗଲା । ଏହି ସମସ୍ତ ପଦକ୍ଷେପ ଦେଶର ଶକ୍ତିବୃଦ୍ଧି କ୍ଷେତ୍ରରେ ଗୋଟିଏ ଗୋଟିଏ ପାହାଚ କୁହାଯାଇପାରେ । ପ୍ରଧାନମନ୍ତ୍ରୀ ନରସିଂହ ରାଓ ଏବଂ ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଉଦ୍ୟମରେ ଜାତୀୟ ଅର୍ଥନୀତିର ଉଦାରୀକରଣ ହେତୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେଲା । ଅଟଳବିହାରୀ ବାଜପେୟୀଙ୍କ ଅମଳରେ ପୋଖରାନ ଭୂଗର୍ଭରେ ଚାରିଟି ପରମାଣୁ ବୋମାର ସଫଳ ପରୀକ୍ଷଣ, ଐତିହାସିକ କାରଗିଲ ଯୁଦ୍ଧରେ ସଫଳତା, ଦେଶର ଦ୍ରୁତ ଅଭିବୃଦ୍ଧି ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଇତ୍ୟାଦି ଦେଶକୁ ଉନ୍ନତି ମାର୍ଗରେ ଆଗେଇ ନେଇଛି ।

ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷକୁ ପୃଥିବୀର ଏକ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବା ପାଇଁ ସର୍ବାଙ୍ଗୀଣ ପ୍ରଚେଷ୍ଟା ଜାରି ରଖିଛନ୍ତି । ଚଳିତ ଅଗଷ୍ଟ ୫ ତାରିଖରେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରି ସେ ସମ୍ବିଧାନର ୩୭୦ ଧାରାର ଉଚ୍ଛେଦ କରିବା ଦ୍ୱାରା କଶ୍ମୀର ସମ୍ବନ୍ଧରେ ଏକ ଐତିହାସିକ ଭୁଲର ସଂଶୋଧନ କରିପାରିଛନ୍ତି । ଏଥିପାଇଁ ଦେଶ ତାଙ୍କୁ ଚିରଦିନ ମନେରଖିବ । ଭାରତ ଭଳି ଗୋଟିଏ ବିରାଟ ସମସ୍ୟାବହୁଳ ରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ ତୁଲାଇବା ସହଜ କଥା ନୁହେଁ । ତା' ଛଡା ମଣିଷ ହିସାବରେ ସମସ୍ତଙ୍କର କିଛି ନା କିଛି ଦୋଷ ତ୍ରୁଟି ରହିଛି । ସେ ଦୃଷ୍ଟିରୁ ପୂର୍ବତନମାନଙ୍କର ଦୋଷତ୍ରୁଟିର ସମାଲୋଚନା କରିବାର ଗଣତାନ୍ତ୍ରିକ ଅଧିକାର ଆମର ଯେପରି ଅଛି ଠିକ୍ ସେହିପରି ଦେଶର ପ୍ରଗତି ପଥରେ ସେମାନଙ୍କର ମୂଲ୍ୟବାନ ଅବଦାନକୁ ସ୍ୱୀକାର କରିବାର ନୈତିକ ଦାୟିତ୍ୱ ମଧ୍ୟ ଆମର ଅଛି । ତା' ନ ହେଲେ ଅକୃତଜ୍ଞତା ରୂପକ ପାପ ଆମ ଚରିତ୍ରକୁ କଳୁଷିତ କରିବ ଏବଂ ଈଶ୍ୱରଙ୍କ ଦରବାରରେ ଆମେ ଦ୍ରୋହୀ ହୋଇଯିବା । ତେଣୁ ସମୟ ଆସିଛି ଆମର ନେତୃବର୍ଗ ପୂର୍ବତନମାନଙ୍କ ପ୍ରତି ଏବଂ ପରସ୍ପର ପ୍ରତି ଅଶ୍ରଦ୍ଧା, ଅସମ୍ମାନ ଏବଂ ଅକୃତଜ୍ଞତାର ପରମ୍ପରା ତ୍ୟାଗ କରି ପରସ୍ପରର ଭଲ ଗୁଣଗଡ଼ିକୁ ଦେଖିବାକୁ ଚେଷ୍ଟା କରନ୍ତୁ ଏବଂ ସର୍ବସାଧାରଣରେ ତାହା ବ୍ୟକ୍ତ କରନ୍ତୁ । ତା' ହେଲେ ସେମାନଙ୍କ ମଧ୍ୟରେ ସୌଜନ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟିହେବା ସଙ୍ଗେ ସଙ୍ଗେ ଦେଶର ଲୋକଚରିତ୍ର ମଧ୍ୟ ଅନେକାଂଶରେ କଳୁଷମୁକ୍ତ ହୋଇପାରିବ, ଯାହା କି ଉତ୍ତରସୂରିଙ୍କ ପାଇଁ ଅନୁସରଣୀୟ ହୋଇପାରିବ ।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ–୯୪୩୭୨୮୭୯୬୪

# ଗ୍ରନ୍ଥାଗାର : ଜ୍ଞାନର ଗନ୍ତାଘର

ପ୍ରୀତିମୟ ସାହୁ

ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ଶିୟାଲୀ ରାମାମୃତ ରଙ୍ଗନାଥନ୍‌ଙ୍କ ଅବଦାନ ବିଶ୍ୱବ୍ୟାପୀ ଅତୁଳନୀୟ । ଭାରତୀୟ ଗ୍ରନ୍ଥାଗାର, ଗ୍ରନ୍ଥାଗାର ବିଜ୍ଞାନ, ଗ୍ରନ୍ଥାଗାରିକ ସଂପ୍ରଦାୟ ପାଇଁ ଜୀବନବ୍ୟାପୀ ସାଧନା ହେତୁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି । ଗ୍ରନ୍ଥାଗାରର ଜନକ ଭାବେ ଜଣାଶୁଣା ରଙ୍ଗନାଥନ୍ ତାମିଲନାଡୁର ଛୋଟିଆ ସହର ଶିୟାଲୀରେ ୧୨ ଅଗଷ୍ଟ ୧୮୯୨ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମଦିବସକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ରୂପେ ପାଳନ କରାଯାଉଛି । ଗଣିତଜ୍ଞ ଭାବେ ତାଙ୍କ ଚାକିରି ଜୀବନ ଆରମ୍ଭ ହୋଇଥିଲା । ପରେ ବିଶ୍ୱବିଦ୍ୟାଳୟରେ ଲାଇବ୍ରେରିଆନ୍ ଭାବେ ଯୋଗ ଦେଇଥିଲେ । ଏହି ବିଷୟରେ ଅଧିକ ଗବେଷଣା ପାଇଁ ସେ ଲଣ୍ଡନ ଗସ୍ତ କରିଥିଲେ । ସେଠାରୁ ଫେରି ଭାରତରେ ପାଠାଗାରକୁ ଆଧୁନିକୀକରଣ କରିବା ସହ ଲୋକାଭିମୁଖୀ କରିବା ଦିଗରେ ଚେଷ୍ଟା କରିଥିଲେ ।

ବର୍ତ୍ତମାନ ଲାଇବ୍ରେରି କହିଲେ ଯେତେ ଲୋକ ବୁଝିବେ, ପାଠାଗାର କହିଲେ ସେତେ ଲୋକ ବୁଝିବେ ନାହିଁ । ଅଭିଧାନ ଦେଖିଲେ ଗ୍ରନ୍ଥକୁଟ, ଗ୍ରନ୍ଥାଳୟ, ଗ୍ରନ୍ଥକୁଟୀ, ଗ୍ରନ୍ଥାଗାର, ପୁସ୍ତକାଗାର ଇତ୍ୟାଦି ପାଠାଗାରର ପ୍ରତିଶବ୍ଦ । ପାଠାଗାରକୁ ଜ୍ଞାନର ଗନ୍ତାଘର ବୋଲି କୁହାଯାଏ । କେବଳ ଜ୍ଞାନ ନୁହେଁ, ଏହା ଖବର ଏବଂ ମନୋରଞ୍ଜନର ଭଣ୍ଡାର କହିଲେ ଅତ୍ୟୁକ୍ତି ହେବ ନାହିଁ । ବ୍ୟକ୍ତିର ପଠନ ଅଭ୍ୟାସକୁ ବଳବତ୍ତର କରିବା ପାଇଁ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପାଠାଗାର ହେଉଛି ଶିକ୍ଷାର ପୀଠସ୍ଥଳୀ, ଜ୍ଞାନର ଭଣ୍ଡାର । ଏହା ମାଧ୍ୟମରେ ସଭ୍ୟତାର କ୍ରମବିକାଶର ସ୍ୱରୂପ ପ୍ରକଟିତ । ଏହା ଅନସ୍ୱୀକାର୍ଯ୍ୟ ଯେ, ଏକ ସମୁନ୍ନତ ସମାଜରେ ବାସ କରୁଥିବା ଜନସାଧାରଣଙ୍କ ପାଇଁ ଏକ ଉତ୍ତମ ପାଠାଗାରର ଉପାଦେୟତା ଅଛି । ନିଜସ୍ୱ ଜ୍ଞାନ, ବୁଦ୍ଧି, ଅବିରତ ଶିକ୍ଷାର ପ୍ରଚେଷ୍ଟା ଏବଂ ସମାଜରେ ସୁଯୋଗ ତଥା ସହଯୋଗର ମନୋବୃତ୍ତି ବଢାଇବାରେ ଏହା ସହାୟକ ହୋଇଥାଏ ।

ଆଜିର ଏହି ଇଣ୍ଟରନେଟ୍ ସୋସିଆଲ ମିଡିଆ ଏବଂ ମୋବାଇଲ ଆପ୍‌ସ ଯୁଗରେ ଇ–ବୁକ୍, ଇ–ଜର୍ନାଲ ପାଠାଗାର ବିକଳ୍ପ ଭାବେ ଉଭା ହେଲାଣି । ଗୋଟିଏ ବଟନ୍ ଚିପିବା ମାତ୍ରେ ସମସ୍ତ ତଥ୍ୟ ସହଜରେ ଉପଲବ୍ଧ ହୋଇପାରୁଛି । ଫଳସ୍ୱରୂପ ଯୁବପିଢ଼ି ପାଠାଗାରଠୁ ଦୂରେଇ ଯାଉଛନ୍ତି । ତେବେ

### ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ

ଇ–ବୁକ୍ ଯେ ପାଠକର ସମ୍ପୂର୍ଣ୍ଣ ଆବଶ୍ୟକତାକୁ ଅଚିରେ ପୂରଣ କରିପାରିବ, ଏହା ଅସମ୍ଭବ । କାରଣ ଇଣ୍ଟରନେଟ୍‌ରୁ ମିଳୁଥିବା ତଥ୍ୟ ସମ୍ବନ୍ଧରେ ଅନେକ ଜ୍ଞାନ ବହୁ ଲୋକଙ୍କ ପାଖରେ ନ ଥାଏ । ଗ୍ରନ୍ଥାଗାରରୁ କୌଣସି ପ୍ରବନ୍ଧ ଖୋଜିବା ପାଇଁ ଚେଷ୍ଟା କରାଗଲେ ଏହା ସଙ୍ଗେ ସଙ୍ଗେ ମିଳିପାରିଥାଏ । ମାତ୍ର ଇଣ୍ଟରନେଟ୍‌ରେ କେଉଁ ସର୍ଚ୍ଚ ସାଇଟ୍‌ରେ ଏହି ସମ୍ବନ୍ଧୀୟ ଠିକ୍ ପ୍ରବନ୍ଧ ଅଛିନ୍, ତାହା ଖୋଜିପାରିବା କଷ୍ଟକର । ଏଥିସହିତ ଏଥିରେ ତଥ୍ୟ ସବୁ ସମୟରେ ଅପ୍‌ଟୁଡେଟ୍ ହୋଇ ନ ଥାଏ । ମାତ୍ର ଗ୍ରନ୍ଥାଗାରରେ ତାରିଖ, ମାସ, ବର୍ଷ ଆକାରରେ ଏହି ପ୍ରବନ୍ଧ ସବୁ ସଂରକ୍ଷିତ ହୋଇ ରହିଥାଏ । ଏପରି କି ପୁସ୍ତକ ନେବା ଆଣିବାରେ ସହଜ ହେବା ସହ ସବୁ ସମୟରେ ତାରିଖ, ମାସ ଓ ବର୍ଷ ଆକାରରେ ଏହି ପ୍ରବନ୍ଧ ସବୁ ସାଇତା ହୋଇ ରହିଥାଏ । ଇ–ବୁକ୍‌ରେ ଏହା ସମ୍ଭବ ହୋଇପାରିନଥାଏ, ଏଥିସହିତ ଏହା ମଧ୍ୟ ଅଧିକ ବ୍ୟବସାୟସାପେକ୍ଷ । ଛାପା ବହିର ଇତିହାସ ହଜାର ହଜାର ବର୍ଷ ପୁରୁଣା, ମାତ୍ର ଇଣ୍ଟରନେଟ୍ ମାଧ୍ୟମରେ ସବୁ ପୁରୁଣା ବହି, ତଥ୍ୟ ସଂରକ୍ଷଣ କରାଯାଇଛି କି ନାହିଁ ତାହା ସନ୍ଦେହ ଘେରରେ ।

ଶେଷରେ କୁହାଯାଇପାରେ, ଭାଷାର ସମୃଦ୍ଧି ସାଧନରେ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । କେବଳ ପାଠାଗାର ପ୍ରତିଷ୍ଠା କରି ପାଠକ ସୃଷ୍ଟି ନ କଲେ, ପାଠାଗାର ପ୍ରତିଷ୍ଠାର ମୂଳଲକ୍ଷ୍ୟ ଅପୂରଣୀୟ ହୋଇରହିଯିବ । ଶିୟାଲୀ ରାମାମୃତ ରଙ୍ଗନାଥନ୍ ଗ୍ରନ୍ଥାଗାରକୁ ପାରମ୍ପରିକ ରକ୍ଷଣଶୀଳତାରୁ ମୁକ୍ତ କରି ଆଧୁନିକତାର ସ୍ପର୍ଶ ଦେବା ପାଇଁ ଚେଷ୍ଟା ଚଳାଇଥିଲେ । ଫଳସ୍ୱରୂପ ଆଜିର ଗ୍ରନ୍ଥାଗାର ଯୁଗ ସହିତ ତାଳ ଦେଇ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଡିଜିଟାଲ ଲାଇବ୍ରେରିରେ ରୂପାନ୍ତରିତ ହୋଇଛି । ଏବେ ବହୁ ସଂସ୍ଥା ନିଜ ସେବାକୁ ଲୋକାଭିମୁଖୀ କରିବାକୁ ସୋସିଆଲ୍ ମିଡିଆ ଉପଯୋଗ କରୁଛନ୍ତି । ଯଦି ସୋସିଆଲ୍ ମିଡିଆକୁ ଡିଜିଟାଲ ଲାଇବ୍ରେରି ସହିତ ଯୋଡ଼ି ଦିଆଯାଏ, ତା'ହେଲେ ବହୁ ପାଠକ ଉପକୃତ ହୋଇପାରିବେ । ଗ୍ରନ୍ଥାଗାରିକମାନେ ଦକ୍ଷତାର ସହିତ ଠିକ୍ ତଥ୍ୟ ଠିକ୍ ସମୟରେ ବ୍ୟବହାର କରି ପାଖରେ ପହଞ୍ଚାଇପାରିଲେ ସେବା ସାର୍ଥକ ହେବ । ଶିୟାଲୀ ରାମାମୃତ ରଙ୍ଗନାଥନ୍ ପୁସ୍ତକ ପଠନ ପାଇଁ ଭାରତରେ ଏକ ଆନ୍ଦୋଳନ ସୃଷ୍ଟି ଲାଗି ପ୍ରୟାସ କରିଥିଲେ ।

## ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ ! (ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | 1 | B | E | | | | | | | | 6 | |
| 9 | | | | | 3 | | E | 0 | | D | 6 | | C | 8 |
| | | | | | C | 1 | | 8 | | | | B | 4 | E |
| 2 | | | | 9 | | 3 | | | | | | 5 | | 0 |
| | | 6 | | | | | | | | | B | | 1 | |
| C | | A | | | | B | | | | 8 | 4 | 7 | | |
| | | | | 6 | | | | | | | 3 | | B | |
| | | | | 5 | | | | 4 | 0 | | | | 8 | |
| D | 8 | | | | | 2 | A | E | 7 | | C | 1 | | |
| | 9 | | | 0 | | 5 | | | | 1 | 2 | C | | 6 |
| 6 | | | | | | | | 1 | 5 | A | 0 | 2 | E | D |
| | 0 | | | | 9 | | 3 | 7 | | | | | | B |
| | 7 | | | | | | | | | B | | | | |
| E | 3 | | 0 | | | 4 | 9 | | | | 7 | | 5 | |
| 4 | | | D | | | | | | 6 | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 0 | C | 4 | A | 5 | 3 | 6 | D | 9 | 1 | 8 | B | E |
| A | 6 | 1 | 7 | E | 3 | 9 | B | 8 | C | 0 | 5 | 2 | 4 | D |
| 4 | 8 | C | D | 2 | 5 | E | A | 7 | 3 | 6 | B | 0 | 1 | 9 |
| B | 5 | 3 | 1 | 9 | 8 | 0 | 4 | D | 2 | 7 | E | 6 | A | C |
| D | E | 9 | 0 | B | 6 | 1 | C | 2 | A | 8 | 4 | 7 | 3 | 5 |
| C | B | 8 | 6 | 0 | 7 | 3 | D | 5 | 9 | 4 | A | E | 2 | 1 |
| 6 | A | 5 | 2 | 8 | D | 4 | 9 | 0 | E | 1 | 3 | C | 7 | B |
| 9 | 2 | E | 4 | 1 | C | 8 | 7 | A | 5 | B | 0 | D | 6 | 3 |
| 3 | 4 | D | 9 | A | E | 2 | 1 | B | 6 | C | 7 | 5 | 0 | 8 |
| 0 | 1 | 7 | 3 | 5 | B | C | 6 | E | 8 | D | 2 | 4 | 9 | A |
| 5 | 9 | A | 8 | D | 0 | 7 | 2 | 1 | B | E | 6 | 3 | C | 4 |
| 7 | 3 | 6 | A | C | 1 | D | 5 | 9 | 4 | 2 | 8 | B | E | 0 |
| 8 | D | 2 | E | 6 | 9 | B | 0 | 4 | 1 | 3 | C | A | 5 | 7 |
| E | C | B | 5 | 7 | 4 | 6 | 8 | 3 | 0 | A | 9 | 1 | D | 2 |
| 1 | 0 | 4 | B | 3 | 2 | A | E | C | 7 | 5 | D | 9 | 8 | 6 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ରାସ୍ତା ଆଲୋକୀକରଣ ହେଉ

ମହାଶୟ,

ପାଞ୍ଚ ନମ୍ବର ଜାତୀୟ ରାଜପଥରୁ ଏକ ଲମ୍ବା ରାସ୍ତା ମହୁରା ଏବଂ ନଅଁପୁଟ ଦେଇ ରେତଙ୍ଗ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ଯାଇଛି । ରାସ୍ତାର ଅବସ୍ଥା ନ କହିବା ଭଲ । ଏ ରାସ୍ତାର ଉଭୟ ପାର୍ଶ୍ୱରେ ସି.ଭି. ରମଣ ଇଞ୍ଜିନିୟରିଂ କଲେଜ, ଜାଭିୟର୍ସ ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର ଆଇଟିଆର ଏବଂ ଆହୁରି ଅନେକ ସ୍କୁଲ କଲେଜ ରହିଛି । ଏ ରାସ୍ତାରେ ଅନେକ ବସ୍, ଟ୍ରକ୍, କାର ଏବଂ ବାଇକ୍ ଅହରହ ଚାଲିଥାଏ । କିନ୍ତୁ ରାସ୍ତାର ଅନେକ ଜାଗାରେ ଖାଲ । ରାସ୍ତାକଡ଼ର ଅନାବନା ଗଛଗୁଡିକ ରାସ୍ତା ଉପରକୁ ମାଡ଼ିଆସିଲାଣି । ସନ୍ଧ୍ୟା ହେଲେ ଲମ୍ବଜନ୍ତୁ ରାସ୍ତାର ଉଭୟ ପାର୍ଶ୍ୱକୁ ଆତଯାତ କରୁଛନ୍ତି । ରାସ୍ତାରେ ଆଲୋକର ବ୍ୟବସ୍ଥା ନାହିଁ । କର୍ତ୍ତୃପକ୍ଷଙ୍କୁ ଅନୁରୋଧ, ଏ ରାସ୍ତାର ମରାମତି ସହ ଆଲୋକୀକରଣ କଲେ ଲୋକେ ସ୍ୱଚ୍ଛନ୍ଦରେ ଆତଯାତ କରିପାରନ୍ତେ ।

ବାସନ୍ତୀ ପଟ୍ଟନାୟକ, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଭୁବନେଶ୍ୱର

### ସୁଜାନଗରପାଟଣାକୁ ରାଜସ୍ୱ ଗ୍ରାମ କରାଯାଉ

ଧରିତ୍ରୀ(୧୬।୭)ରୁ ଓଡିଶାର ୪୧୧୬ ପଡା ଗ୍ରାମ ରାଜସ୍ୱ ଗ୍ରାମରେ ପରିଣତ ହେବ ବୋଲି ଜାଣିବାକୁ ପାଇଲି । ଆମ ଗ୍ରାମ ସୁଜାନଗରପାଟଣାଟି ଗୋଟିଏ ବଡ ପଡା ଗ୍ରାମ । ଏହାର ଲୋକସଂଖ୍ୟା ପ୍ରାୟ ଏକ ହଜାରରୁ ଅଧିକ । ଏହା ପ୍ରାଚୀ ନଦୀ କୂଳରେ ଅବସ୍ଥିତ ଓ ଅତୀତରେ ସାଧବ ପୁଅମାନେ ଏଠାରେ ବସବାସ କରୁଥିଲେ ବୋଲି ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ ଅଛି । ଏହି ଗ୍ରାମର ପ୍ରାୟ ସମସ୍ତ ପରିବାର ଚାଷୀ ଓ କୃଷିଭିତ୍ତିକ ଛୋଟ ବ୍ୟବସାୟୀ, ଉକ୍ତ ଗ୍ରାମରେ ବର୍ତ୍ତମାନ ପ୍ରାୟ ସାତ ଏକରରୁ ଅଧିକ ସରକାରୀ ଜମି ଅଛି । ସରକାରୀ ମାଛଗାଡିଆ, ଶ୍ମଶାନ, ପ୍ରାଥମିକ ବିଦ୍ୟାଳୟ, ଅର୍ଦ୍ଧନିର୍ମିତ ଅଙ୍ଗନବାଡି କେନ୍ଦ୍ର, ଆଖଣ୍ଡଳମଣି ମନ୍ଦିର, ଅନ୍ତର୍ବେଦୀ ମଠ ପ୍ରଭୃତି ଏ ଗ୍ରାମରେ ବିରାଜମାନ । ଏଣୁ ଏହି ଗ୍ରାମକୁ ଗୋଟିଏ ରାଜସ୍ୱ ଗ୍ରାମ କରିବାକୁ ସରକାରଙ୍କୁ ଅନୁରୋଧ ।

ସୁରେନ୍ଦ୍ର କୁମାର ନାୟକ, ସୁଜାନଗରପାଟଣା, କଣ୍ଟାପଡ଼ା, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବିହାରର ମୁଜଫରପୁର ଅଞ୍ଚଳରେ ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍‌ଭାବନାର ପରିଚୟ ଦେଇଛନ୍ତି ସେଠାରେ ବାସ କରୁଥିବା ମୁସଲମାନ୍‌ମାନେ । ଶ୍ରାବଣ ମାସ ଶେଷ ସୋମବାରରେ ବକ୍ରିଦ୍‌ର ପ୍ରଥମ ଦିନ ପଡୁଥିବାରୁ ଏହିଦିନ କୁର୍ବାନି କରାଯିବନାହିଁ ବୋଲି ବାବା ଗରିବନାଥ ମନ୍ଦିର ଆଖପାଖରେ ରହୁଥିବା ୩୦–୪୦ଟି ମୁସଲମାନ ପରିବାର ନିଷ୍ପତ୍ତି ନେଇ ଦେଶକୁ ଏକ ନୂଆ ବାର୍ତ୍ତା ଦେଇଛନ୍ତି । ଶ୍ରାବଣ ମାସର ଶେଷ ସୋମବାରରେ ବାବା ଗରିବନାଥ ମନ୍ଦିରରେ ଭଗବାନ ଶିବଙ୍କୁ ଜଳଲାଗି କରିବା ପାଇଁ ଲକ୍ଷାଧିକ କାଉଡିଆଙ୍କ ସମାଗମ ହୁଏ । ଶାନ୍ତିର ସହ କିଭଳି ଜଳାଭିଷେକ ଓ ମେଳା ସମାପନ ହେବ ସେଥିପାଇଁ ମୁସଲମାନମାନଙ୍କ ସହଯୋଗ ଏକ ଉଦାହରଣ ବୋଲି କୁହାଯାଇପାରେ । ସୋମବାର ବକ୍ରିଦ୍‌ର ପ୍ରଥମଦିନ ହେଲେ ବି ମୁସଲମାନ ପରିବାରରେ କୁର୍ବାନି କରାଯିବନାହିଁ ବୋଲି ଛାତା ବଜାର ମସ୍‌ଜିଦ କମିଟିର ସମ୍ପାଦକ କହିଛନ୍ତି । ମନ୍ଦିର ସମ୍ମୁଖରେ ଥିବା ଛାତା ବଜାର ମସଜିଦରେ ମୌଲାନା ଶହିଦୁଜମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଘୋଷଣା କରାଯାଇଛି । ବୈଠକରେ ମସଜିଦ କମିଟିର ସଦସ୍ୟଙ୍କ ସହ ଗରିବନାଥ ମନ୍ଦିର ପକ୍ଷରୁ କେତେକ ବ୍ୟକ୍ତି ଉପସ୍ଥିତ ରହିଥିଲେ । ତିନିଦିନ ବକ୍ରିଦ୍ ପାଳନ କରାଯାଉବାରୁ ପ୍ରଥମ ଦିନ ବ୍ୟତୀତ ଆଉ ଦୁଇଦିନ କୁର୍ବାନି କରାଯାଇପାରିବ ବୋଲି କୁହାଯାଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅଗଷ୍ଟ ୧୯୯୪

- ଦକ୍ଷିଣ ଆଫ୍ରିକାର ଭାରତୀୟ ବଂଶୋଦ୍ଭବ ନେତା ଫତିମା ମୀର୍ ଚଳିତବର୍ଷର ସମ୍ମାନଜନକ ବିଶ୍ୱ–ଗୁରଜାରୀ ପୁରସ୍କାର ପାଇଁ ମନୋନୀତ ।
- ରୁଷିଆରେ ଦୁଇଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣାରେ ୨୧ ଜଣଙ୍କ ମୃତ୍ୟୁ ।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୪– ଚାନ୍ଦିପୁରସ୍ଥିତ ଆଇଟିଆର୍‌ରୁ କ୍ଷେପଣାସ୍ତ୍ରଭେଦୀ କ୍ଷେପଣାସ୍ତ୍ର କ୍ୟୁଆର୍‌ଏସ୍‌ଏମ୍‌ର ସଫଳ ପରୀକ୍ଷଣ ।

୫– ଜମ୍ମୁ–କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ୩୭୦ ଧାରା ଓ ୩୫(ଏ) ଉଚ୍ଛେଦ ହେବା ସହ ଲଦାଖକୁ ଅଲଗା କରି କେନ୍ଦ୍ରଶାସିତ ଅଞ୍ଚଳ କରିବା ଓ ଜମ୍ମୁ–କଶ୍ମୀରକୁ ଏକ ଅଲଗା କେନ୍ଦ୍ରଶାସିତ ଅଞ୍ଚଳ କରିବା ଲାଗି ପ୍ରସ୍ତାବ ଗୃହୀତ ।

୬– ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ପରଲୋକ ।

* ୩୭୦ ଧାରା ଉଚ୍ଛେଦ ସଂକଳ୍ପନାମା ଓ ଜମ୍ମୁ–କଶ୍ମୀରପୁନର୍ଗଠନବିଲ୍‌ପାର୍ଲାମେଣ୍ଟରେଗୃହୀତ ।

୭– ୩୭୦ ଧାରା ଉଚ୍ଛେଦକୁବିରୋଧ କରି ଭାରତ ସହ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କଲା ପାକିସ୍ତାନ ।

୮– ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱର୍ଗତ ଭାରତୀୟ ଜନସଂଘ ନେତା ନାନାଜୀ ଦେଶମୁଖ ଓ ସ୍ୱର୍ଗତ ଗାୟକ ଭୂପେନ ହଜାରିକାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଛି ।

୯– ୩୭୦ ଧାରା ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦରେ ଜାତିସଂଘ ମୁଣ୍ଡ ଖେଳାଇବ ନାହିଁ ବୋଲି ମନା କରିଦେଇଥିବା ବେଳେ ଆମେରିକା ଓ ଚାଇନା ମଧ୍ୟ ତୁମ କଥା ତୁମେ ବୁଝ ବୋଲି ସ୍ପଷ୍ଟ କରିଦେଇଛନ୍ତି ।

# ଜମିବ ଖାଦ୍ୟର ଆସର

ସୋମବାର(୧୨ ଅଗଷ୍ଟ) ପାଳିତ ହେବ ଇଦ୍-ଉଲ୍-ଜୁହା ବା ବକ୍ରିଦ୍। ମୁସଲମାନ ସମ୍ପ୍ରଦାୟର ଏହା ଏକ ପ୍ରମୁଖ ଉତ୍ସବ। ଆଲ୍ଲାଙ୍କୁ ଖୁସି କରିବା ପାଇଁ ବକ୍ରା(ଛେଳି)କୁ କୁରବାନି ଦିଆଯାଏ। ବିଶ୍ୱାସ ଓ ପରମ୍ପରାର ଏହି ପର୍ବ ପାଳନ ଅବସରରେ ମୁସଲମାନ ପରିବାରର ଘରେ ଘରେ ସ୍ୱତନ୍ତ୍ର ଖାଦ୍ୟ ତିଆରି ହୋଇଥାଏ। ଏହାଛଡ଼ା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ କେତେକ ଖାସ୍ ଡିଶ୍ ପ୍ରସ୍ତୁତ ହୋଇଥାଏ।

## ବିରିୟାନି ସାଙ୍ଗକୁ ଲଚ୍ଛା, ଫାଲୁଦା, ମୋରବା, ଜର୍ଦ୍ଦା

**ମୁସଲମାନ ସମ୍ପ୍ରଦାୟର ପ୍ରମୁଖ ଦୁଇ ପର୍ବ ହେଉଛି ଇଦ୍-ଉଲ-ଫିତର ଓ ଇଦ୍-ଉଲ-ଜୁହା। ସୋମବାର ହେଉଛି ଇଦ-ଉଲ-ଜୁହା। ପବିତ୍ର ରମଜାନ ମାସର ଶେଷ ଦିନ ପରେ ଇଦ୍-ଉଲ-ଫିତର ପାଳନ କରାଯାଉଥିବା ବେଳେ ଏହାର ପ୍ରାୟ ଦୁଇ ମାସ ପରେ ଇଦ୍-ଉଲ-ଜୁହା ପର୍ବ ଆସେ। ଏହି ଦୁଇଟି ଯାକ ପର୍ବରେ ମୁସଲମାନ ଭାଇଭଉଣୀମାନେ ନୂଆ ଡ୍ରେସ ପିନ୍ଧି ସ୍ୱତନ୍ତ୍ର ନମାଜ ପାଠ କରିଥାନ୍ତି। କାନ୍ଧରେ କାନ୍ଧ ମିଳାଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ହେଲେ ଏହି ଦୁଇ ପର୍ବରେ ପ୍ରତ୍ୟେକ ମୁସଲମାନ ପରିବାରରେ ଖାଇବା ପିଇବାର ଆସର ଜମେ। ତେବେ ଏହି ପର୍ବରେ କେତେକ ଖାସ୍ ସୁସ୍ୱାଦୁ ଖାଦ୍ୟକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି।**

### ପ୍ରଥମ ପସନ୍ଦ ବିରିୟାନି

ବିରିୟାନି ଏକ ନିତିଦିନିଆ ଖାଦ୍ୟ ହୋଇଥିଲେ ମଧ୍ୟ ଇଦ୍ ଅବସରରେ ଏହା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଏ। ଏହି ଦିନ କୌଣସି ରେଷ୍ଟୁରାଣ୍ଟ ଉପରେ ଭରସା ନ କରି ନିଜ ଘର ତିଆରି ବିରିୟାନି ଖାଇଥାନ୍ତି ମୁସଲମାନମାନେ। ବନ୍ଧୁବାନ୍ଧବଙ୍କ ମେଳରେ ଏକତ୍ର ବସି ବିରିୟାନି ମୁଖ୍ୟ ଖାଦ୍ୟ ଭାବେ ଖିଆଯାଏ। ଏ ନେଇ ସ୍ୱତନ୍ତ୍ର ବିରିୟାନି ଚାଉଳ ଓ ମସଲା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି।

### ନମାଜ ପାଠ ପରେ ଲଚ୍ଛା

ନମାଜ ପାଠ ଶେଷ କରିବା ପରେ ପ୍ରଥମେ ମିଠା ଖାଇବାକୁ ଭଲ ପାଆନ୍ତି। ଘରର ମହିଳାମାନେ ସକାଳୁ ଉଠି ମିଠାଜାତୀୟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଏହା ମଧ୍ୟରେ ଗୋଟିଏ ଖାଦ୍ୟ ହେଉଛି ଲଚ୍ଛା। ସିମେଇ ଭଳି ଦେଖା ଯାଉଥିଲେ ମଧ୍ୟ ଏହା ସିମେଇ ନୁହେଁ। ମଇଦାରୁ ପ୍ରସ୍ତୁତ ଲଚ୍ଛା ଦୁଇ ପ୍ରକାରର। ଘିଅ ଓ ତେଲରେ ମିଶ୍ରଣକୁ ନେଇ ଲଚ୍ଛା ଭିନ୍ନଭିନ୍ନ। ଲଚ୍ଛା କଟକର କେଶରପୁର ଅଞ୍ଚଳରେ ତିଆରି ହେଉଥିଲେ ମଧ୍ୟ ପ୍ରାୟତଃ ଇଦ୍ ସମୟରେ କୋଲକାତା, ହାଇଦ୍ରାବାଦ ଅଞ୍ଚଳରୁ ଲଚ୍ଛା ଅଣାଯାଏ। ଲଚ୍ଛା କେଜି ପିଛା ଦର ୧୦୦ଟଙ୍କାରୁ ଆରମ୍ଭ କରି ୮୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଗରମ କ୍ଷୀରରେ ଲଚ୍ଛାକୁ ପକାଇ କିଛି ସମୟ ଭିଜିବା ପରେ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରାଯାଏ। ସିମେଇ ମଧ୍ୟ ବିକ୍ରି ହେଉଛି। ଏହାର ମୂଲ୍ୟ କେଜି ପିଛା ୭୦ଟଙ୍କା ରହିଛି।




### ସାମିଲ ହେଲାଣି ଫାଲୁଦା



ପଶ୍ଚିମ ଭାରତର ଖାଦ୍ୟ ଫାଲୁଦାକୁ ଏବେ ମୁସଲମାନମାନେ ଇଦ୍ ସମୟରେ ଅଧିକ ଭାବେ ଖାଉଥିବା ଦେଖିବାକୁ ମିଳିଛି। ଏହାର ଚାହିଦା ମଧ୍ୟ ବଜାରରେ ଅଧିକ। ଫାଲୁଦା ପ୍ୟାକେଟ ହୋଇ ବିକ୍ରି କରାଯାଉଛି। ଷ୍ଟ୍ରବେରୀ, ଭାନିଲା, କାଜୁପେସ୍ତା, ବଟରସ୍କଚ ଭଳି ବିଭିନ୍ନ ପ୍ରକାରର ଫାଲୁଦା ପ୍ୟାକେଟ ରହିଛି। ପ୍ୟାକେଟ ଗୁଡ଼ିକ ୭୦ ଟଙ୍କା। ଗୋଟିଏ ପ୍ୟାକେଟକୁ ଗୋଟିଏ ଲିଟର କ୍ଷୀରରେ ପକାଇ ଖାଦ୍ୟ ପ୍ରସ୍ତୁତ କଲେ ୬ଜଣ ଖାଇ ପାରିବେ।

### ମିଠା ଖାଦ୍ୟ ଜର୍ଦ୍ଦା

ଏହି ପର୍ବ ଅବସରରେ ମୁସଲମାନ ପରିବାରରେ ଚାଉଳରେ ତିଆରି ଜର୍ଦ୍ଦା ଖାଦ୍ୟ ତିଆରି ହେଉଥିବା ଦେଖିବାକୁ ମିଳେ। ଏହାର ନାଁ ଜର୍ଦ୍ଦା ହୋଇଥିଲେ ମଧ୍ୟ ଏହା ଅତ୍ୟନ୍ତ ମିଠା ଜାତୀୟ ଖାଦ୍ୟ। କମଳା ରଙ୍ଗର ଭାତରେ ଘିଅ, ନଡ଼ିଆ, ଚେରୀ, କିସ୍‌ମିସ୍ ପକାଇ ଜର୍ଦ୍ଦା ତିଆରି କରାଯାଏ।

### ଚାହିଦାରେ ଆରବ ଖଜୁରି

ପୁଣ୍ୟର ଫଳ ଭାବେ ଖଜୁରିକୁ ଗ୍ରହଣ କରନ୍ତି ମୁସଲମାନମାନେ। ୧୦ରୁ ୧୫ପ୍ରକାରର ଖଜୁରି ବଜାରରେ ବିକ୍ରି ହେଉଛି। ତେବେ ସବୁଠାରୁ ଅଧିକ ଚାହିଦା ରହିଛି ଆରବ ଖଜୁରୀର। ସୌଦିଆରବର ଅଲ୍‌ମଦିନାରୁ ଆସୁଥିବା ଖଜୁରି ପ୍ୟାକେଟ ଅଧକେଜିକୁ ୨୮୦ଟଙ୍କାରେ ବିକ୍ରି ହେଉଛି। ଇରାନରୁ ମଧ୍ୟ ଖଜୁରି ପ୍ୟାକେଟ ଆସୁଛି। ୬୦୦ଗ୍ରାମର ଇରାନୀ ଖଜୁରି ପ୍ୟାକେଟ୍‌ର ମୂଲ୍ୟ ୨୦୦ଟଙ୍କାରେ ବିକ୍ରି ହେଉଛି।

### ପାଣିକଖାରୁ ମୋରବା

ପ୍ୟାକେଟ ଭିତରେ ମିଶ୍ରି ପରି ଦେଖାଯାଉଥିବା ମିଠା ଖାଦ୍ୟ ମୋରବା ଇଦ୍ ଅବସରରେ ବଜାରରେ ବିକ୍ରି ହେଉଛି। ଏହା ପାଣି କଖାରୁରୁ ତିଆରି ହୋଇଛି। ମିଠା ଭାବେ ଏହାକୁ ମଧ୍ୟ ଇଦ୍ ଅବସରରେ ଖିଆଯାଏ।



– ରିପୋର୍ଟ: କୁମାରଶ୍ରୀ ସାହୁ, କଟକ



## ଚିକେନ୍ ଦମ୍ ବିରିୟାନି

### ଆବଶ୍ୟକ ସାମଗ୍ରୀ

ବସୁମତୀ ଚାଉଳ, ଚିକେନ୍, ପୋଦିନାପତ୍ର, ଡାଲଚିନି, ଗୁଜୁରାତି, ଅନାସୀଫୁଲ, କ୍ଷୀର, ଦହି, ଅଣ୍ଡା, ପିଆଜ, ଅଦା, ରସୁଣ, ଲବଙ୍ଗ, କଳାମରିଚ, ତେଜପତ୍ର, ଜାଇଫଳ, ଜାୟତ୍ରୀ, ସାଜିରା, ବଡଅଳେଇଚ, କେଓଡା(କିଆଫୁଲ ସେଣ୍ଟ), ଘିଅ, କେଶର, ଜିରା ପାଉଡର, ହଳଦୀଗୁଣ୍ଡ, ମରିଚ ଗୁଣ୍ଡ, ଲଙ୍କାଗୁଣ୍ଡ, ରିଫାଇନ ତେଲ, ଲୁଣ, କଞ୍ଚାଲଙ୍କା, ଲେମ୍ବୁ, ଧନିଆପତ୍ର, ପାଣି, ଭଜାଆଳୁ, ଟମାଟୋ, ଗୋଲାପଜଳ, ବିରିୟାନି ଅତର।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଏକ ପାତ୍ରରେ କଟା ଚିକେନ୍, ଦହି, (ଡାଲଚିନି, ଗୁଜୁରାତି, ଅନାସୀଫୁଲ, ଲବଙ୍ଗ, ଜାୟତ୍ରୀ, ସାଜିରା, କଳାମରିଚ, ଜିରା ପାଉଡର, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଭଜାଯାଇ ଗୁଣ୍ଡ), କଟା ହୋଇଥିବା ପୋଦିନାପତ୍ର, ଧନିଆପତ୍ର, ଅଦାରସୁଣ ପେଷ୍ଟ, ଲେମ୍ବୁ, ଟମାଟୋକୁ ମିଶ୍ରଣ କରି ୨-୩ ଘଣ୍ଟା ଲାଗି ମାରିନେଟ ହେବାପାଇଁ ରଖିଦିଅନ୍ତୁ। ତା ପରେ କଟା ହୋଇଥିବା ପିଆଜକୁ କଡ଼େଇରେ ରିଫାଇନ ତେଲରେ ବ୍ରାଉନ ହେବାପର୍ଯ୍ୟନ୍ତ ଭାଜି ଅନ୍ୟ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ।

ଏକପାତ୍ରରେ ପାଣି ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଅନାସୀଫୁଲ, ଲବଙ୍ଗ, ଜାୟତ୍ରୀ, ପୋଦିନାପତ୍ର, ଧନିଆପତ୍ର, କଳାମରିଚ, ବଡ଼ ଅଳେଇଚ ଓ ଘିଅ ପକାଇଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ମୁତାବକ ବସୁମତୀ ଚାଉଳ, ଗୋଲାପଜଳ ଓ ସ୍ୱାଦ ମୁତାବକ ଲୁଣ ପକାଇ ପାଣିରେ ଉକ୍ତ ଚାଉଳକୁ ଅଧା ସିଝାଇ ଦିଅନ୍ତୁ। ଦେଖିବେ ଚାଉଳ ଯେମିତ ବେଶି ଶିଝି ନ ଯାଏ। ଶିଝି ସାରିବା ପରେ ସେଥିରେ ପକାଯାଇଥିବା ମସଲାଜାତୀୟ ଦ୍ରବ୍ୟକୁ କାଢ଼ି ଦିଅନ୍ତୁ। ତାପରେ ଥିବା ଭାତକୁ ଭଲ ଭାବେ ଛାଣି ଦିଅନ୍ତୁ। ଏହାପରେ ରଖାଯାଇଥିବା ମସଲାଯୁକ୍ତ ଚିକେନ୍‌କୁ ତେଲ ଦେଇ ଏକ କଡେଇରେ ଫ୍ରାଏ କରାଯିବ। ଅନ୍ୟ ଏକ ବିରିୟାନି ହାଣ୍ଡି(ସମତଳ ଥିବା ହାଣ୍ଡି) ଆଣି ସେଥିରେ ତଳେ ଘିଅ ଲଗାଇ ଉପରେ ଫ୍ରାଏ ହୋଇଥିବା ଚିକେନ୍‌କୁ ସଜେଇ ରଖାଯିବ ଯେପରିକି ହାଣ୍ଡିର ତଳ ସ୍ତରରେ ସବୁ ଚିକେନ୍ ଲାଗୁଥିବ। ଏହା ଉପରେ ଭଜାଯାଇଥିବା କିଛି ବ୍ରାଉନ ଓନିଅନ ରଖନ୍ତୁ। ତା'ପରେ ଅଧା ସିଝିଥିବା ଭାତ ଗୋଟିଏ ସ୍ତର ପକାନ୍ତୁ। ତା'ପରେ କିଛି କଟା ହୋଇଥିବା ପୋଦିନା ଓ ଧନିଆପତ୍ର, ଭଜାଯାଇଥିବା ପିଆଜ, ଘିଅ, କେଉଡା, ଗୋଲାପଜଳ ପକାଇ ଅନୁରୂପ ଦୁଇସ୍ତର ରଖନ୍ତୁ। ଶେଷରେ କିଛି କ୍ଷୀରରେ କେଶର, ଅତର, ଗୋଲାପଜଳ ମିଶାଇ ଏହା ଉପରେ ପକାଇ ଦିଅନ୍ତୁ। ବିରିୟାନି ହାଣ୍ଡିର ଧାରରେ ପୂର୍ବରୁ ଚକଟା ହୋଇଥିବା ଅଟା ଦେଇ ଢାଙ୍କୁଣୀକୁ ଭଲ ଭାବେ ଘୋଡ଼ାଇ ଦିଅନ୍ତୁ। ଯେପରିକି ଭିତରୁ ବାଷ୍ପ ବାହାରକୁ ନ ବାହାରି ପାରିବ। କିଛି ସମୟ ଅଧିକ ଜାଳ ଦିଆଯାଇ ପରେ କମାଇ ଦିଅନ୍ତୁ। ଏହାପରେ ପ୍ରାୟ ୧ ଘଣ୍ଟା ଦମ୍‌ରେ ବସାଯିବ। ସ୍ୱାଦ ମୁତାବକ ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ଏଥିରେ ସିଝାଅଣ୍ଡା ଓ ଭଜାଆଳୁ ମିଶ୍ରଣ କରାଯାଇପାରିବ। ଖାଇବା ସମୟରେ ଦହି କଚୁମ୍ବର ସାଙ୍ଗରେ ଖାଇଲେ ବେଶ ରୁଚିକର ହୋଇଥାଏ।

– ରିପୋର୍ଟ: ବିଷ୍ଣୁ ପ୍ରସାଦ ବେହେରା, ଭଦ୍ରକ

## କଲେଜି ମସଲା

### ସାମଗ୍ରୀ

ମଟନ କଲିଜା- ୫୦୦ଗ୍ରାମ
ପିଆଜ- ୩ଟା(ପେଷ୍ଟ)
ଟମାଟୋ- ୨ଟା(ପେଷ୍ଟ)
ଲଙ୍କା, ଜିରା, ଧନିଆ ଗୁଣ୍ଡ- ୧ ଚାମଚ ଲେଖାଏ, ହଳଦୀ ଗୁଣ୍ଡ- ୧/୨ ଚାମଚ
ତେଲ- ୫୦ଗ୍ରାମ, ଲୁଣ- ସ୍ୱାଦନୁଯାୟୀ
ଗୁଜୁରାତି- ୪ଟା, ଡାଲଚିନି- ୨ଟା
ତେଜପତ୍ର- ୨ଟା, ଗୋଲମରିଚ- ୪ଟା
ଲବଙ୍ଗ- ୪ଟା, କଞ୍ଚାଲଙ୍କା- ୪ଟା
ଅଦା ରସୁଣ ପେଷ୍ଟ- ୫୦ଗ୍ରାମ
ଗରମ ମସଲା- ୨ ଚାମଚ
କଟା ଅଦା- ୧/୨ ଚାମଚ
ଦହି- ୧/୨ କପ୍, କିଛି ଧନିଆ ପତ୍ର



**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ପ୍ରେସର କୁକର୍‌ରେ ତେଲ ଗରମ କରନ୍ତୁ। ସେଥିରେ ସବୁ ଶୁଖିଲା ମସଲା ପକାନ୍ତୁ। ୧ମିନିଟ୍ ଭାଜିଲା ପରେ ସେଥିରେ ପିଆଜ ପେଷ୍ଟ ପକାନ୍ତୁ। ପିଆଜ ଗୋଲ୍‌ଡେନ୍ ହେବା ପରେ କଲିଜା(ପୂର୍ବରୁ ଧୁଆଯାଇଥିବ) ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ସବୁ ପାଉଡର ମସଲା ସହ ଅଦା ରସୁଣ ପେଷ୍ଟ ଓ ଅଳ୍ପ ପାଣି ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ପରେ ସେଥିରେ ଟମାଟୋ ପେଷ୍ଟ ପକାଇ ଡ୍ରାଏ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଡ୍ରାଏ ହୋଇଗଲେ ସେଥିରେ ଦହି ପକାଇ ଫ୍ରାଏ କରନ୍ତୁ। କଲିଜା ଫ୍ରାଏ ହୋଇଗଲେ ସେଥିରେ ଲୁଣ ପକାଇ ୫୦ମି.ଲି. ପାଣି ଦେଇ ପ୍ରେସର ବନ୍ଦ କରିଦିଅନ୍ତୁ। ଗୋଟିଏ ସିଟି ପରେ ପ୍ରେସର ଖୋଲି ବହଳିଆ ଗ୍ରେଭି ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ। ଏହାପରେ ଧନିଆ ପତ୍ର, କଞ୍ଚା ଲଙ୍କା, ଅଦା କଟା ପକାଇ ମିକ୍ସ କରନ୍ତୁ। ଏବେ ଆପଣଙ୍କର କଲେଜି ମସଲା ପ୍ରସ୍ତୁତ। ଏହାକୁ ଏକ ପାତ୍ରରେ ବାହାର କରି ସେଥିରେ ଗୋଟିଏ କଞ୍ଚା ଲଙ୍କା ଓ କଟା ଅଦା ପକାଇ ପରଷନ୍ତୁ।

ରିପୋର୍ଟ: ଅସମାପିକା ସାହୁ, ଭୁବନେଶ୍ୱର

---

ରାଜ୍ୟ ଖବର

ତୃତୀୟ ସ୍ମାରକୀ ବକ୍ତୃତାମାଳା

## ବରେନ୍ଦ୍ରଙ୍କ ଲେଖନୀ ଇତିହାସରେ ଅମ୍ଳାନ ସ୍ୱାକ୍ଷର ରଚିଛି

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ବିଶିଷ୍ଟ ସ୍ତମ୍ଭକାର ବରେନ୍ଦ୍ର କୃଷ୍ଣ ଧଳ ଜଣେ ଶାଣିତ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଯିଏ କି ଦିନ ଦୁଃଖୀଙ୍କ ଲାଗି କଲମ ଚାଳନା କରୁଥିଲେ। ତାଙ୍କ ଦ୍ୱାରା ଲିଖିତ ଅନେକ ସମ୍ପାଦକୀୟ, ସ୍ତମ୍ଭ ଓ ଖବର ବିଭିନ୍ନ ମହଲରେ ବେଶ ଆଦୃତି ଲାଭ କରିଛି। ସେ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭର ଜଣେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରି ରାଜନେତା ଓ ପ୍ରଶାସକଙ୍କୁ ଠିକ୍ ବାଟ ଦେଖାଇବାରେ ସମର୍ଥ ହୋଇଥିଲେ। ତାଙ୍କ ଲେଖନୀ ଇତିହାସରେ ଅମ୍ଳାନ ସ୍ୱାକ୍ଷର ରଚିଛି ବୋଲି ବରେନ୍ଦ୍ର କୃଷ୍ଣ ଧଳ ତୃତୀୟ ସ୍ମାରକୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଥିଲେ।

ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ନ୍ୟାସ ପକ୍ଷରୁ ସୂଚନାଭବନ ଗୀତଗୋବିନ୍ଦ ସଦନରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ 'ପ୍ରାକୃତିକ ବିପର୍ଯ୍ୟୟରେ ଜଳବାୟୁ ପରିବର୍ତ୍ତନ ଓ ବାୟୁମଣ୍ଡଳ ଉଷ୍ମତାର ପ୍ରଭାବ: ଓଡ଼ିଶା ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା' ପ୍ରସଙ୍ଗରେ ସ୍ମାରକୀ ବକ୍ତୃତା ଦେଇ ମହାପାତ୍ର କହିଥିଲେ, ଜଳବାୟୁ ପରିବର୍ତ୍ତନ ଏକ ଚଳନ୍ତି ପ୍ରକ୍ରିୟା। ମାତ୍ର ଏହି ପରିବର୍ତ୍ତନ ଅତୀତରେ ଯେଉଁ ହାରରେ ଥିଲା, ତାହା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ, ଜଙ୍ଗଲ ଓ ମୃତ୍ତିକା କ୍ଷୟ, ଉର୍ବରତା ହ୍ରାସ ଘଟୁଛି। ସହରୀକରଣ, ଶିଳ୍ପାୟନ ଓ ଆଧୁନିକ ଜୀବନଧାରା ଏଥିପାଇଁ ଦାୟୀ। ବିଗତ ୧୦୦ ବର୍ଷ ମଧ୍ୟରେ ତାପମାତ୍ରା ଦୁଇଗୁଣ ହାରରେ ବୃଦ୍ଧି ପାଇଛି। ଏହା ଭବିଷ୍ୟତ ସମାଜ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସେଥିପାଇଁ ଜଳବାୟୁ ପରିବର୍ତ୍ତନର ପୂର୍ବାନୁମାନ ଗୁରୁତ୍ୱପୂର୍ଣ୍ଣ ହୋଇଛି ଏବଂ ଏ ସମ୍ପର୍କରେ ସମଗ୍ର ଜାତି ପାଇଁ ମିଡିଆର ଭୂମିକା ଅଧିକ କ୍ରିୟାଶୀଳ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

**'ଜଳବାୟୁ ପରିବର୍ତ୍ତନ ଲାଗି ସହରୀକରଣ, ଶିଳ୍ପାୟନ, ଆଧୁନିକ ଜୀବନଧାରା ଦାୟୀ'**

ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ପ୍ରଶାସକ ଦେବପ୍ରସାଦ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜନସଞ୍ଚାର ସଂସ୍ଥାନର ସାମ୍ବାଦିକତା(ଓଡ଼ିଆ) ବିଭାଗର କୃତୀ ଛାତ୍ର ଆଲୋକଚନ୍ଦ୍ର ବାରିକଙ୍କୁ ନ୍ୟାସ ପକ୍ଷରୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କୁ ୧୦ ହଜାର ଟଙ୍କା ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।









ପ୍ରସାର ଭାରତୀ ଚେୟାରମ୍ୟାନ ଏ. ସୂର୍ଯ୍ୟ ପ୍ରକାଶ, ୟୁଜିସି ସଦସ୍ୟା ଡ. ମନୀଷା ଯାଦବ, ପିଆଇବି ଡିଜି ସୀତାଂଶୁ କର, କବି ଅମରେନ୍ଦ୍ର ଖଟୁଆ ଓ ପଲ୍ଲିବାଣୀ ମିଶନ ଅଧ୍ୟକ୍ଷ ରାମଚନ୍ଦ୍ର ନାଥଙ୍କ ଉପସ୍ଥିତିରେ ଧରିତ୍ରୀ ଖବରଦାତା ସସ୍ମିତା ପାଇକରାୟ ଏବଂ ଓଡିଶା ପୋଷ୍ଟ ପକ୍ଷରୁ ଚୈତାଳି ସୋମ ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ ଗ୍ରହଣ କରୁଛନ୍ତି।

## 'ଓଡ଼ିଶାବାସୀ ଦେଶର ଉନ୍ନତିରେ ମୁଖ୍ୟ ପୁରୋଧା ସାଜିଛନ୍ତି'

ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ-୨୦୧୯

**ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ', 'ଧରିତ୍ରୀ'ର ସସ୍ମିତା ପାଇକରାୟ ସମ୍ମାନିତ**

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ବିଶ୍ୱର ବଡ଼ ବଡ଼ ଦେଶ ମଧ୍ୟରେ ଭାରତର ସ୍ୱାତନ୍ତ୍ର୍ୟ ରହିଛି। ଆମ ଦେଶରେ ସୁପ୍ରିମ୍‌କୋର୍ଟ ପରି ନ୍ୟାୟାଳୟ ଥିବାବେଳେ ଗଣମାଧ୍ୟମ ପରି ଜାଗ୍ରତ ପ୍ରହରୀ ମଧ୍ୟ ରହିଛି। ଆମ୍ଭେମାନେ ଗଣମାଧ୍ୟମ ସହିତ ଜଡ଼ିତ ରହି ଠିକ୍ କଥାକୁ ଲୋକଲୋଚନକୁ ଆଣିବା ଆବଶ୍ୟକ। ଆଉ ଏହି କାର୍ଯ୍ୟ ଓଡ଼ିଶାରେ ଠିକ୍ ଭାବେ ହେଉଛି। ଓଡ଼ିଶାବାସୀ ଦେଶର ଉନ୍ନତିରେ ମୁଖ୍ୟ ପୁରୋଧା ସାଜିଛନ୍ତି। ପ୍ରତିକ୍ଷେତ୍ରରେ ଏବେ ଓଡ଼ିଶାର ନାଁ ରହିଛି। ସାମ୍ବାଦିକତା ଦିଗରେ ମଧ୍ୟ ଓଡ଼ିଶା ଅଗ୍ରଗତି କରିଛି ବୋଲି ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ ପ୍ରଦାନ ଉତ୍ସବରେ ପ୍ରସାର ଭାରତୀର ଚେୟାରମ୍ୟାନ ଏ. ସୂର୍ଯ୍ୟ ପ୍ରକାଶ କହିଛନ୍ତି।

ପଲ୍ଲିବାଣୀ ମିଶନ ପକ୍ଷରୁ ଶନିବାର ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବ ସ୍ପିକର ହଲ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୂର୍ଯ୍ୟ ପ୍ରକାଶ କହିଲେ, ଏବେ ସାମ୍ବାଦିକତାରେ ଡିଜିଟାଲ ମିଡିଆ ଏକ ନୂଆ ଯୁଗ ଭାବେ ଉଭା ହୋଇଛି। ଏଥିରେ ସମସ୍ତଙ୍କୁ ଦାୟିତ୍ୱବାନ ହେବାର ଆବଶ୍ୟକତା ରହିଛି। ଡିଜିଟାଲ ମିଡିଆ ଦ୍ୱାରା ଏବେ ସବୁ ଖବର କ୍ଷଣକେ ଜାଣି ହେଉଛି। ସାମାଜିକ ଗଣମାଧ୍ୟମ ଏହାର ପ୍ରସାରପ୍ରଚାରରେ ଅଧିକ କାମରେ ଆସୁଛି। ତେଣୁ ଗଣମାଧ୍ୟମ ପ୍ରତିନିଧି ଅଧିକରୁ ଅଧିକ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି ଅବସରରେ ଓଡ଼ିଶାର ଏକମାତ୍ର ଇଂଲିଶ ଦୈନିକ ଖବରକାଗଜ 'ଓଡ଼ିଶା ପୋଷ୍ଟ'କୁ ସଂସ୍ଥାଭାବେ ଏବଂ 'ଧରିତ୍ରୀ'ର ଖବରଦାତା ସସ୍ମିତା ପାଇକରାୟଙ୍କୁ ସାଂସ୍କୃତିକ ଖବରଦାତା ରୂପେ 'ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ' ମିଳିଛି। ଓଡିଶା ପୋଷ୍ଟ ପକ୍ଷରୁ ଖବରଦାତା ଚୈତାଳି ସୋମ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏଥିସହିତ ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ବିରୂପାକ୍ଷ ତ୍ରିପାଠୀ, ଅର୍ଦ୍ଧେନ୍ଦୁ ଦାସ, ଅରବିନ୍ଦ ଦାସ, ଧୀରେନ୍ଦ୍ର ନାରାୟଣ ମିଶ୍ର, ସମିତ ସାହୁ, ସୌଭାଗ୍ୟ ସୁନ୍ଦରରାୟଙ୍କୁ ସମ୍ମାନିତ କରାଯାଇଛି। ଦିଲ୍ଲୀରେ ୨୩ବର୍ଷ ଧରି ନିୟମିତ ଭାବେ ପ୍ରକାଶ ପାଇ ଆସୁଥିବା ସାହିତ୍ୟ ପତ୍ରିକା 'ପଲ୍ଲୀବାଣୀ'ର ଏକ ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଆଇବିଡିଜିସିତାଂଶୁ କର, କବି ଓ କୂଟନୀତିଜ୍ଞ ଅମରେନ୍ଦ୍ର ଖଟୁଆ, ୟୁଜିସି ସଦସ୍ୟା ଡ. ମନୀଷା ଯାଦବ, ପଲ୍ଲିବାଣୀ ମିଶନ ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଆ ଓ ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଓ ପରିଚୟ ହାସଲ କରିଥିବା ସାମ୍ବାଦିକଙ୍କୁ ପ୍ରତିବର୍ଷ ପଲ୍ଲୀବାଣୀ ମିଶନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ୬ ଶିଶୁ ଶ୍ରମିକ ଉଦ୍ଧାର କଲା ଚାଇଲ୍ଡ ଲାଇନ

**କାଳିମେଳା,୧୧।୮(ଡି.ଏନ.ଏ)**

ମାଲକାନଗିରି ଜିଲା କାଳିମେଳା ବସଷ୍ଟାଣ୍ଡରୁ ଆନ୍ଧ୍ର ପ୍ରଦେଶକୁ ଦାଦନ ଖଟିବାକୁ ଯାଉଥିବା ୬ ଜଣ ଶିଶୁ ଶ୍ରମିକଙ୍କୁ କାଳିମେଳା ଚାଇଲ୍ଡ ଲାଇନ ରବିବାର ଉଦ୍ଧାର କରିଛି । ଏହି ଶିଶୁମାନଙ୍କ ବୟସ ୧୩ରୁ ୧୬ ବର୍ଷ ମଧ୍ୟରେ ହେବ । ଏମାନଙ୍କ ମଧ୍ୟରୁ ୩ ଜଣ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅନ୍ତର୍ଗତ ଜବାଗୁଡା ଗ୍ରାମର ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ଜଣଙ୍କ ଘର ଛତିଶଗଡର କୋଣ୍ଡାଗାଁ ଜିଲାର ମାକଡି ବ୍ଲକ ଅନ୍ତର୍ଗତ ଦେଉରବାଲ୍ ଗ୍ରାମରେ ବୋଲି ଜଣାପଡିଛି ଖବରରୁ ଜଣାପଡିଛି ଛତିଶଗଡ ଓ ନବରଙ୍ଗପୁର ଜିଲାର ୧୨ରଊର୍ଦ୍ଧ୍ୱ ଶ୍ରମିକ ଆନ୍ଧ୍ରକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଏମାନଙ୍କ ସହିତ ଏହି ୬ ଜଣ ନାବାଳକ କାଳିମେଳାରୁ ଆନ୍ଧ୍ରକୁ ଯିବା ପାଇଁ କାଳିମେଳା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ । ଏହି ସମୟରେ କେହି ବ୍ୟକ୍ତି ଫୋନ ଯୋଗେ ଚାଇଲ୍ଡ ଲାଇନକୁ ସୂଚନା ଦେବାରୁ ଚାଇଲ୍ଡ ଲାଇନ ମୁଖ୍ୟ କେ. ମିସାଇଲ ରାଜୁ କାଳିମେଳା ଥାନାକୁ ଜଣାଇଥିଲେ। ଏସଆଇ ଶମ୍ଭୁନାଥ ଦଳବେହେରାଙ୍କ ସହ ଅନ୍ୟ ପୋଲିସ କର୍ମଚାରୀମାନେ ସେଠାରେ ପହଞ୍ଚି ଶିଶୁମାନଙ୍କୁ ଉଦ୍ଧାର କରିଥିଲେ ।ଏମାନଙ୍କୁ ପଚରା ଉଚରା ପରେ ସମସ୍ତେ ଦଲାଲ କଥାରେ ଆନ୍ଧ୍ରକୁ କାମ କରିବାକୁ ଯାଉଥିବା କହିଥିଲେ। ଚାଇଲ୍ଡ ଲାଇନ ପକ୍ଷରୁ ଏମାନଙ୍କୁ ଜିଲା ଶିଶୁ ସୁରକ୍ଷା ସମିତି ନିକଟରେ ହସ୍ତାନ୍ତର କରାଯାଇଛି।


ଚାଇଲ୍ଡ ଲାଇନ୍ ଦ୍ୱାରା ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକମାନେ।

## ସଂକ୍ଷେପରେ

### ଖରିଫ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ



**ମାଲକାନଗିରି,୧୧।୮ (ଡି.ଏନ୍.ଏ.):** ଆସନ୍ତା ଖରିଫ ଧାନ ସଂଗ୍ରହ ପାଇଁ ଚଳିତବର୍ଷ ଚାଷୀମାନଙ୍କୁ ସଚେତନ କରିବା ପାଇଁ ମାଲକାନଗିରି ଜିଲାର ୭ଟି ବ୍ଲକରେ ସଚେତନତା ରଥ ପରିକ୍ରମା କରିବ। ରବିବାର ଏହାର ଶୁଭାରମ୍ଭ ହୋଇଛି। ଚଳିତ ବର୍ଷ ରାଜ୍ୟ ସରକାର କୃଷକମାନଙ୍କ ଖରିଫ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ନେଇ ନୂଆ ନିୟମ କରିଛନ୍ତି। ପଞ୍ଜୀକରଣ ପାଇଁ ଇଚ୍ଛୁକ ଚାଷୀମାନେ କୃଷି ବିଭାଗ, ନିୟନ୍ତ୍ରିତ ବଜାର କମିଟି, ବ୍ଲକରେ ଥିବା କୃଷକ ସମିତି କାର୍ଯ୍ୟାଳୟରୁ ଫର୍ମ ସଂଗ୍ରହ କରି ସେହି ଫର୍ମରେ ଆବଶ୍ୟକ ଥିବା ବ୍ୟାଙ୍କ ପାସ୍‌ବୁକ୍, ଚାଷ ଜମି ବାବଦରେ ସମସ୍ତ ପ୍ରମାଣ ପତ୍ର, ଆଧାର କାର୍ଡ, ମୋବାଇଲ ନମ୍ବର ଦେଇ ଫର୍ମ ପୂରଣ କରି ଦେବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତବର୍ଷ ଯେଉଁ ସମିତିରେ ଚାଷୀମାନେ ନିଜ ନାମ ପଞ୍ଜୀକୃତ କରିଥିଲେ ଚଳିତବର୍ଷ ସେହି ସମିତିରେ ପଞ୍ଜୀକରଣ କରିବା ପାଇଁ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକ ପରାମର୍ଶ ଦେଇଛନ୍ତି। ଭାଗଚାଷୀମାନେ ଜମି ମାଲିକଙ୍କ ସହମତିପତ୍ର, ସରପଞ୍ଚଙ୍କ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି।

### ବ୍ଲକ ସ୍ତରୀୟ ତାଲିମ ଶିବିର



**କାଳିମେଳା,୧୧।୮(ଡି.ଏନ.ଏ):** କାଳିମେଳା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ରବିବାର ସପ୍ତମ ଆର୍ଥିକ ଗଣନାର ବ୍ଲକସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳିମେଳା ଓ ପଡିଆ ବ୍ଲକର ଭିଏଲଇମାନେ ଯୋଗ ଦେଇ ତାଲିମ ନେଇଥିଲେ । ଏହାକୁ ସିଏସସିର ଏଡିଏମ ସଂଗ୍ରାମ କେଶରୀ ଜେନା, ଡି.ଏମ. ହରିଶ ସାହୁ, ଏନଏସଏସ ଅଧିକାରୀ ଜୟନ୍ତ କୁମାର ସାହୁ ପରିଚାଳନା କରିଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କ ଆର୍ଥିକ ସର୍ବେକ୍ଷଣ କରିବା ତାଲିମର ଉଦ୍ଦେଶ୍ୟ ।

# ପିଇଓଙ୍କ ଜିଲାସ୍ତରୀୟ ସମ୍ମିଳନୀ

**ମାଲକାନଗିରି,୧୧।୮ (ଡି.ଏନ୍.ଏ.)**

ମାଲକାନଗିରି ଜିଲାର ୧୧୧ଟି ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସଂଘ ପକ୍ଷରୁ ରବିବାର ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହକୁମା ବ୍ରାହ୍ମଣ ସମାଜ ସେବା ଗୃହରେ ପ୍ରତାପ କୁମାର ମୋହିନିଙ୍କ ସଭାପତିତ୍ୱରେ ହୋଇଥିବା ଏହି ସମ୍ମିଳନୀରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘର ଦାବିକୁ ସରକାର କାର୍ଯ୍ୟକାରୀ କରିବା ପାଇଁ ଟାଳଟୂଳ ନୀତି ଅବଲମ୍ବନ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ପିଇଓଙ୍କ କ୍ୟାଡର ରୁଲ ପ୍ରଚଳନ, ଯୁକ୍ତ ୩ ଶିକ୍ଷାଗତ ଯୋଗ୍ୟତା, ଆର୍‌ଏସିପି ନିୟମକୁ ସରଳ କରିବା, ସମସ୍ତଙ୍କ ପାଇଁ ପେନସନ୍ ଲାଗୁ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସଂଘ ଦାବି କରିଛି । ଶେଷରେ ଆସନ୍ତା ୨ବର୍ଷ ପାଇଁ ଜିଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରତନ ରାୟ, ଉପସଭାପତି ବିଷ୍ଣୁଚରଣ ସେଠୀ, ସମ୍ପାଦକ କିଶୋର ମହାରଣା, ଯୁଗ୍ମ ସମ୍ପାଦକ ଭୋଳାନାଥ ବିଶ୍ୱାସ, କୋଷାଧ୍ୟକ୍ଷ ସୁରେଶ ସାହୁ, ସମୀକ୍ଷକ ଅଜୟ କୁମାର କୁଣ୍ଡୁ, ରାଜ୍ୟ ପରିଷଦ ସଦସ୍ୟ ଅଶୋକ କୁମାର ମହାନ୍ତି, ଏନ୍. ହୃଷୀକେଶ ରାଓ, ଦେବେନ୍ଦ୍ର ନାୟକଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି ବିଭିନ୍ନ ବ୍ଲକର ସଭାପତି ଚୟନ ମଧ୍ୟ କରାଯାଇଥିଲା। ମାଥିଲି ବ୍ଲକ ସଭାପତି ଭାବେ ବାଳକୃଷ୍ଣ ଦେଉରି, ଖଇରପୁଟ ବ୍ଲକର ରେବତୀ ନାଥ ମାଝି, କୋରକୋଣ୍ଡା ବ୍ଲକର ନାରାୟଣ ହାଁସଦା, ମାଲକାନଗିରି ବ୍ଲକର ଅଶୋକ ସରକାର, କାଳିମେଳା ବ୍ଲକର ପ୍ରମୋଦ କୁମାର ଦାସ, ଚିତ୍ରକୋଣ୍ଡା ବ୍ଲକର ପବିତ୍ର ମୋହନ କାର୍ତ୍ତାମୀ, ପଡିଆ ବ୍ଲକର ସଭାପତି ଭାବେ ଗୌରଚନ୍ଦ୍ର ପୂଜାରୀ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀକୁ ସୁଦର୍ଶନ ମହାରଣା, ପ୍ରତାପ କୁମାର ମୋହିନୀ, ସୁକାନ୍ତ କେଶରୀ ଦାସ, କାଳିପ୍ରସାଦ ଚୌଧୁରୀ, ମହେଶ୍ୱର ପାତ୍ରଙ୍କୁ ମନୋନୀତ କରାଯାଇଛି। ସଂଘର ଆଇନ ପରାମର୍ଶଦାତା ଅଶୋକ କୁମାର ପଟ୍ଟନାୟକ ରହିଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରତାପ କୁମାର ମୋହିନୀ ଶପଥ ପାଠ କରାଇଥିଲେ।


ସମ୍ମିଳନୀରେ ଉପସ୍ଥିତ ପିଇଓମାନେ।

# ବର୍ଷାରେ ଭାଙ୍ଗି ଯାଇଥିବା ଘରେ ଦିନ କାଟୁଛନ୍ତି କୌଶଲ୍ୟା



**ଶିଖପାଲ୍ଲି, ୧୧।୮(ଡି.ଏନ.ଏ.):** ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲ୍ଲି ପଞ୍ଚାୟତ ଏମ୍.ଭି.-୧୭ ଗ୍ରାମରେ ଗତ ବର୍ଷାରେ ଜଣେ ବିଧବା ବୃଦ୍ଧାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସେ ଭଙ୍ଗା ଘରେ ଦିନ ବିତାଉଛନ୍ତି। ସ୍ୱର୍ଗତ ହରେନ ବିଶ୍ୱାସଙ୍କ ସ୍ତ୍ରୀ କୌଶଲ୍ୟା ବିଶ୍ୱାସ ଅତି ଗରିବ ହୋଇଥିବାରୁ ଏହି ଘର ମରାମତି କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ଦୁଇପୁଅ ଅଲଗା ରହୁଛନ୍ତି। ତେବେ କ୍ଷୟକ୍ଷତି ଆକଳନ କରିବାକୁ ଯାଇଥିବା ଶିଖପାଲ୍ଲି ରାଜସ୍ୱ ନିରୀକ୍ଷକ ମଧୁସ୍ମିତା ସାହୁ କହନ୍ତି, କୌଶଲ୍ୟାଙ୍କ ଘର ବର୍ଷାରେ ଭାଙ୍ଗିଯାଇଛି। ତାଙ୍କୁ ପଲିଥିନ୍ ପ୍ରଦାନ କରାଯାଇଛି। କ୍ଷୟକ୍ଷତି ଆକଳନ ପରେ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରଣୀଟାଏ,**
**ଦାଣ୍ଡରେ ବୋଲାଏ ଘରଣୀଟାଏ ।**

ଅନେକେ ନିଜର ମନ୍ଦ ପ୍ରକୃତିକୁ ଲୁଚାଇବାକୁ ଯାଇ ବାହାରେ ନିଜକୁ ଭଲେଇ ବୋଲି ଦେଖେଇ ହୋଇଥାନ୍ତି। ତାଙ୍କର ବାହାରକୁ ଜଣାପଡୁଥିବା ଗୁଣ ସହିତ ଭିତର ଗୁଣର କୌଣସି ସମ୍ବନ୍ଧ ନ ଥାଏ। ଚୋରଣୀ ନାରୀ ଭିତରେ ଭିତରେ ଚୋରି କରି ବାହାରକୁ ନିଜର ସଚ୍ଚୋଟ ପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚମ ଧନ ନିଧନ ଧନ,**
**କଂସା ପିତଳ ଅଧା ଧନ,**
**ସୁନାରୁପା ପୂରା ଧନ ।**

ଚମ ଧନ ନିଧନ ଭାବେ ଗଣାହୋଇଥାଏ। କଂସା ବା ପିତଳ ଭାଙ୍ଗିଗଲେ ତା'ର ଦାମ୍ ଅଧା ହୋଇଥାଏ। ସେହିପରି ସୁନା, ରୁପା ମୂଲ୍ୟବାନ ଧାତୁ ଭାବେ ପରିଗଣିତ ହେଉଥିବା ସ୍ଥଳେ ତାକୁ ବିକିଲେ କି ଭାଙ୍ଗିଲେ ବହୁ ଧନ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାର୍‌ହା ଆକ୍ରମଣରେ ୨ ଗୁରୁତର

**ପାତ୍ରପୁର,୧୧।୮(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଅଞ୍ଚଳରେ ରବିବାର ବାର୍‌ହା ଆକ୍ରମଣରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଖାରିଆଗୁଡ଼ା ଗ୍ରାମର ଟୁଟୁ ପ୍ରଧାନ ଓ ପାତ୍ରପୁର ଗ୍ରାମର ଗୋପୀନାଥ ଜେନା। ଉଭୟଙ୍କୁ ବିଲରେ ଚାଷ କରୁଥିବା ବେଳେ ବାର୍‌ହା ଆକ୍ରମଣ କରିଥିବା ଜଣାପଡିଛି।

## OFFICE OF THE MUNICIPAL COUNCIL, MALKANGIRI

Odisha, PIN: 764045, Ph: 06861-230244, e-Mail: malkangiri@ulborissa.gov.in

Lt. No. 1595/Mpl./2019 **TENDER CALL NOTICE** Date: 09.08.2019

Sealed tenders are hereby invited from the intending Manufacturers/ Suppliers / Dealers having Manufacturing License/ Authorized distributor for supply of the following sanitary equipments specifying name of Manufacturing Brand as per specification given below:

| S. N. | Item Description | Specification | Qty. | EMD | Paper Cost |
|---|---|---|---|---|---|
| 1. | Wheel Barrow | i.) Capacity: 6Cu. Ft, ii) Size: 36" L×24"W ×12" Ht, iii) Structure: Will be Made from 75×40mm. M.S. 'C' Channel with 35×35×5 Mm. M.S. Angle, 30×5Mm. M.S. Flat, 1" Dia. M.S. Pipe & 16 Swg M.S. Sheet, iv) Wheels: 2 Nos. 20" Dia. M.S. 'T' Section Wheels with Bearings | 30 Nos. | 10000/- | 4000/- |
| 2. | 4.5 Garbage Container | i) Size: 4.50 Cubic meter, ii) Material: Mild Steel, iii) Use: To collect Garbage, iv) Transportation: By Hydraulic dumper placer | 10 Nos. | | |
| 3. | Tricycle | • Rear Body size: Outer length- 4 feet, Breadth- 3 feet, Height- 2 feet • Rear axle dia: 28 mm • Chassis: Chassis made out of 32×32×6mm angles, 32×6, 25×6mm flat • Frame/Bar: The main Frame/ Bar made out of 5 bar thick rickshaw frame hardened with factory finish • Wheel: Front rickshaw heavy duty 10 gauge wheel, with heavy duty branded tyre and tube size- 28"×1.5" (The wheels fitted with heavy duty spokes) and the wheel covered with heavy duty mudguard and bumper safety rods. • Rear two wheels with 2.50"×16" Heavy duty branded tyre and tube • Seat: Heavy duty seat, with cover • Body: Body made out of 32×32×3mm bottom angles, 25×25×3mm top supported with suitable flats and angles and with additional reinforcements so that the body is sturdy. • All the 3 sides and rear 2 doors of rear body covered with 18 gauge G.I. Sheet | 20 Nos. | | |
| 4 | Three wheeler Hydraulic Auto Tipper with segregated compart-ment (Blue and Green) | Engine Specification: • Single cylinder, naturally aspirated air cooled. • Max power 8.04 HP (6kw) @ 3600 rpm • Max torque 21 NM @ 2400-2200 rpm • Fuel Type: diesel • Fuel Tank Capacity: 10 to 13 lts • Avg Mileage: 32 to 35 kmpl • Gear Box: Four no's forward and one no's reverse Garbage Container Specification: • Garbage Container having Separate Compartment with Doors • Bottom Panel, Side Panel and Door having 1mm G.I. Sheets • Volume Capacity- 1.5 Cum • Tripping Angle- 83 degree | 04 Nos. | 20000/- | 6000/- |

The tender paper must be accompanied with EMD and paper cost as mentioned above in shape of DD/Bankers Cheque drawn in favour of Executive Officer, Malkangiri Municipality. The tender is also required to furnish the self attested photocopy of valid Regd. Certificate/dealer certificate/ manufacturing certificate, GST registration certificate & PAN card along with the tender paper. The tender papers should reach the undersigned by 26.08.2019 by Regd. Post / Speed Post upto 5.00PM and will be opened on 27.08.2019 in the office chamber of Executive Officer in the presence of tenderers or their authorized representatives. The sealed cover should be superscribed with "Tender for supply of sanitary equipments". The successful tenderer should supply all the materials within 10 days from the receipt of the supply order. If the successful tenderer fails to supply the materials in the approved rate and time, then EMD amount will be forfeited. The tender is also required to submit the tender paper in the following format:

| S.N. | Item Description | Specification | Company Name | Unit | Rate including all taxes & other charges |
|---|---|---|---|---|---|
| | | | | | |
| Seal and signature of the Firm | | | | | |

The undersigned reserves the right to reject any or all tenders without any reason therein.

*Sd/- Executive Officer, Malkangiri Municipality*


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍,ଓଷ୍ଟିଓ ଆର୍ଥାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ
ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ!!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଟ୍ରେନ୍‌ରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ

ନନ୍ଦପୁର,୧୧।୮(ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ବ୍ଲକ ତଥା ଲମତାପୁଟ ଓ ସୀମାନ୍ତ ଆନ୍ଧ୍ରର ଲୋକେ ଟ୍ରେନ୍‌ରେ ଯିବାବେଳେ ଅସୁରକ୍ଷିତ ମନେ କରୁଛନ୍ତି। ପାଡୁଆ, ଡାର୍ଲିପୁଟ ଷ୍ଟେସନରୁ ଯାତ୍ରୀମାନେ ଆନ୍ଧ୍ର ଓ ଛତିଶଗଡ଼ ରାଜ୍ୟ ସହ କୋରାପୁଟ ଜିଲାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। କିନ୍ତୁ କେତେକ ଅସାମାଜିକ ଯୁବକ ପ୍ରତିଦିନ ଭେଜା, ପାଡୁଆ ଷ୍ଟେସନରେ ଜଗିରହି ଯାତ୍ରୀଙ୍କ ପିଛା କରିବା ସହ ଅଣ ଓଡ଼ିଆ ଯାତ୍ରୀଙ୍କୁ ହଇରାଣ କରୁଛନ୍ତି। ସେମାନେ ଟ୍ରେନ୍‌ରେ ଚଢ଼ିଯାଇ ଯାତ୍ରୀଙ୍କୁ ଧମକ ଦେବା ସହ ସେମାନେ ଗଞ୍ଜେଇ ନେଉଥିବା କହି ବ୍ୟାଗ୍‌ପତ୍ର ଯାଞ୍ଚ କରୁଛନ୍ତି। କିଛି ସାମଗ୍ରୀ ଛଡ଼ାଇ ନେଇଯାଉଛନ୍ତି। ରେଲୱେ ପୋଲିସ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

### ନନ୍ଦୋତ୍ସବ ପାଇଁ ପ୍ରସ୍ତୁତି



ଜୟପୁର,୧୧।୮(ନି.ପ୍ର.): କୋରାପୁଟ ଜିଲା ଗୋପାଳ ସମାଜ ତରଫରୁ ନନ୍ଦ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଛି। ସ୍ଥାନୀୟ ଯାଦବ ଭବନଠାରେ ଗୋପାଳ ସମାଜର ସମ୍ପାଦକ ପରମେଶ୍ୱରଙ୍କ ଆହ୍ୱାନ କ୍ରମେ ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ୨୫ ତାରିଖ ରବିବାର ସ୍ଥାନୀୟ ଜ୍ୟୋତି କଲ୍ୟାଣ ମଣ୍ଡପରେ ପରମ୍ପରାର ସହ ନନ୍ଦ ଉତ୍ସବକୁ ପାଳନ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ସୁଦର୍ଶନ ଗୌଡ଼, ରାଜେନ୍ଦ୍ର ଗୌଡ଼, ନାରାୟଣ ଗୌଡ଼, ସରୋଜ କୁମାର ଗୌଡ଼, ରାଧାକାନ୍ତ ଗୌଡ଼, ନରେଶ ମହାକୁଡ଼, ଲକ୍ଷ୍ମଣ ଗୌଡ଼, ଖଲି ଗୌଡ଼, ପୀତାମ୍ବର ମାଣିଆ, ଶ୍ରୀନିବାସ ପାତ୍ର ଉପସ୍ଥିତ ଥିଲେ।

### ସ୍ୱାଧୀନତା ଦିବସରେ ଚାରା ଲଗାଇବ ଟ୍ୟାକ୍ସି ସଂଘ

ସୁନାବେଡ଼ା,୧୧।୮(ଡି.ଏନ୍.ଏ.): ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ମା' ଅଗ୍ନି ଗଙ୍ଗାମ୍ମା ଟ୍ୟାକ୍ସି ସଂଘ ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଂଘ ପକ୍ଷରୁ 'ଏକ୍ କଦମ୍ ସ୍ୱଚ୍ଛତା କି ଔର' ସ୍ଲୋଗାନ ସହ ୧୫ ତାରିଖରେ ଚାରାରୋପଣ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ସଂଘର ସଦସ୍ୟମାନେ ଟ୍ୟାକ୍ସି ଷ୍ଟାଣ୍ଡ ପାରିପାର୍ଶ୍ୱିକ ଅଞ୍ଚଳକୁ ସଫା କରିଥିଲେ। ବୈଠକରେ ଅଞ୍ଚଳର ସମସ୍ତ ଟ୍ୟାକ୍ସି ଚାଳକ ଉପସ୍ଥିତ ଥିଲେ।

### ୧୫ରେ ଚାରାରୋପଣ, ଚିତ୍ରାଙ୍କନ ପ୍ରତିଯୋଗିତା

ସୁନାବେଡ଼ା,୧୧।୮(ଡି.ଏନ୍.ଏ.): ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ସଞ୍ଜୀବନୀ ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଚାରାରୋପଣ ଓ ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଅନୁଷ୍ଠିତ ହେବାକୁ ଥିବା ସାମାଜିକ ଓ ଅନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସମେତ କେତେକ ସାମାଜିକ କର୍ମୀଙ୍କୁ ସମ୍ମାନିତ କରାଯିବା ପାଇଁ ସ୍ଥିର ହୋଇଛି। ସ୍ୱାଧୀନତା ଦିବସରେ ରାଖୀ ପୂର୍ଣ୍ଣିମା ରହିଥିବାରୁ ଅନୁଷ୍ଠାନର ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନର କାର୍ଯ୍ୟକ୍ରମ ମଧ ରହିଛି। ଏଥିରେ ନିର୍ଦ୍ଦେଶକ ସଞ୍ଜୀବ ମହାନ୍ତିଙ୍କ ସମେତ ସାମାଜିକ କର୍ମୀ ସୁଶାନ୍ତ ମଲ୍ଲିକ, ଏମ୍.ଜି. ରାଜୁ, ସୁନୀଲ ପ୍ରଧାନ, ଦେବେନ୍ଦ୍ର ପାତ୍ର, ସୀମାଞ୍ଚଳ ମହାରଣା, ରମେଶ ମହାରଣା, ପ୍ରମୋଦ ମହାରଣା ଓ ରତିକାନ୍ତ ସାହୁ ଉପସ୍ଥିତ ଥିଲେ।

### ବଳାତ୍କାର ଉଦ୍ୟମ କରିଥିବା ଅଭିଯୁକ୍ତ ଅଟକ

ଦଶମନ୍ତପୁର,୧୧।୮(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଉଡ଼ିଝୋଲା ଗ୍ରାମର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଗତ ଶନିବାର ରାତିରେ ବଳାତ୍କାର ଉଦ୍ୟମ କରିଥିଲେ ବଦଲିକୁଡ଼ୁମା ଗାଁର ଗିରିଧର ଗଉଡ଼ (୨୦)। ଯୁବତୀଙ୍କୁ ବାପା ଅଭିଯୁକ୍ତଙ୍କୁ କାବୁକରି ଥାନାରେ ଜିମା ଦେବା ପାଇଁ ନେଉଥିଲେ। କିନ୍ତୁ କେତେକ ବ୍ୟକ୍ତି ତାଙ୍କୁ ବୁଝାଶୁଝା କରି ଅଭିଯୁକ୍ତଙ୍କୁ ସେଠାରୁ ଖସାଇ ଦେଇଥିଲେ। କିନ୍ତୁ ପୀଡ଼ିତାଙ୍କ ବାପା ପୁଣିଥରେ ଥାନାରେ ଏତଲା ଦେବା ପରେ ଥାନା ଅଧିକାରୀ କପିଳେଶ୍ୱର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସେକେଣ୍ଡ ଅଫିସର ମାନସ ଭୋଇ ପୋଲିସ ଟିମ୍ ସହ ଯାଇ ଅଭିଯୁକ୍ତଙ୍କୁ ଆଣି ଥାନାରେ ଅଟକ ରଖିଛନ୍ତି। ଏନେଇ କେସ୍ ନଂ ୭୫/୨୦୧୯ରେ ଏକ ମାମଲା ରୁଜୁ ହୋଇଛି।

## କୁନ୍ଦୁରା ବ୍ଲକ ଅଞ୍ଚଳ ଗସ୍ତକଲେ ମନ୍ତ୍ରୀ ପଦ୍ମିନୀ ଦିଆନ

# ଅଭିଯୋଗ ଶୁଣିଲେ, ବର୍ଷା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ

କୁନ୍ଦୁରା,୧୧।୮(ଡି.ଏନ୍.ଏ.)

ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ ରବିବାର କୁନ୍ଦୁରା ବ୍ଲକ ଗସ୍ତରେ ଆସି ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ଲଗାଣ ବର୍ଷାରେ ବିଭିନ୍ନ ପଞ୍ଚାୟତର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। କୁନ୍ଦୁରା ସଦର ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ଉପସ୍ଥିତ ଥିବା ଜନସାଧାରଣ ତାଙ୍କ ପାଖରେ ନିଜର ବିଭିନ୍ନ ଅଭିଯୋଗ ଜଣାଇଥିଲେ। ବ୍ଲକର କୌଣସି ପଞ୍ଚାୟତ କାର୍ଯ୍ୟାଳୟ ଖୋଲାଯାଉନାହିଁ। ପିଇଓ, ଜିଆର୍‌ଏସ୍‌ମାନେ ଅନୁପସ୍ଥିତ ରହୁଛନ୍ତି। ବ୍ଲକର ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ କୌଣସି ଅଧିକାରୀ ରହୁନାହାନ୍ତି। କୁନ୍ଦୁରା ବ୍ଲକରେ ନିଯୁକ୍ତ ଅଧିକାରୀ ଜୟପୁରରେ ଯାଇ ରହୁଛନ୍ତି ଓ ନିଜ ଇଚ୍ଛାରେ କାର୍ଯ୍ୟାଳୟ ଆସୁଛନ୍ତି। ଦିଗାପୁର, ଘୁମର, ମସିଗାଁ, କେରିମିଟି, ଆସନା, ରାଣୀଗୁଡ଼ା, ଫୁଲଭଟ୍ଟା ଭଳି ପଞ୍ଚାୟତ ସଦରରୁ ପ୍ରାୟ ୨୫ କିମି ଦୂରରେ ଥିବାବେଳେ ଅଧିକାରୀଙ୍କ ଅନୁପସ୍ଥିତି ସମସ୍ତଙ୍କୁ ନିରାଶ କରିଛି। ପଞ୍ଚାୟତରେ ପ୍ରତି ମାସରେ ହେବାକୁ ଥିବା ନୋଡାଲ ବୈଠକ ହେଉନାହିଁ। ସପ୍ତାହର ନିର୍ଦ୍ଦିଷ୍ଟ ଦୁଇଦିନ ସମସ୍ତ ଅଧିକାରୀ ଉପସ୍ଥିତ ରହିଲେ ଅନେକ ସମସ୍ୟାର ସମାଧାନ ସହଜରେ ହୋଇପାରିବ ବୋଲି ମନ୍ତ୍ରୀଙ୍କୁ ଜଣାଇଛନ୍ତି ସ୍ଥାନୀୟ ବାସିନ୍ଦା। ଅନ୍ୟପକ୍ଷରେ ମନ୍ତ୍ରୀ ଦିଆନ ଲଗାଣ ବର୍ଷାରେ ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନ ବାଣ୍ଟିଥିଲେ। କୁନ୍ଦୁରା ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ସ୍ଥିତ ସେବାଶ୍ରମରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ଅତିଶୀଘ୍ର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷା ସହାୟକମାନେ ୬ ବର୍ଷରେ ପରେ ନିୟମିତ ଶିକ୍ଷକ ହେବା ନିୟମ ରହିଥିଲେ ମଧ ଏହି ଅବଧିକୁ ଗୋଟିଏ ବର୍ଷ ଅତିକ୍ରମ କରିଗଲାଣି। କିନ୍ତୁ ନିୟମିତ ହୋଇପାରି ନଥିବା କୁନ୍ଦୁରା ବ୍ଲକରେ କାର୍ଯ୍ୟରତ ଶିକ୍ଷା ସହାୟକମାନେ ମନ୍ତ୍ରୀଙ୍କୁ ଜଣାଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ତହସିଲଦାର ଭିକ୍ଟର ସୋରେନ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ଜିଲା ଉପସଭାପତି ସଞ୍ଜୟ ସାହୁ, ପୂର୍ବତନ ଅଧକ୍ଷା କନକଲତା ପେଣ୍ଟିଆ, ବ୍ଲକ ବିଜେଡି ଯୁବ ସଭାପତି ରମାକାନ୍ତ ମିଶ୍ର, ଯୁବନେତା ରୀତୁ ଭଟ୍ଟ, କୋଟପାଡ଼ ମହିଳା ବିଜେଡି ସଭାନେତ୍ରୀ ସତୀ ସାବିତ୍ରୀ ମାଝି, ପୀତାମ୍ବର ନାୟକ, ଜଗତ ନାୟକ, ବିକ୍ରମ ବେହେରା ଉପସ୍ଥିତ ଥିଲେ।



ମନ୍ତ୍ରୀ ପଦ୍ମିନୀ ଦିଆନ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ନିଖୋଜ ହେବାର ମାସକ ପରେ ଫେରିଲେ ମହିଳା ଓକିଲ



ଆରତୀ ଘରକୁ ଫେରିବା ପରେ ପରିବାର ଲୋକଙ୍କ ଭିତରେ ଆନନ୍ଦ ଖେଳିଯାଇଛି।

ଜୟପୁର,୧୧।୮(ନି.ପ୍ର.)

ନିଖୋଜ ହେବାର ୧ ମାସ ୨ ଦିନ ପରେ ଘରକୁ ଫେରିଛନ୍ତି ଆଇନଜୀବୀ ତଥା ପୂର୍ବତନ କାଉନସିଲର ଆରତି ମିଶ୍ର। ରବିବାର ସକାଳୁ ସେ ଜୟପୁରର ଜୟନଗରସ୍ଥିତ ଶାଶୁଘରେ ପହଞ୍ଚିଛନ୍ତି। ତାଙ୍କୁ ଦେଖିବା ପରେ ସ୍ୱାମୀ, ଶାଶୁଘର ଲୋକଙ୍କ ଭିତରେ ଖୁସିର ଲହରି ଓ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଛି। ସ୍ୱାମୀ ମନୋଜ ମିଶ୍ରଙ୍କ କହିବାନୁଯାୟୀ, ଗତ ଜୁଲାଇ ୮ରେ ଆରତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ପଠାଯାଇଥିଲା। କିନ୍ତୁ ଆରତୀ ସେଠାରେ ପହଞ୍ଚି ନଥିବା ଜାଣିବା ପରେ ବହୁତ ଖୋଜାଖୋଜି କରାଯାଇଥିଲା। ଆରତୀଙ୍କ କୌଣସି ଖବର ନ ମିଳିବାରୁ ଜୟପୁର ଟାଉନ ଥାନାରେ ଏକ ଏତଲା ଦିଆଯାଇଥିଲା। ଆରତୀଙ୍କ ପରିବାର ସମସ୍ୟା ଦେଇ ଗତି କରୁଥିବା ବେଳେ ସଂସାରରୁ ମୁହଁ ଫେରାଇ ଜଗନ୍ନାଥଙ୍କ ଶରଣାପନ୍ନ ହେବା ପାଇଁ ଘର ଛାଡ଼ିଥିଲେ। ଯେଉଁଦିନ ପରିବାର ଲୋକେ ପୁରୀ ଯାଇ ଖୋଜାଖୋଜି କରି ଫେରିଥିଲେ, ସେହିଦିନ ଆରତୀ ସେଠାରେ ପହଞ୍ଚିଥିଲେ। ସେଠାକାର ଏକ ମଠରେ ଜଣେ ବୃଦ୍ଧାଙ୍କ ପାଖରେ ରହି କେବଳ ଜଗନ୍ନାଥ ମନ୍ଦିରରେ ସମୟ ବିତାଉଥିଲେ। ତେବେ ସ୍ୱାମୀଙ୍କ ସ୍ନେହ ଓ ସନ୍ତାନର ଅନୁପସ୍ଥିତି ତାଙ୍କୁ ବିବ୍ରତ କରିଥିଲା। ପରିବାର ନିକଟକୁ ଫେରିବା ପାଇଁ ଜଗନ୍ନାଥଙ୍କ ଆଦେଶ ହେବାରୁ ଘରକୁ ଫେରିଥିବା ବାଷ୍ପରୁଦ୍ଧ କଣ୍ଠରେ କାନ୍ଦି କାନ୍ଦି କହିଛନ୍ତି ଆରତୀ। ସ୍ୱାମୀ ମନୋଜ ମଧ ସବୁ ଘଟଣା କାନ୍ଦକାନ୍ଦ ହୋଇ କହିବା ସହ 'ମୋ ଜାନୁ ଆଜି ଫେରିଆସିଛି' ବୋଲି କହିଛନ୍ତି।

## ଆନ୍ତର୍ଜାତିକ କରାଟେ ଚାମ୍ପିୟନଶିପ

# କୋରାପୁଟ ଜିଲାକୁ ୫ ପଦକ

କୋରାପୁଟ,୧୧।୮(ସ୍ୱ.ପ୍ର.)

ନୂଆଦିଲ୍ଲୀ ସ୍ଥିତ ତାଲକୋଟାର ଇନଡୋର ଷ୍ଟାଡିୟମରେ ଆୟୋଜିତ ଇଣ୍ଡିପେଣ୍ଡେନ୍ସ କପ୍ ଆନ୍ତର୍ଜାତିକ କରାଟେ ଚାମ୍ପିଅନଶିପରେ କୋରାପୁଟ ଜିଲାକୁ ୫ଟି ପଦକ ମିଳିଛି। ସେଥିରେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ରହିଥିବା କୋରାପୁଟ ଏକାଡେମୀ ଅଫ ମାର୍ଶାଲ ଆର୍ଟ (ଏଏମ୍‌ଏ)ର କୋଚ ଯୋଗେଶ୍ୱର ବେହେରା ରବିବାର ସୂଚନା ଦେଇଛନ୍ତି। ଗତ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିଥିଲା। ଏଥିରେ ପଦକ ବିଜେତାମାନେ ହେଲେ କୋରାପୁଟ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠର ତୃତୀୟ ଶ୍ରେଣୀ ଛାତ୍ରୀ ଅସୀମା ପ୍ରିୟଦର୍ଶନୀ ସେଠୀ ସବ୍ ଜୁନିୟର ବିଭାଗର କୁମିତରେ ଗୋଟିଏ ସ୍ୱର୍ଣ୍ଣ ଓ କାଟାରେ ରୌପ୍ୟ ପଦକ ପାଇଛନ୍ତି। କୋରାପୁଟ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପଞ୍ଚମ ଶ୍ରେଣୀ ଛାତ୍ରୀ ସୁହାନି କାୟି କାଟାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ର ଯାଜ୍ଞ ବିଭୂତି ନାୟକ କୁମିତରେ ରୌପ୍ୟ ଓ କାଟାରେ ବ୍ରୋଞ୍ଜ ଲାଭକରି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ନେପାଳ, ଭାରତ, ଭୁଟାନ, ମାଲେସିଆ, ଶ୍ରୀଲଙ୍କା ସମେତ ୭ଟି ଦେଶର ୨ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶାରୁ କେବଳ ଏହି ୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ବୋଲି କୋରାପୁଟ ହନୁମାନ ସ୍ପୋର୍ଟିଂ କ୍ଲବର ସଭ୍ୟ ଏକାଦେଶୀ ବେହେରା କହିଛନ୍ତି।




ପଦକ ଜିତିଥିବା ଖେଳାଳିମାନେ।

## ସଦରଥାନା ଅଧିକାରୀ ହେଲେ ଶିବଶଙ୍କର ସାହୁ

ଜୟପୁର,୧୧।୮(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସଦରଥାନା ଅଧିକାରୀ ଭାବେ ଟାଉନଥାନା ଏସ୍ଆଇ ଶିବ ଶଙ୍କର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ୨୦୧୬ରେ ଜୟପୁର ଟାଉନଥାନାରେ ଏସ୍ଆଇ ଭାବେ ଯୋଗ ଦେଇଥିବା ସାହୁଙ୍କୁ ଏସ୍‌ପି କନୱର ବିଶାଲ ସିଂ ଏହି ଦାୟିତ୍ୱ ଦେଇଛନ୍ତି। ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାରେ ଜୟପୁର ଉପଖଣ୍ଡ ପୋଲିସର ୧୨ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ ଏସ୍‌ପି। ଏଥିରେ ଏସ୍ଆଇ ସାହୁ ଅନ୍ୟତମ ଥିଲେ। ଅନ୍ୟପକ୍ଷରେ ସଦରଥାନା ଅଧିକାରୀ ଧୀରେନ ବେହେରାଙ୍କୁ ସେମିଳିଗୁଡ଼ା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କୋରାପୁଟ ଜିଲାର ପୋଲିସ ସ୍ତରରେ ହୋଇଥିବା ଛୋଟ ଧରଣର ଅଦଳବଦଳରେ ୭ ଜଣ ଅଧିକାରୀଙ୍କୁ ବଦଳି କରାଯାଇଥିଲା। ଏଥିରେ ସେମିଳିଗୁଡ଼ା ଥାନା ଆଇଆଇସିଙ୍କୁ ଦାମନଯୋଡ଼ି ଓ ସେଠାକାର ଥାନା ଆଇଆଇସିଙ୍କୁ ଲକ୍ଷ୍ମୀପୁର ଥାନାକୁ ବଦଳି ହୋଇଥିଲା। ସେହିପରି ଜୟପୁର ଟାଉନ ଥାନାରେ କାର୍ଯ୍ୟରତ ଏସ୍ଆଇ ସୀମା ସଙ୍ଗୀତା ଲୁଗୁନଙ୍କୁ ଜୟପୁର ସଦର ଥାନା, ସେହିଥାନାରେ କାର୍ଯ୍ୟରତ ଏସ୍ଆଇ ସୀମା ପ୍ରଧାନ, ମୁକୁନ୍ଦଦେବ ନାୟକଙ୍କୁ ଜୟପୁର ଟାଉନ ଥାନା ବଦଳି କରାଯାଇଥିଲା।

## ଝୁଲଣ ବିମାନରେ ରାଧାକୃଷ୍ଣ



ବିମାନରେ ରାଧାକୃଷ୍ଣ।

ଜୟପୁର,୧୧।୮(ନି.ପ୍ର.)

ଜୟପୁର ସହରର ବିଭିନ୍ନ ମନ୍ଦିରରେ ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥି ତଥା ୧୦ ତାରିଖରୁ ପ୍ରଭୁ କୃଷ୍ଣଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ବଲ୍ଲଭ ନାରାୟଣ ମନ୍ଦିରରେ ଅନୁଷ୍ଠିତ ହୋଇଥିବା ଝୁଲଣ ଯାତ୍ରାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆଳତି ହେବା ସହ ମହିଳାମାନେ କୃଷ୍ଣଙ୍କ ସମ୍ପର୍କିତ ଭକ୍ତିଗୀତରେ ମଜ୍ଜି ରହୁଛନ୍ତି। ବଲ୍ଲଭ ନାରାୟଣଙ୍କ ମୁଖ୍ୟ ପୁରୋହିତ ଡମ୍ବରୁଧର ପଣ୍ଡା ଓ ସେବାୟତ ଜଗନ୍ନାଥ ତ୍ରିପାଠୀ ପୂଜାବିଧି ତୁଲାଉଛନ୍ତି। ସହରର ରଥ ପଡ଼ିଆ ନିକଟରେ ଥିବା ରଘୁନାଥ ମନ୍ଦିର, ଗୀତା ଭବନ, ଚୈତନ୍ୟ ମନ୍ଦିର, ରସିକ ଶିରୋମଣି ମନ୍ଦିର, ଗୋପୀନାଥ ମନ୍ଦିର, ରାଧାକାନ୍ତ ମନ୍ଦିର, କୁଞ୍ଜ ବିହାରୀ ମନ୍ଦିରରେ ଏହି ଯାତ୍ରା ଆରମ୍ଭ ହୋଇଛି। ଏହା ଆସନ୍ତା ଭାଦ୍ରବ କୃଷ୍ଣପକ୍ଷ ପ୍ରତିପଦା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଯାତ୍ରାରେ ପ୍ରଭୁ ରାଧାକୃଷ୍ଣଙ୍କୁ ବିମାନରେ ଝୁଲାଯାଇଥାଏ। ଏହି ଯାତ୍ରା ସମୟରେ ପ୍ରଭୁଙ୍କୁ କେବଳ ଶୁଖିଲା ଭୋଗ ଲାଗି କରାଯାଇଥାଏ। ରାଜାରାଜୁଡ଼ା ଅମଳରୁ ପାଳିତ ହୋଇଆସୁଥିବା ଏହି ଯାତ୍ରାରେ ଭକ୍ତଙ୍କ ବିଶ୍ୱାସ ରହିଛି ଯେ, ରାଧାକୃଷ୍ଣଙ୍କୁ ବିମାନରେ ଝୁଲାଇଲେ ମନରେ ରାଧାକୃଷ୍ଣଙ୍କ ଭଳି ଭାବପ୍ରୀତି ଜାଗିବା ସହ ପାପ କ୍ଷୟ ହୋଇଥାଏ।

## ନାଲ୍‌କୋ ଇଣ୍ଡିପେଣ୍ଡେନ୍ସ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଭାଗନେଲେ ୧୩୮ ଟିମ୍

ଦାମନଯୋଡ଼ି,୧୧।୮
(ସ୍ୱ.ପ୍ର./ଡି.ଏନ୍.ଏ.)

ସ୍ଥାନୀୟ ନାଲ୍‌କୋ ଟାଉନଶିପ୍ ସ୍ଥିତ ଉଭୟ ଡ. ଆମ୍ବେଦକର ଓ ନେତାଜୀ ଷ୍ଟାଡ଼ିୟମରେ ୨୩ତମ ନାଲ୍‌କୋ ଇଣ୍ଡିପେଣ୍ଡେନ୍ସ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ଅତିଥି ଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ରବିଶଙ୍କର ଦାସ, କୋରାପୁଟ ଡେପୁଟି କଲେକ୍ଟର ଚୁଲି ଆମ୍ମା ପ୍ରଧାନ ଯୋଗ ଦେଇଥିଲେ। ସେହିପରି ନାଲ୍‌କୋ ମହାପ୍ରବନ୍ଧକ ସୁଶୀଲ ପାଢ଼ୀ, ରାମଚନ୍ଦ୍ର ତ୍ରିପାଠୀ, ଅରୁଣ ଦାସ, ରମେଶ ଚନ୍ଦ୍ର ଯୋଶୀ, ନେତ୍ରାନନ୍ଦ ମହାରଣା, ଡିଜିଏମ୍ ଆର୍.ଏନ୍. ଉପାଧ୍ୟାୟ, କମ୍ୟୁନିଟି ସେଣ୍ଟର ସଭାପତି ଦାମୋଦର ସାହୁ, ମଳୟ ଆଚାର୍ଯ୍ୟ, ସ୍ପୋର୍ଟସ ସେଲ୍ ସଂଯୋଜକ ଅରୁଣ ମହାନ୍ତି ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ୧୩୮ଟି ଟିମ୍ ଏହି ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏସ୍‌ଭିଏମ୍‌ର କ୍ରୀଡ଼ା ଶିକ୍ଷକ ଡ. ରମେଶ ସ୍ୱାଇଁ, ରଘୁନାଥ ବେହେରା, ଅସିତ ପଟ୍ଟନାୟକ, ଅମ୍ରିତ କୁମାର, କେ.ସି. ଟୁଡୁ, ସୁରେନ୍ଦ୍ର କହଁର, ପ୍ରଦୀପ ହାଁସଦା, କେଦାରନାଥ ରାଉତ, ରଞ୍ଜିତ ରାଉତ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଛନ୍ତି। ଶ୍ରୀଧର ପରିଡ଼ା, ନିର୍ମଳ ରାଉତ, ବସନ୍ତ ପଣ୍ଡା, ସୁଶୀଳ ଲାକ୍ରା ସ୍କୋରର ଓ କମେଣ୍ଟେଟର ଭାବେ କାର୍ଯ୍ୟ କରିଛନ୍ତି। ନାଲ୍‌କୋ କମ୍ୟୁନିଟି ସେଣ୍ଟର ଓ ନାଲ୍‌କୋ ସ୍ପୋର୍ଟସ ସେଲ୍ ସୌଜନ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ହେଉଥିବା ବେଳେ ନାଲ୍‌କୋ କମ୍ୟୁନିଟି ସେଣ୍ଟର ସଭାପତି ଦାମୋଦର ସାହୁ, ସମ୍ପାଦକ ମନୋଜ ପୃଷ୍ଟି, କ୍ରୀଡ଼ା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ ଏହାକୁ ପରିଚାଳନା କରୁଛନ୍ତି।



ଅତିଥିମାନେ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

## ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର

କୋରାପୁଟ/ସେମିଳିଗୁଡା,
୧୧।୮(ସ୍ୱ.ପ୍ର.)

କୋରାପୁଟ-ସୁନାବେଡ଼ା ରାସ୍ତାରେ ରବିବାର ରାତି ୮ଟା ୪୦ରେ ହୋଇଥିବା ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। କୋରାପୁଟରୁ ୮ କିମି ଦୂର ଡୁରୁଗୁଡ଼ା ଗ୍ରାମ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥରେ ଏକ ବାଇକକୁ କୌଣସି ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ବାଇକ ଚାଳକ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଦେଖି କେତେକ ଯାତ୍ରୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ପରେ ଆମ୍ବୁଲାନ୍ସ ପହଞ୍ଚି ସଂପୃକ୍ତ ଯୁବକଙ୍କୁ କୋରାପୁଟ ମେଡିକାଲ ନେଇଛି। ଗୁରୁତର ଯୁବକଙ୍କ ଘର ଦାମନଯୋଡ଼ିରେ। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ଥାନାରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ସ୍ୱାଧୀନତା ଦିବସ ପାଇଁ ପରେଡ୍ ଅଭ୍ୟାସ

କୋରାପୁଟ,୧୧।୮(ସ୍ୱ.ପ୍ର.):

ସ୍ୱାଧୀନତା ଦିବସ ପାଇଁ ରବିବାର କୋରାପୁଟ ପୋଲିସ ପଡିଆରେ ପ୍ୟାରେଡ ଅଭ୍ୟାସ ଆରମ୍ଭ ହୋଇଛି। କୋରାପୁଟ ପୋଲିସ ଆର୍‌ଆଇ ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି ଅଭ୍ୟାସ ଚାଲିଛି। କୋରାପୁଟରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ପରେଡରେ ୩୫ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏଥିରେ ପୋଲିସ, ବେସାମରିକ ବାହିନୀ, ବରିଷ୍ଠ ଏନ୍‌ସିସି, କନିଷ୍ଠ ଏନ୍‌ସିସି, ବରିଷ୍ଠ ଓ କନିଷ୍ଠ ରେଡକ୍ରସ ଦଳ ସହ କୋରାପୁଟ ସହରର ବିଭିନ୍ନ ବିଦ୍ୟାଳୟ ଓ କଲେଜ ସାମିଲ ରହିବେ। ମଙ୍ଗଳବାର ଯାଏ ପରେଡ୍ ଅଭ୍ୟାସ ଚାଲିବ।

## ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୧।୮ (ସ୍ୱ.ପ୍ର.)

ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ପରିଚ୍ଛା ମଠରେ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ହୋଇଛି। ଏଥିରେ ମୁଖ୍ୟତଃ ଦେଶଭକ୍ତି ସମ୍ପର୍କରେ ଶିଶୁଙ୍କୁ ବୁଝାଯାଇଥିଲା। ଅତିଥି ରୂପେ ଶିକ୍ଷକ ରାଜେନ୍ଦ୍ର ପଢ଼ିଆରୀ ଭାରତର ଭୌଗୋଳିକ ସ୍ଥିତି ସମ୍ପର୍କରେ ଶିଶୁଙ୍କୁ କହିଥିଲେ। କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀଙ୍କ ଅଧକ୍ଷତାରେ ଅଖଣ୍ଡ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁମାନେ ଆଧ୍ୟାତ୍ମିକ ପ୍ରଗତି ଓ ରାଷ୍ଟ୍ର ଭକ୍ତିରେ ରହିବା ପାଇଁ କେନ୍ଦ୍ର ପକ୍ଷରୁ ପ୍ରୟାସ ଜାରି ରହିଥିବା ଏଠାରେ କୁହାଯାଇଥିଲା। ଏହି ଅବସରରେ ଭାରତର ଗୌରବ ସୁଷମା ସ୍ୱରାଜ ଓ ଅଞ୍ଚଳର କ୍ରୀଡ଼ାବିତ୍ ଲଳିତ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଯୋଗଗୁରୁ ଲକ୍ଷ୍ମୀଚରଣ ପଟ୍ଟନାୟକ ଶିଶୁଙ୍କୁ ଯୋଗ ଶିକ୍ଷା ଦେଇଥିବାବେଳେ ଗୋପୀନାଥ ପଣ୍ଡା ସହଯୋଗ କରିଥିଲେ। ପରେ ଚିତ୍ରଶିଳ୍ପୀ ମୁରଲିଧର ପରିଚ୍ଛା ଚିତ୍ରାଙ୍କନ ଶିକ୍ଷା ପ୍ରଦାନ କରିଥିଲେ।

## ଜଳଶକ୍ତି ଅଭିଯାନରେ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୧।୮ (ସ୍ୱ.ପ୍ର.)

ନେହେରୁ ଯୁବ କେନ୍ଦ୍ର ଗଜପତି ଜିଲା ଶାଖା ପକ୍ଷରୁ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଳର ଆବଶ୍ୟକତା ଓ ସଂରକ୍ଷଣ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ରାମକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବର୍ଷା ଜଳକୁ ସଂଗ୍ରହ କରି କିପରି ଦୈନନ୍ଦିନ କାର୍ଯ୍ୟରେ ଲଗାଯାଇପାରିବ ସେ ସମ୍ପର୍କରେ ଏଠାରେ ଆଲୋଚନା ହୋଇଥିଲା। ଏଥିରେ ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ବିଜୟ କୁମାର ମହାପାତ୍ରଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। କେନ୍ଦ୍ରର ସଭାପତି ଟି. ସିମାଞ୍ଚଳ, ଶଙ୍କର ଚରତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ନେହେରୁ ଯୁବକେନ୍ଦ୍ରର ସଦସ୍ୟମାନେ।

## ସଂକ୍ଷେପରେ



### ଗାଁ ସଫେଇ କଲେ ଯୁବ ଗୋଷ୍ଠୀ

**ପଦ୍ମପୁର, ୧୧।୮ (ଡି.ଏନ୍.ଏ.):** ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ ଅନ୍ତର୍ଗତ ରାତୁ ଗ୍ରାମରେ ଗ୍ରାମାଞ୍ଚଳ ଦଳିତ ସେବା ସଂଘ ତରଫରୁ (ଆଦର୍ଶ) ଯୁବ ଗୋଷ୍ଠୀ ମିଶି ଗ୍ରାମ ସଫେଇ କରିଛନ୍ତି । ଏଥିସହ ରାତୁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଘାଟ, ନାଳ ଆଦି ସଫେଇ କରିଥିଲେ । ବିଭିନ୍ନ ସ୍ଥାନରେ ମଶାମାଛି ନ ହେବା ପାଇଁ କୀଟନାଶକ ଔଷଧ ସିଞ୍ଚନ କରିଥିଲେ। ବାହ୍ୟ ମଳତ୍ୟାଗ ନ କରିବାକୁ ଲୋକଙ୍କୁ ସଚେତନ କରାଇଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଦଳିତ ସେବା ସଂଘ ସଭାପତି ଚିରଞ୍ଜୀବୀ ଗାଣ୍ଡା, ଉପସଭାପତି ଅର୍ଜୁନ ବିଡ଼ିକା, ସମ୍ପାଦକ ଦୁତିଆ ବିଡ଼ିକା, ସହ ସମ୍ପାଦକ ସୁଶାନ୍ତ ବିଡ଼ିକାଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

### ସୁଷମାଙ୍କ ବିୟୋଗରେ ସ୍ମୃତି ସଭା



**ଗୁଣପୁର, ୧୧।୮ (ଡି.ଏନ.ଏ):** ଭାଜପାର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଏକ ସ୍ମୃତି ସଭା ରାୟଗଡା ଜିଲା ଗୁଣପୁରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳୀୟ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ସୁଷମାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ସୁଷମାଙ୍କ ତୈଳଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ କରିବାସହ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରେମ ପ୍ରସାଦ ପଣ୍ଡା, ଶ୍ରୀନିବାସ ସ୍ୱାଇଁ, ପ୍ରମୋଦ ସାହୁ, ଭି.ମୂର୍ତ୍ତି, ଫାଲଗୁନୀ ଶବର, ସୁଜାତା ପଟ୍ଟନାୟକ, ଲକ୍ଷ୍ମୀ ଶ୍ରୀରାମ, ସବିତା ଶବର ପ୍ରମୁଖ ଉପସ୍ଥିତ ରହି ସୁଷମାଙ୍କ ସ୍ମୃତିଚାରଣ କରିଥିଲେ ।

### ସ୍ତ୍ରୀ,ଝିଅଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

**ରାୟଗଡ଼ା ଅଫିସ, ୧୧।୮:** ମଦ ପିଇବାକୁ ଟଙ୍କା ନ ଦେବାରୁ ରାୟଗଡ଼ା ସହରର ବ୍ୟାଙ୍କ କଲୋନୀଠାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଓ ଝିଅଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ରବିବାର ପୋଲିସ ଅଭିଯୁକ୍ତ କେ. ରଘୁନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ସହରର ବ୍ୟାଙ୍କ କଲୋନୀରେ କେ. ରଘୁନାଥ ଓ ତାଙ୍କ ପରିବାର ରହୁଥିଲେ। ପୂର୍ବାହ୍ନରେ ରଘୁନାଥ ଆସି ସ୍ତ୍ରୀ ଏ. ଲିଲାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ସେ ନ ଦେବାରୁ ରଘୁନାଥ ଓ ଲିଲାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ରଘୁନାଥ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ଲିଲା ଓ ଝିଅ ଗାୟତ୍ରୀଙ୍କୁ ଆକ୍ରମଣ କରିଥିଲେ । ପଡ଼ୋଶୀମାନେ ଗୁରୁତର ଅବସ୍ଥାରେ ସ୍ତ୍ରୀଝିଅଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ପୋଲିସ ଏକ ମାମଲା (୨୪୯/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ରାୟଗଡ଼ା ଏସଡ଼ିପିଓ ତପନ ନାରାୟଣ ରଥ ସୂଚନା ଦେଇଛନ୍ତି ।

### ବାଇକ ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

**ବୁଗୁଡ଼ା, ୧୧।୮ (ଡି.ଏନ.ଏ.):** ବୁଗୁଡ଼ା ଥାନା ପାଙ୍ଗିଡ଼ି ନିକଟରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ବୃଦ୍ଧଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ପାଙ୍ଗିଡ଼ି ଗ୍ରାମର ରାମଚନ୍ଦ୍ର ଗୌଡ଼ (୭୦)। ରାମଚନ୍ଦ୍ର ଶନିବାର ସନ୍ଧ୍ୟାରେ ଗାଧୋଇବା ପାଇଁ ପୋଖରୀକୁ ଯାଉଥିବା ବେଳେ କୁଞ୍ଚୁଡ଼ ଗ୍ରାମର ଜୟସେନ୍ ବେହେରାଙ୍କ ବାଇକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଉଭୟ ଆହତଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲା। ରାମଚନ୍ଦ୍ରଙ୍କ ସେଠାରେ ମୃତ୍ୟୁ ହୋଇଥିଲା।

# କ୍ଷତିଗ୍ରସ୍ତ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କଲେ ଏମ୍‌ପି

**ବିଷମକଟକ, ୧୧।୮**

କୋରାପୁଟ ଏମପି ସପ୍ତଗିରି ଉଲ୍ଲାକା ରବିବାର ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ କୁର୍ଲୀ ପଞ୍ଚାୟତର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଲୋକଙ୍କ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ । ବନ୍ୟା ଜଳରେ ଖଜୁରି ଗ୍ରାମକୁ ଯୋଗାଯୋଗ କରୁଥିବା ପୋଲ ଭାସି ଯାଇଛି । ପ୍ରଥମେ ସେ ଏହି ପୋଲ ଦେଖିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ପରେ କୁର୍ଲୀ ଗ୍ରାମକୁ ଯାଇଥିଲେ । ସେଠାରେ କ୍ଷତିଗ୍ରସ୍ତ ରାସ୍ତା ଏବଂ ଭାଙ୍ଗିଯାଇଥିବା ଘର ବୁଲି ଦେଖିଥିଲେ । କୁର୍ଲୀଠାରୁ ମୁଣ୍ଡବାଲି ଗାଁ କୁ ଯିବା ନିମନ୍ତେ ତିଆରି ହୋଇଥିବା ମାଟି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏମପି ଏକ ବାଇକ୍ ଯୋଗେ ଉକ୍ତ ଗ୍ରାମକୁ ଯାଇଥିଲେ । କ୍ଷତିଗ୍ରସ୍ତ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । କୁର୍ଲୀ ପଞ୍ଚାୟତର କୁର୍ଲୀ, ଖଜୁରୀ, ଆରସା କାନି ଗାଁ ବୁଲି ଅନୁଧ୍ୟାନ କରିଥିଲେ । ଶେଷରେ ଚାଟିକୋଣା ଶିବ ମନ୍ଦିରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ଦେଖିଥିଲେ । ଏଠାକୁ ଯିବା ନିମନ୍ତେ ଏକ ଆପ୍ରୋଚ ରୋଡ ସହ ଗାର୍ଡ ୱାଲ୍ ନିର୍ମାଣ ହୋଇଥିଲା । ତାହା ପ୍ରବଳ ବର୍ଷାରେ ଧୋଇଯାଇ ମନ୍ଦିରକୁ ଯୋଗାଯୋଗ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଇଛି । ଆଦିବାସୀ ନେତା ଜିତୁ ଜାକସିକା କ୍ଷତିଗ୍ରସ୍ତ ଅଞ୍ଚଳର ସମସ୍ୟା ସମାଧାନ ନିମନ୍ତେ ଏମ୍‌ପିଙ୍କୁ ନିବେଦନ କରିଥିଲେ । ରାସ୍ତା, କଲଭର୍ଟ, ବାସଗୃହ, ବିଭିନ୍ନ ଫସଲ ନଷ୍ଟ ହୋଇଥିବା ନେଇ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ କରିବା ଲାଗି ବ୍ୟବସ୍ଥା କରିବେ ବୋଲି କହିଥିଲେ । ଏମ୍‌ପିଙ୍କ ଗସ୍ତ ସମୟରେ କୁର୍ଲୀ ପଞ୍ଚାୟତ ସରପଞ୍ଚ ତ୍ରିଞ୍ଜୀ ଜାକସିକା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଳମାଧବ ହିକକା, ଜିଲା ପରିଷଦ ସଦସ୍ୟ ନନ୍ଦ କିଶୋର ଚୌଧୁରୀ, ଅଶୋକ କୁମାର ଆଚାର୍ଯ୍ୟ, ସୁଦର୍ଶନ ପାଢୀ, କିଶୋର ପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।



ଏମପି ସପ୍ତଗିରି ଉଲ୍ଲାକା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖୁଛନ୍ତି ।

■ ଏମପିଙ୍କ ଗୁଡାରୀ ବନ୍ୟାଞ୍ଚଳ ପରିଦର୍ଶନ

# କଂଗ୍ରେସରେ ବଢିଲା ଅସନ୍ତୋଷ

**ଗୁଣପୁର, ୧୧।୮ (ଡି.ଏନ.ଏ)**

ଚଳିତ ସାଧାରଣ ନିର୍ବାନଚରେ ବହୁ କଷ୍ଟରେ କୋରାପୁଟ ଏମ୍‌ପି ଆସନ କଂଗ୍ରେସ ହାତକୁ ଯାଇଥିଲା । ତାହା ପରେ ମଧ୍ୟ ଦଳ ଭିତରେ ଅସନ୍ତୋଷ ଥମିବାର ନା ଧରୁନି । ଦଳ ଭିତରେ ସୁଧାର ତଥା ପରିବର୍ତ୍ତନ ଆସିବା ବଦଳରେ କନ୍ଦଳ ପଦାରେ ପଡି ହାଟରେ ଗଡୁଛି । ବନ୍ୟା ପରେ ଏମ୍‌ପି ସପ୍ତଗିରି ଉଲ୍ଲାକା ଗୁଡାରି ଅଞ୍ଚଳ ପରିରଦର୍ଶନ କରିଥିଲେ । ହେଲେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ନେତା ଏବଂ କର୍ମୀଙ୍କୁ ଅଣଦେଖା କରାଯିବା ସହ ସୂଚନା ମଧ୍ୟ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଏଥିସହ ଗୁଡାରି ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ରଘୁ ପାତ୍ର ସାଧାରଣ ନିର୍ବାଚନରେ ବିଜେଡି ପାଇଁ କାର୍ଯ୍ୟ କରିଥିବାବେଳେ ଏମ୍‌ପି ଉଲ୍ଲାକା ତାଙ୍କ ଘରକୁ ଯାଇଥିଲେ । ସେହିପରି ପଦ୍ମପୁର, ରାମନାଗୁଡା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସେହି ଅଞ୍ଚଳଗୁଡିକ ଏମ୍‌ପି ଗସ୍ତ କରିନାହାନ୍ତି । ଏପରି ଆହୁରି ଅନେକ ପ୍ରସଙ୍ଗକୁ କେନ୍ଦ୍ରକରି ଗୁଣପୁରଠାରେ ରବିବାର ଏକ ବୈଠକ କରାଯାଇଥିଲା । ଏଥିରେ ଗୁଡାରି, ଗୁଣପୁର, ପଦ୍ମପୁର ଏବଂ ରାମନାଗୁଡା ଅଞ୍ଚଳର ସଭାପତି ଏବଂ ନେତାମାନେ ଯୋଗ ଦେଇଥିଲେ । ବରିଷ୍ଠ ନେତା ଚିରଞ୍ଜିବ ଖାଡାଙ୍ଗାଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭ୍ୟ ପୁରୁଷୋତ୍ତମ ଗମାଙ୍ଗ, ବାଳି ମାଙ୍ଗ, ମାଟା ରାଜୁ, ବାବା ପ୍ରସାଦ, ପି.ରମେଶଙ୍କ ସମେତ ବହୁ ନେତା, କର୍ମୀ ଯୋଗଦେଇ ଏମପିଙ୍କ କାର୍ଯ୍ୟକଳାପକୁ ବିରୋଧ କରିବା ସହ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରକାଶ ଥାଉକି, ଗତ ନିର୍ବାଚନ ପୂର୍ବରୁ କୋରାପୁଟ ଏମପି ଆସନ ପାଇଁ ବରିଷ୍ଠ ନେତା ପୁରୁଷୋତ୍ତମ ଗମାଙ୍ଗ ଏବଂ ସପ୍ତଗିରି ଉଲ୍ଲାକାଙ୍କ ନାମ ଉଠିଥିଲା । ପରେ ସପ୍ତଗିରିଙ୍କୁ ଟିକେଟ ମିଳିବା ସହ ବିଜୟ ଲାଭ କରିଥିଲେ । ଗୁଣପୁର ବିଧାୟକ ପ୍ରାର୍ଥୀ ଭାବେ ପୁରୁଷୋତ୍ତମ ନିର୍ବାଚନ ଲଢିଥିଲେ । ପରେ ଦୁଇ ନେତାଙ୍କ ମଧ୍ୟରେ ସବୁ କିଛି ଠିକ୍‌ଠାକ ନ ଥିଲେ ମଧ୍ୟ ଦୁହେଁ ମିଶି ବିଜୟ ଉତ୍ସବ ତଥା ସମ୍ବର୍ଦ୍ଧନା ଶୋଭାଯାତ୍ରା ଗୁଣପୁରଠାରେ ପାଳନ କରିଥିଲେ । ଭୋଟର ୩ ମାସ ମଧ୍ୟରେ ଦଳରେ ରହିଥିବା କନ୍ଦଳ ଏବଂ ଅସନ୍ତୋଷ ପଦାରେ ପଡିଥିବା ଦେଖାଯାଇଛି ।



ଗୁଣପୁର ଏକ ଲଜରେ ଆୟୋଜିତ ବୈଠକରେ କଂଗ୍ରସର କର୍ମକର୍ତ୍ତାମାନେ ।

■ ବିଭିନ୍ନ ସ୍କୁଲ ବୁଲି ଦେଖିଲେ ମନ୍ତ୍ରୀ

# ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝିଲେ

**କାଶୀପୁର, ୧୧।୮ (ଡ଼ି.ଏନ.ଏ)**

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ରବିବାର କାଶୀପୁର ବ୍ଲକ ଗସ୍ତ କରିଛନ୍ତି । ଗସ୍ତ ସମୟରେ ବହୁ କର୍ମୀ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ପ୍ରଥମେ ସେ ଡ଼ଙ୍ଗାସିଲ ବାଳିକା ଆଶ୍ରମ ବିଦ୍ୟାଳୟକୁ ଯାଇଥିଲେ । ଏହା ପରେ ଟିଁକିରି ଉଚ୍ଚ ବିଦ୍ୟାଳୟ, ଥୁଟିବର କଲୋନୀର ଆଶ୍ରମ ବିଦ୍ୟାଳୟ ଏବଂ ଗୋରଖପୁର ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଜଳ, ବିଦ୍ୟୁତ୍, ହଷ୍ଟେଲ ଗୃହ, ଖେଳ ପଡ଼ିଆର ଅଭାବ ଥିବା ନେଇ ଛାତ୍ରୀଛାତ୍ର ମନ୍ତ୍ରୀଙ୍କୁ ଜଣାଇଥିଲେ । ତୁରନ୍ତ ଏହାର ସମାଧାନ କରିବା ପାଇଁ ବିଡ଼ିଓଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ହଷ୍ଟେଲରେ ରୋଷେଇ କରାଯାଇଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ ମନ୍ତ୍ରୀ । ଏହି ଗସ୍ତ ସମୟରେ ବିଡ଼ିଓ ବେଦବର ପ୍ରଧାନ, ଡ଼ମ୍ବରୁ ମାଝି, ସୀତାରାମ ସାହୁ, ବିନାୟକ ମିଶ୍ର, ସୁନୀଲ ପାଳ, ଲବ ନାଏକ, ଗଜେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



ମନ୍ତ୍ରୀ ଅନ୍ତେବାସୀଙ୍କ ସହ ଆଲୋଚନା କରୁଛନ୍ତି ।

## ଧ୍ୟାନର ଆବଶ୍ୟକତା ନେଇ ଆଲୋଚନାଚକ୍ର

**ରାୟଗଡ଼ା ଅଫିସ, ୧୧।୮**

ରାୟଗଡ଼ାସ୍ଥିତ କୋରାପୁଟ ଛକରେ ଥିବା ଓମ୍ ଶାନ୍ତିର ପ୍ରଶିକ୍ଷଣ କେନ୍ଦ୍ରରେ ଧ୍ୟାନର ଆବଶ୍ୟକତା ନେଇ ଏକ ଜିଲାସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମକୁମାରୀ ଶ୍ରୀମତି ସ୍ୱାଗତ ଭାଷଣ ଦେବା ସହ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଧ୍ୟାନର ଭୂମିକା ବିଷୟରେ ମତ ରଖିଥିଲେ। ଏଥିରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ତମ ପ୍ରଶାସନିକ ଅଧିକାରୀ ହେବା ଲାଗି ଆଧ୍ୟାତ୍ମିକ ଜ୍ଞାନ ଓ ସମାଜ ବିଷୟରେ ଉଚିତ୍ ଜ୍ଞାନ ରହିବା ଜରୁରୀ ବୋଲି କହିଥିଲେ । ରାଜଯୋଗିନୀ ବି.କେ. ଲିନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରଶାସନିକ ଅଧିକାରୀମାନେ ନିଜକୁ ସେବକ ଭାବି ସମାଜ ଓ ଦେଶର ସେବା କରିବା ଉଚିତ୍। ବିନା କୌଣସି ପ୍ରଲୋଭନ ଓ ସର୍ତ୍ତରେ ଦେଶର ସେବା କରିବା ଉଚିତ୍ । ଏହି ସମସ୍ତ ବିଷୟ କେବଳ ଧ୍ୟାନ ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ ବୋଲି କହିଥିଲେ। ସେହିପରି ରାଜଯୋଗିନୀ ବିକେ ଦୁର୍ଗେସ ନନ୍ଦିନୀ ପ୍ରଶାସନିକ ସେବା ଦିବ୍ୟଜ୍ଞାନ ଓ ଶାନ୍ତିକୁ ଅନୁସରଣ କରିବା ଉଚିତ୍ ବୋଲି କହିଛନ୍ତି । ଏହି ଆଲୋଚନାଚକ୍ରରେ ସିଆରପିଏଫର ଚତୁର୍ଥ ବାଟାଲିୟନ ଡ଼ିଆଇଜି ଏସ.ଡ଼ି ପାଣ୍ଡେ, ସିଡ଼ିଏମଓ ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



# ବିଜ୍ଞାନ, ଗଣିତ ପ୍ରଦର୍ଶନୀ



ଅତିଥିଙ୍କ ଗ୍ରହଣରେ କୃତୀ ପ୍ରତିଯୋଗୀ ।

**ଟିଁକିରି, ୧୧।୮ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଧୀନ ନୂଆପଡାସ୍ଥିତ ଆଦିତ୍ୟ ବିର୍ଲା ସ୍କୁଲ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ସିବିଏସ୍‌ଇ ହବ୍ ସ୍କୁଲ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ–୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଉତ୍କଳ ଆଲୁମିନାର ବିଭାଗ ମୁଖ୍ୟ ତଥା ୟୁନିଟ୍ ହେଡ୍ ଏନ୍. ନାଗେଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନ୍. ଶ୍ରୀଲକ୍ଷ୍ମୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଦର୍ଶନୀରେ ରାୟଗଡା ଜିଲାର ୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ବିଜ୍ଞାନରେ ୧୮, ସାମାଜିକ ବିଜ୍ଞାନରେ ୧୭ଟି ଓ ଗଣିତରେ ୧୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ଆଶିଷ କୁମାର ଶତପଥୀ, ସତ୍ୟେନ୍ଦ୍ର ନାଥ ଦାଶ, ଶୁଭ ବାନାର୍ଜୀ, ଡ. ଲୋପାମୁଦ୍ରା ପ୍ରିୟଦର୍ଶନୀ ଯୋଗ ଦେଇଥିଲେ । ବିଜ୍ଞାନ ପ୍ରଦର୍ଶନୀରେ ଦେବାଂଶୁ ପଣ୍ଡା ଓ ଅରମାନ ତିୱାରୀ ପ୍ରଥମ, ଶ୍ରଦ୍ଧାସୁମନ ପ୍ରଧାନ ଓ ସୁଶ୍ରୀ ମୋନାଲିସା ମାଝି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ସାମାଜିକ ବିଜ୍ଞାନରେ ଆଦିତି ପାଣ୍ଡେ ଓ ସାରା ସଞ୍ଜ ସାଖରେ ପ୍ରଥମ, ଆଦ୍ୟାଶକ୍ତି ମହାପାତ୍ର ଓ ବୁଲି ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗଣିତରେ ସଂସ୍କୃତି ପରିଡା ଓ ଶୁଭମ୍ ନାୟକ ପ୍ରଥମ ସ୍ଥାନ, ବୁଦ୍ଧଦେବ ସାହୁ ଓ ଶୁଭ୍ରଜିତ ସାହୁ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ । ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ ।

# ମରାମତି ହେଲା ଆପ୍ରୋଚ ରାସ୍ତା

**ଚନ୍ଦ୍ରପୁର, ୧୧।୮ (ଡି.ଏନ୍.ଏ.)**

ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡାଠାରୁ ପିସ୍କାପଙ୍ଗା ତଥା ଚନ୍ଦ୍ରପୁର ବ୍ଲକଠାରୁ ପିସ୍କାପଙ୍ଗା ପଞ୍ଚାୟତ ସଦର ମହକୁମାରୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଡାଙ୍ଗସୋରଡା ବଂଶଧାରା ନଦୀର ଆପ୍ରୋଚ ରାସ୍ତା ମରାମତି ହୋଇଛି । ଉକ୍ତ ରାସ୍ତାରେ ବର୍ଷା ପାଣିରେ ବିରାଟ ଘାଇ ସୃଷ୍ଟି ହୋଇଥିଲା । ଫଳରେ ପିସ୍କାପଙ୍ଗା ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଏ ସମ୍ପର୍କରେ ଗତ ୮ ତାରିଖରେ ଚନ୍ଦ୍ରପୁରକୁ ଯୋଗାଯୋଗ ବିଚ୍ଛିନ୍ନ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ପର ହୋଇ ଉଠିଥିଲା । ଦୁଇ ଦିନ ଧରି ବଂଶଧାରା ପୋଲର ଆପ୍ରୋଚ ରାସ୍ତା ମରାମତି କରିବା ପରେ ଲୋକେ ଯାତାୟାତ କରୁଛନ୍ତି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମୁନା ନାୟକ କହିଛନ୍ତି । ବଂଶଧାରା ପୋଲ ୮ ଇଞ୍ଚ ଘୁଞ୍ଚିବା ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ, ସୋମବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଯନ୍ତ୍ରୀ ଆସିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି । ବର୍ତ୍ତମାନ ପୋଲ ଉପରଦେଇ କୌଣସି ଭାରିଯାନ ଯାଇପାରିବ ନାହିଁ ବୋଲି ସେ କହିଛନ୍ତି । ପୋଇଗୁଡା ପୋଲ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଗର୍ତ୍ତକୁ ମଧ୍ୟ ମରାମତି କରାଯାଇଛି ।



ରାସ୍ତା ମରାମତି କାର୍ଯ୍ୟ ଚାଲିଛି ।

# ଗୁଣପୁର ବିଧାୟକଙ୍କ ଚନ୍ଦ୍ରପୁର ଗସ୍ତ

**ଚନ୍ଦ୍ରପୁର, ୧୧।୮ (ଡି.ଏନ୍.ଏ.)**

ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଅଚାନକ ଗସ୍ତ କରିଛନ୍ତି। ପ୍ରଥମେ ଗୁରୀଗୁଡା, ପିସ୍କାପଙ୍ଗା ପଞ୍ଚାୟତକୁ ଯାଇଥିଲେ। ବଂଶଧାରା ନଦୀରେ ଥିବା ପୋଲର ଆପ୍ରୋଚ ରାସ୍ତାରେ ବିରାଟ ଘାଇ ସୃଷ୍ଟି ହୋଇଛି । ଫଳରେ ଅଧିକାଂଶ ଗ୍ରାମ ଚାରିଦିନ ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି । ଉକ୍ତ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ପ୍ରକାଶ କରିଥିଲେ । ଏହି ଆପ୍ରୋଚ ରାସ୍ତା ମରାମତି ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅତ୍ୟଧିକ ବର୍ଷା ଯୋଗୁ ଡାଙ୍ଗସୋରଡା ପଞ୍ଚାୟତ ଅଧିନ ଯୁଗାପଦର ଗ୍ରାମକୁ ଯାଇଥିଲେ। ସେଠାରେ ଅଧିକାଂଶ ଗରିବ ଲୋକଙ୍କ ଘର ଭାଙ୍ଗିଯାଇଥିବା ଅନୁଧାନ କରିଥିଲେ। ସେହିପରି ହନୁମନ୍ତପୁର, ବୁଡ଼ିବାଲି, ଚନ୍ଦ୍ରପୁର ପଞ୍ଚାୟତ ବୁଲି ଲୋକଙ୍କ ସମସ୍ୟା ବୁଝିଥିଲେ। ବୁଡ଼ିବାଲି ଗ୍ରାମର ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟଗୁଡିକ ବୁଲି ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ସହ ଚନ୍ଦ୍ର ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁକାର, ସାମାଜିକ କର୍ମୀ ଡଃ ଗୌରାଙ୍ଗ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



ବିଧାୟକ ରଘୁନାଥ ଗମାଙ୍ଗ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ତ୍ରିରଙ୍ଗା ରାଖୀର ଚାହିଦା ଅଧିକ

**ରାୟଗଡ଼ା ଅଫିସ, ୧୧।୮**

ଏ ସମ୍ପର୍କରେ ନାହିଁ ଆବିଳତା । ନାହିଁ କିଛି ପାଇବାର ଆଶା । ବାସ୍ ଖାଲି ସ୍ନେହ, ମମତା ଓ ନିଚ୍ଛକ ଭଲ ପାଇବାର ମେଞ୍ଚା ମେଞ୍ଚା ଅନୁଭବ । ସଂସାରର ସବୁ ସମ୍ପର୍କଠାରୁ ଉର୍ଦ୍ଧ୍ୱରେ ଭଉଣୀ ଭାଇର ଏହି ପବିତ୍ର ସମ୍ପର୍କ । ବିପଦ ଆପଦରେ ରକ୍ଷା କରିବା ଲାଗି ପ୍ରତିଶ୍ରୁତି ଭଉଣୀ ପାଖରେ ରଖିବ ଭାଇ । ପାରମ୍ପରିକ ଧାରାରେ ଶହ ଶହ ବର୍ଷ ଧରି ଅନୁସୃତ ହୋଇ ଆସୁଛି ଏହି ପରମ୍ପରା । ଏମିତି ସମ୍ପର୍କର ପ୍ରତୀକ ହେଉଛି ପବିତ୍ର ରକ୍ଷା ବନ୍ଧନ । ଆଉ ମାତ୍ର କିଛି ଦିନ ପରେ ରାଖୀ ପୂର୍ଣ୍ଣିମା । ଭାଇ ଓ ଭଉଣୀର ପବିତ୍ର ସମ୍ପର୍କକୁ ମନେ ରଖିବା ଓ ସୁଦୃଢ଼ କରୁଥିବା ରାଖୀ ବିକ୍ରି ଲାଗି ରାୟଗଡ଼ା ବଜାରରେ ଖୋଲିଛି ଅନେକ ଦୋକାନ । ରାୟଗଡ଼ାର ଇନ୍ଦ୍ରାନଗର, କସ୍ତୁରୀ ନଗର, ରାଣୀଗୁଡା ଫାର୍ମ, ସାଇପ୍ରିୟାନଗର, ରୋଇତ କଲୋନୀ, ଷ୍ଟେଶନ ରୋଡ୍, ମୁଖ୍ୟ ବଜାରରେ ଖୋଲିଥିବା ଦୋକାନରେ ବହୁ ଭିଡ଼ ଜମୁଛି । ବଜାରରେ ପ୍ରାୟ ୨୦ ପ୍ରକାରର ରାଖୀ ବିକ୍ରୟ କରାଯାଉଛି । ସ୍ପଞ୍ଜ ରାଖୀ, ଟଇ ରାଖୀ, କୁନ୍ଦନ ରାଖୀ, ମଖମାଲ ଆଦି ରାଖୀ ଦେଖିବାକୁ ମିଳିଛି । ଏହି ରାଖୀର ଦାମ ୧ ଟଙ୍କାରୁ ଆରମ୍ଭ ହୋଇ ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ନିଜ ଭାଇର ହାତକୁ ଯେଉଁ ରାଖୀ ମାନିବ ତାହାକୁ ଅଧିକ ମୂଲ୍ୟଦେଇ ଭଉଣୀମାନେ କ୍ରୟ କରୁଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ସ୍ୱାଧୀନତା ଦିବସ ଓ ରକ୍ଷା ବନ୍ଧନ ଗୋଟିଏ ଦିନରେ ପଡୁଥିବାରୁ ତ୍ରିରଙ୍ଗା ରଙ୍ଗ ରାଖୀର ଚାହିଦା ଅଧିକ ରହିଥିବା ଜଣେ ବ୍ୟବସାୟୀ ପ୍ରକାଶ କରିଛନ୍ତି। ଦିଲ୍ଲୀ, କଲିକତା ଓ ରାଇପୁରରୁ ରାଖୀ ଆଣି ଏଠାରେ ବିକ୍ରି କରୁଥିବା ବ୍ୟବସାୟୀ କହିଛନ୍ତି । ରାୟଗଡ଼ାକୁ ରାଖୀ ଆସୁଥିବା ଜଣାପଡିଛି। ଏଥିସହ ମିଠାଦୋକାନଗୁଡ଼ିକରେ ମଧ୍ୟ ମିଠାର ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡିଛି ।



ରାକ୍ଷୀଦୋକାନରେ ଲୋକଙ୍କ ଭିଡ଼ ଜମିଛି ।

**ସଂକ୍ଷେପରେ**

## ସାପ କାମୁଡ଼ାରେ ମହିଳା ମୃତ

**ଚନ୍ଦାହାଣ୍ଡି,୧୧।୮(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅନ୍ତର୍ଗତ ରାଜକୋଟ ଗ୍ରାମରେ ସାପ କାମୁଡ଼ାରେ ଲିଲି ମାଝି (୩୫)ଙ୍କ ମୃତ୍ୟୁ ଘଟିଛି। ଲିଲି ନିଜ ଘର ସମ୍ମୁଖରେ ଫୋନ୍‌ରେ କଥା ହେଉଥିବା ସମୟରେ ହଠାତ୍ ଏକ ନାଗ ସାପ ତାଙ୍କୁ ଦଂଶନ କରିଥିଲା । ସ୍ୱାମୀ ବୁଟି ମାଝି ଏବଂ ପରିବାର ବର୍ଗ ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଚନ୍ଦାହାଣ୍ଡି ଥାନା ଆଇଆଇସି ଅଭୟ ବେହେରା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ରବିବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଏଥିନେଇ ଚନ୍ଦାହାଣ୍ଡି ଥାନାରେ ନଂ .୬/୧୯ରେ ଏକ ମାମଲା ରୁଜୁ କରାଯାଇଛି ।

## କାଉଡିଆଙ୍କ ପାଇଁ ମାଗଣା ଖାଦ୍ୟପେୟ ବ୍ୟବସ୍ଥା



**ନବରଙ୍ଗପୁର,୧୧।୮(ବି.ପ୍ର.):** ରୋୟାଲ କ୍ଲବ ପକ୍ଷରୁ କାଉଡିଆଙ୍କ ପାଇଁ ସଦର ବ୍ଲକ ପାତ୍ରମୁଣ୍ଡାଛକ ତଥା ୨୬ ନମ୍ବର ଜାତୀୟ ରାଜପଥ କଡରେ ବର୍ଷର ଶ୍ରାବଣ ମାସ ପ୍ରତି ଶେଷ ରବିବାର ମାଗଣା ଜଳଖିଆ ଓ ଭୋଜନ ବ୍ୟବସ୍ଥା କରାଯାଇଥିଲା । ନବରଙ୍ଗପୁର ଜିଲାର ବିଭିନ୍ନ ଶୈବପୀଠକୁ କାଉଡିଆମାନେ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି । ରବିବାର ୨ ହଜାରରୁ ଉର୍ଦ୍ଧ୍ୱ କାଉଡିଆଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା । ସଦସ୍ୟ ସରୋଜ ପଟ୍ଟନାୟକ, ହିମାଂଶୁ ନାୟକ, ପିପୁ ପଟ୍ଟନାୟକ, ସୁମନ ସାହୁ, ଗିରିବାବୁ, ଦିଲୁ ପଣ୍ଡା, କିଶୋର ନାୟକ, ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଫନୀ ସହାୟତା



**ରାଇଘର,୧୧।୮(ଡି.ଏନ.ଏ):** ନବରଙ୍ଗପୁର ଜିଲା ଅନ୍ତର୍ଗତ ରାଇଘର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଏକ ଲକ୍ଷ ଟଙ୍କା ଫନୀ ସହାୟତା ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକମାନେ ମିଳିତ ଭାବେ ଅର୍ଥ ଦାନ କରି ଏକ ଲକ୍ଷ ଟଙ୍କା ସହାୟତା ରାଶି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରେ ଜମା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ସନନ୍ତ କୁମାର ପ୍ରହରାଜ, ରାଇଘର ବ୍ଲକ ସଭାପତି ବୃନ୍ଦାବନ ଦୁର୍ଗା, ମିଳିତ ଶିକ୍ଷକ ସଂଘ ସଭାପତି ଦେବଦାସ ଗଣ୍ଡ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାସ, ମୋତିଲାଲ ଗଣ୍ଡ, ଘନଶ୍ୟାମ ଗଣ୍ଡ, ରଞ୍ଜିତ ମଣ୍ଡଳ, ପରମେଶ୍ୱର ସିଂ ରାଜପୁ, ରାମନାଥ ଗଣ୍ଡ, ନକୁଳ ଚନ୍ଦ୍ର ବିଶ୍ୱାସ, ପବିତ୍ର ସାହୁ, ଭଗବାନ ଜେନା, ଅନନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ମକା ଫସଲ ନଷ୍ଟ କରୁଛି ବିଦେଶୀ ପୋକ



ଚାଷୀ ନଷ୍ଟ ହୋଇଥିବା ମକା ଫସଲ ଦେଖୁଛନ୍ତି।



ମକା ଗଛରେ ହୋଇଥିବା ପୋକ

**ରାଇଘର/ଚନ୍ଦାହାଣ୍ଡି, ୧୧।୮(ଡି.ଏନ.ଏ)**

ମକା ଫସଲରେ ବିଦେଶୀ ପୋକ। ଏହି ବିଦେଶୀ ପୋକ ଆକ୍ରମଣରେ ମକା ଫସଲ ଏବେ ନଷ୍ଟ ହେବାରେ ଲାଗିଛି । ଫଳରେ ଚଳିତବର୍ଷ ନବରଙ୍ଗପୁର ଜିଲାର ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡିବ । ଏହା ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହି ବିଦେଶୀ ପୋକର ନାମ ଫଲ ଆର୍ମି ୱାମିଂ (ଏଫଏଡବ୍ଲ୍ୟୁ)। ଛତିଶଗଡ ପରେ ଏବେ ଓଡିଆ ସୀମା ନବରଙ୍ଗପୁର ଜିଲାକୁ ଏହି ପୋକ ଆସିଛି।

ନବରଙ୍ଗପୁର ଜିଲାର ୫୦ ପ୍ରତିଶତ ମକା ଫସଲ ଏହି ପୋକ ଆକ୍ରମଣରେ ନଷ୍ଟ ହୋଇଛି। ପ୍ରାଥମିକ ସ୍ତରରେ ମକା ଫସଲରେ ଏହି ପୋକ ଲାଗୁଥିବା ବେଳେ ପରବର୍ତ୍ତି ସମୟରେ ଧାନ, ଗହମ, ମାଣ୍ଡିଆ, ପନିପରିବା ଇତ୍ୟାଦି ଫସଲକୁ ନଷ୍ଟ କରିଥାଏ । ବର୍ତ୍ତମାନ ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ବ୍ଲକରେ ଏହି ପୋକ ଯୋଗୁ ବ୍ୟାପକ ପରିମାଣରେ ମକା ଫସଲ ନଷ୍ଟ ହୋଇଛି। ଉମରକୋଟ ଅଞ୍ଚଳର ବାଡକୁମାରି, ବୁରୁଜା, ମୁର୍ତ୍ତୁମା, ଚିକଳପଦର, ସଙ୍କରଦା, ସିଲାଟି, ରାଜପୁର, ସୁନାବେଡା, ସେମେଲା ପ୍ରଭୃତି ଗ୍ରାମରେ ବ୍ୟାପକ ଭାବେ ମକା ଫସଲ ନଷ୍ଟ ହୋଇଛି। ଔଷଧ ସିଞ୍ଚନ କଲେ ମଧ୍ୟ କାମ କରୁ ନଥିବା ଚାଷୀ ଅଭିଯୋଗ କରିଛନ୍ତି । ସେହିପରି ଚନ୍ଦାହାଣ୍ଡି ବ୍ଲକରେ ଚଳିତ ବର୍ଷ ଶହ ଶହ ହେକ୍ଟର ଜମିରେ ମକା ଫସଲ କରାଯାଇଥିବା ବେଳେ ଏହି ପୋକ ଯୋଗୁ ମକା ଫସଲ ଏବେ ନଷ୍ଟ ହେବାରେ ଲାଗିଛି । ଚଳିତ ବର୍ଷ ଚନ୍ଦାହାଣ୍ଡି ବ୍ଲକରେ କମ୍ ବର୍ଷା ହୋଇଥିବାରୁ ମକା ଫସଲ ଭଲ ହୋଇଥିଲା । ତେବେ ଏହି ପୋକ ମକା ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥିବାରୁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏପର୍ଯ୍ୟନ୍ତ କୃଷି ବିଭାଗ ଅଧିକାରୀମାନେ ଫସଲ ଦେଖିବାକୁ ଆସୁନଥିବା ଚାଷୀ ଅଭିଯୋଗ କରିଛନ୍ତି। କୃଷି ବିଭାଗ ସୂଚନା ଅନୁଯାୟୀ ପ୍ରଥମେ ଏଫଏଡବ୍ଲ୍ୟୁ ପୋକ ଆମେରିକା, ନାଇଜେରିଆରେ ୨୦୧୬ ମସିହାରେ ସୃଷ୍ଟି ହୋଇଥିଲା। ସେଠାରେ ବହୁ ଫସଲ ନଷ୍ଟ କରିବା ପରେ ସେହି ବର୍ଷ ଆଫ୍ରିକାରେ ପ୍ରାୟ ୨୦ରୁ ୨୫ ପ୍ରତିଶତ ଫସଲ ନଷ୍ଟ କରିଥିଲା । ୨୦୧୮ ମସିହା ଗ୍ରୀଷ୍ମଋତୁ ଶେଷ ବେଳକୁ ଭାରତର କର୍ଣ୍ଣାଟକ ରାଜ୍ୟରେ ବହୁ ପରିମାଣରେ ଫସଲ ନଷ୍ଟ କରିଥିଲା । ଏହି ପୋକର ବେଗ ଏତେ ପ୍ରଖର ଯେ ଗୋଟେ ରାତିରେ ବହୁ ପରିମାଣରେ ଫସଲ ନଷ୍ଟ କରିଥାଏ। ଏହା ଗୋଟିଏ ଦିନରେ ୧୦୦ରୁ ଉର୍ଦ୍ଧ୍ୱ କି.ମି ଯାଇ ପାରେ। ଏହି କାରଣରୁ ଏତେ କମ ଦିନରେ ସାରା ପୃଥିବୀରେ ବ୍ୟାପିଯାଇଛି । ଏହାର ଜୀବନଚକ୍ର ଏପରି ଯେ ପ୍ରଥମେ ମକା ଗଛରେ ଧଳା ଧଳା ହୋଇ ଦେଖା ଦେଇଥାଏ। ତା'ପରେ ଅଣ୍ଡା ଦେବା ଆରମ୍ଭ କରେ । ଗୋଟେ ଦିନରେ ପ୍ରାୟ ଏକ ହଜାର ଅଣ୍ଡା ଦିଏ । ତା'ପରେ ଲାର୍ଭା ୧୪ରୁ ୧୮ଦିନ ମଧ୍ୟରେ ସୃଷ୍ଟି ହୁଏ । ଗୋଟିଏ ଫଲ ଆର୍ମି ୱାର୍ମର ଜୀବନକାଳ ୩୧ରୁ ୩୫ଦିନ ହୋଇଥାଏ । ଏହି ସମୟ ମଧ୍ୟରେ ମକା ଫସଲର ବହୁ କ୍ଷତି କରିଥାଏ। ଏହି ପୋକକୁ ନିୟନ୍ତ୍ରଣ କରିବା ସମ୍ଭାବନା ବହୁତ କମ। ଚାଷୀମାନଙ୍କୁ ଏଥିପାଇଁ ସଚେତନ କରାଯାଉଛି ବୋଲି କୃଷି ପରାମର୍ଶ ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି। ଚନ୍ଦାହାଣ୍ଡି ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଘ ମକା ଗଛରେ ପୋକ ଲାଗିଥିବା ସ୍ୱୀକାର କରିବା ସହ କିଟ ଦମନ ପାଇଁ ସରକାରଙ୍କ ତରଫରୁ ଚାଷୀଙ୍କୁ ଔଷଧ ପ୍ରଦାନ କରାଯାଉଛି ବୋଲି କହିଛନ୍ତି । ଚନ୍ଦାହାଣ୍ଡି ବ୍ଲକର ୭ଟି ପଞ୍ଚାୟତର ୧୨୦ ହେକ୍ଟର ମକା ଚାଷରେ ରୋଗ ପୋକ ଲାଗିଥିବା ବେଳେ ୬୦ ହେକ୍ଟର ଜମି ନିମନ୍ତେ ଔଷଧ ଚାଷୀଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି। ଗତବର୍ଷ ଠାରୁ ମକାର ବଜାର ଦର ବୃଦ୍ଧି ପରେ ଚାଷୀ ମାନେ ଚଳିତ ବର୍ଷ ବହୁଳ ଭାବେ ମକାଚାଷ କରିଛନ୍ତି। ବ୍ୟାଙ୍କ ଏବଂ ମହାଜନଙ୍କ ଠାରୁ ଚାଷୀ ଋଣ ନେଇ ଚାଷ କରିଥିବା ବେଳେ ଏବେ ଏହାକୁ କିପରି ଶୁଝିବେ ସେନେଇ ଚିନ୍ତାରେ ପଡିଛନ୍ତି।

■ ଆବାସିକ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା

# '୨ଲକ୍ଷ ଟଙ୍କା ସହାୟତା ଦିଆଯାଉ'

**ପାରଳାଖେମୁଣ୍ଡି, ୧୧।୮ (ସ୍ୱ.ପ୍ର.)**

ଗଜପତି ଜିଲା ନୂଆଗଡ଼ ବ୍ଲକ୍ ସମ୍ବଲପୁରସ୍ଥିତ ଆବାସିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ମୋହନା ବିଧାୟକ ଦାଶରଥି ଗମାଙ୍ଗ ଏବଂ ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ। ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ବ୍ଲକ ଶିକ୍ଷାଧିକାରୀ ବ୍ରଜକିଶୋର ନାୟକ ମୃତକଙ୍କ ପରିବାରକୁ ଭେଟି ରେଡକ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ରାଶି ଦେଇଥିବା ଜଣାପଡ଼ିଛି। ସେହିପରି ୨ ଲକ୍ଷ ଟଙ୍କାର ସରକାରୀ ବୀମା ରାଶି ପ୍ରଦାନ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ରଥ କହିଛନ୍ତି। ସେହିପରି ମୋହନା ବିଧାୟକ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ସହାୟତା ପାଇଁ ଦାବି କରିବେ ବୋଲି କହିଛନ୍ତି। ଏହା ସହ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଗମାଙ୍ଗ ପରାମର୍ଶ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଛାତ୍ରୀ ରୀନା ଦଳବେହେରା ଶନିବାର ବିଦ୍ୟାଳୟ ପରିସରରେ ଖେଳିବା ସମୟରେ ହଠାତ୍ କୌଣସି କାରଣରୁ ମୁଣ୍ଡରେ ଆଘାତ ଲାଗିଥିଲା । ଏହା ଜାଣିପାରି ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଆର୍. ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ପୋଲିସ ଏ ନେଇ କେସ୍ ନଂ-୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।



ବିଧାୟକ ଦାଶରଥି ଗମାଙ୍ଗ ଓ ଅଧିକାରୀମାନେ ସ୍କୁଲରେ ଆଲୋଚନା କରି ଫେରୁଛନ୍ତି।

# ସଚେତନତା ରଥର ଶୁଭାରମ୍ଭ

**ଚନ୍ଦାହାଣ୍ଡି,୧୧।୮(ଡି.ଏନ.ଏ.)**

ଯେଉଁ ଯୋଗ୍ୟ ହିତାଧିକାରୀମାନେ ଏସଇସିସି ତାଲିକାରେ ନାମ ନଥିବା ଯୋଗୁଁ ପକ୍କାଘର ପାଇବାରୁ ବଞ୍ଚିତ ହେଉଛନ୍ତି, ସେମାନେ ଆସନ୍ତା ୧୫ ତାରିଖ ସୁଦ୍ଧା ନିଜ ନାମ ଏସଇସିସି ତାଲିକାରେ ଯୋଗ କରି ପାରିବେ । ଏନେଇ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ବ୍ଲକ ପ୍ରଶାସନ ତରଫରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବ୍ଲକର ସମସ୍ତ ଗ୍ରାମ ଏହି ରଥ ବୁଲି ଲୋକଙ୍କୁ ସଚେତନ କରାଇବ । ଚନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପ୍ରତି ପଞ୍ଚାୟତ ପାଇଁ ଏକ ବ୍ଲକ ସ୍ତରୀୟ ଟିମ ଗଠନ କରାଯାଇ ସର୍ଭେ ଆରମ୍ଭ କରାଯାଇଛି ଏବଂ ଏହି ଟିମ ସମସ୍ତ କଚ୍ଚାଘର କୁ ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି । ଏହି ସର୍ଭେ ସମୟରେ କାହାଦ୍ୱାରା ପ୍ରଭାବିତ ନହୋଇ ସର୍ଭେ ଟିମ କୁ ସଠିକ ତଥ୍ୟ ଦେବାକୁ ବିଡିଓ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି । ଏହି ରଥ ଶୁଭାରମ୍ଭ ସମୟରେ ସତ୍ୟନାରାୟଣ ଦଣ୍ଡସେନା ,ଲଛମନ ନିୟାଲ, ସନ୍ତୋଷ ମିଶ୍ର , ବିଜୟ ବେହେରା ,ସୂର୍ଯ୍ୟ ଭତ୍ରା,ପ୍ରେମଲାଲା ନାଗେଶ ,ଖଗେଶ୍ୱର ନିୟାଲ,ଶିବାନନ୍ଦ ଶତପଥିଙ୍କ ସମେତ ସମସ୍ତ ପିଇଓ ଉପସ୍ଥିତ ଥିଲେ ।



ସଚେତନତା ରଥକୁ ବିଡିଓ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ରାଜସ୍ୱ ଅମଲା ସଂଘର ସଦସ୍ୟମାନେ ଦାବି ଜଣାଉଛନ୍ତି।

# ମନ୍ତ୍ରୀଙ୍କୁ ବିଭିନ୍ନ ଦାବି ଜଣାଇଲେ ରାଜସ୍ୱ ଅମଲା ସଂଘ

**ନବରଙ୍ଗପୁର,୧୧।୮(ବି.ପ୍ର.)**

ନବରଙ୍ଗପୁର ଜିଲାରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିବାକୁ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଶନିବାର ରାଜସ୍ୱ ଅମଲା ସଂଘର ସଦସ୍ୟମାନେ ସର୍କିଟ ହାଉସ ଠାରେ ଭେଟି ବିଭିନ୍ନ ଦାବି ଜଣାଇଥିଲେ । ରାଜସ୍ୱ ଅମଲାଙ୍କୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ, ଓଡିଶା ରାଜସ୍ୱ ସେବା ପଦବୀରେ ଶତ ପ୍ରତିଶତ ସଂରକ୍ଷଣ କେବଳ ରାଜସ୍ୱ ବିଭାଗ ପାଇଁ ରଖାଯାଉ,ବର୍ଦ୍ଧିତ ଦରମାର ୬୦ ପ୍ରତିଶତ ବକେୟା ଦରମା ତୁରନ୍ତ ପ୍ରଦାନ ଓ ସପ୍ତମ ବେତନ କମିଶନ ଅନୁଯାୟୀ ବର୍ଦ୍ଧିତ ଘର ଭଡା ପ୍ରଦାନ ପାଇଁ ଆଲୋଚନା କରାଯିବା ସହ ଦାବୀ ଜଣାଇଥିଲେ । ଆଲୋଚନା ଓ ଦାବୀ ଜଣାଇବା ସମୟରେ ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲା ସଭାପତି କୈଳାଶ ଚନ୍ଦ୍ର ଦାଶ, ସମ୍ପାଦକ ତ୍ରିଲୋଚନ ନାୟକ, ମାର୍ଟିନ ସୁନା, ସୁଶାନ୍ତ ନାୟକ, ଆଶୁତୋଷ ମହାନ୍ତି, ଏସ. ଜଗଦିଶ, ଶ୍ରୀକାନ୍ତ ଶତପଥି, ଅଶୋକ ଚକ୍ରବର୍ତ୍ତି ପ୍ରମୁଖ ରହିଥିଲେ । ଏହି ଆଲୋଚନା ସମୟରେ ଏମପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ଥିଲେ ।

## କୃଷି କାର୍ଯ୍ୟକ୍ରମ

**ନବରଙ୍ଗପୁର,୧୧।୮(ବି.ପ୍ର.)**


ଶ୍ରୀଅରବିନ୍ଦ ଦାକର୍ମଧାରା ଅନୁଭୁକ୍ତ କୃଷି କାର୍ଯ୍ୟକ୍ରମ ନନ୍ଦାହାଣ୍ଡି ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାମୂହିକ ଧ୍ୟାନ ପରେ ବିଭିନ୍ନ ଚାରାରୋପଣ କରାଯାଇଥିଲା । ଏକ ସ୍ୱତନ୍ତ୍ର ପାଠଚକ୍ରରେ ଜୈବିକସାର ପ୍ରୟୋଗର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶ୍ରୀ ମାଆ ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଏକତ୍ୱ ଓ ପ୍ରସାରତା ଦ୍ୱାରା ଉଚ୍ଚତର ଜୀବନ ବଞ୍ଚିବା ତଥା ଭାରତ ବର୍ଷର ମହାନତା ରକ୍ଷା ଦିଗରେ ପଦକ୍ଷେପ ନେବା ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ । ସମର୍ପଣ ମଣ୍ଡଳ ସଂଯୋଜକ ସୁରେଶ ମିଶ୍ର, ଜିଲା ଆବାହକ ସୁଦ୍ଧିରାଜ ରାଉତ, ଅତସୀରାଣୀ କର, ରମାକାନ୍ତ ଜେନା, ବଳରାମ ଜଗତ, ନବୀନ ଦିଶାରୀ, ଉର୍ମିଳା ମହାପାତ୍ର, ସତ୍ୟ ନାରାୟଣ ଷଡଙ୍ଗୀ, ଶ୍ୟାମ ସୁନ୍ଦର ନିଙ୍ଗୀ, ରବିକାନ୍ତ ରଘୁରାମ, ଅଭିମନ୍ୟୁ ଦାଶ ଓ ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକରୁ ଅନେକ ମାତୃପ୍ରେମୀ ଉପସ୍ଥିତ ଥିଲେ। ଏକ ସୁନ୍ଦର ଅଧ୍ୟାତ୍ମିକ ପରିବେଶରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସଙ୍ଗୀତା ପଟ୍ଟନାୟକ, ଅଜୟ କୁମାର ସାହୁ, ପ୍ରସନ୍ନା ସାହୁ, ସୁଜାତା ମିଶ୍ର, ଚନ୍ଦନ ଭୂମିଆ, ନମୀତା, ରତିକାନ୍ତ ଦୁବେ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

■ ସୁଆର ମହାସୁଆର ନିଯୋଗ ନିର୍ବାଚନ

# ୧୫ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ

**ପୁରୀ ଅଫିସ, ୧୧।୮**

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ନିର୍ବାଚନ ଶେଷ ହୋଇ ଫଳାଫଳ ଘୋଷିତ ହୋଇଛି। ଶନିବାର ଭୋଟ ଗ୍ରହଣ କରାଯାଇଥିବା ବେଳେ ରବିବାର ଫଳାଫଳ ପ୍ରକାଶ ପାଇଛି। ୩୭ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରୁ ୧୫ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଛନ୍ତି। ଏହି ୧୫ ଜଣଙ୍କ ମଧ୍ୟରେ ଦାମୋଦର ମହାସୁଆର ସର୍ବାଧିକ ୫୪୦ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ପଣ୍ଡା ୪୦୬, କାଳିକୃଷ୍ଣ ମହାସୁଆର ୩୮୫, କୃଷ୍ଣଚନ୍ଦ୍ର ପ୍ରତିହାରୀ ୪୯୭, କୃଷ୍ଣଚନ୍ଦ୍ର ସାମନ୍ତରା ୪୪୬, କ୍ରିଷ୍ଣା ପଣ୍ଡା ୩୮୭, ଦୀନବନ୍ଧୁ ପାଢ଼ୀ ୩୨୫, ନାରାୟଣ ମହାସୁଆର ୪୨୯, ପଦ୍ମନାଭ ମହାସୁଆର ୩୯୪, ବଳଭଦ୍ର ମହାପାତ୍ର ୩୨୩, ଭୁବନମୋହନ ମହାସୁଆର ୩୯୦, ରାମଚନ୍ଦ୍ର ଦୀକ୍ଷିତ ୩୩୧, ରାମନାରାୟଣ ଖୁଣ୍ଟିଆ ୩୩୬, ସୋମନାଥ ମହାପାତ୍ର ୪୧୧ ଏବଂ ଲକ୍ଷ୍ମୀନାରାୟଣ ଦୀକ୍ଷିତ୍ ୩୪୨ ଖଣ୍ଡ ଭୋଟ ପାଇ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି।



ଏସଡିପିଓ ହେମନ୍ତ କୁମାର ପାଢୀ ରିବନ କାଟି ବସ ସେବାର ଶୁଭାରମ୍ଭ କରୁଛନ୍ତି।

# ଉମରକୋଟରୁ ହାଇଦ୍ରାବାଦକୁ ବସସେବା ଶୁଭାରମ୍ଭ

**ଉମରକୋଟ,୧୧।୮(ଡି.ଏନ.ଏ)**

ଉମରକୋଟରୁ ହାଇଦ୍ରାବାଦକୁ ରବିବାର ଘରୋଇ ବସ୍ ସେବା ଶୁଭାରମ୍ଭ ହୋଇଛି। ଏସଡିପିଓ ହେମନ୍ତ କୁମାର ପାଢୀ ରିବନ କାଟି ଏହାର ଶୁଭାରମ୍ଭ କରିଥିଲେ। ଏହା ପରେ ଗୀତା ନାମକ ବସ ଅପରାହ୍ଣ ୩ଟାରେ ଉମରକୋଟ ପୁରୁଣା ବସଷ୍ଟାଣ୍ଡରୁ ଯାତ୍ରା ଆରମ୍ଭ କରିଛି। ଘରୋଇ ବସ ମାଲିକ ସଂଘର ସଭାପତି ଅଜିତ କୁମାର ପ୍ରଧାନ, ବାବୁଲା ମୁଦୁଲି, ତ୍ରିପତି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବସଟି ଅପରାହ୍ଣ ୩ଟାରୁ ଉମରକୋଟରୁ ବାହାରି ହାଇଦ୍ରାବାଦରେ ସକାଳ ୬ଟାରେ ପହଞ୍ଚିବ। ସେହିପରି ହାଇଦ୍ରାବାଦରୁ ଅପରାହ୍ଣ ୩ଟାରେ ବାହାରି ଉମରକୋଟରେ ସକାଳ ୬ଟାରେ ପହଞ୍ଚିବ ବୋଲି ଘରୋଇ ବସ ମାଲିକ ସଂଘର ସଭାପତି କହିଛନ୍ତି। ଶୀତତାପ ନିୟନ୍ତ୍ରିତ ଏହି ବସରେ ଯିବା ପାଇଁ ଯାତ୍ରୀମାନେ ଅନଲାଇନ ଟିକେଟର ସୁବିଧା ପାଇପାରିବେ।

# ବର୍ଷା କଲା ଦିବ୍ୟାଙ୍ଗଙ୍କୁ ବାସହରା

**ଚନ୍ଦାହାଣ୍ଡି,୧୧।୮(ଡି.ଏନ.ଏ)**

■ ଆବାସ ଯୋଜନାରେ ମିଳୁନି ଘର

■ ଲଗାଣ ବର୍ଷାରେ ଭାଙ୍ଗିଲା କୁଡିଆ



ଭଙ୍ଗା ଘର ଆଗରେ ଦିବ୍ୟାଙ୍ଗ ଟିକମ ଜଗତ।

ସରକାରଙ୍କ ତରଫରୁ ଗରିବ ଲୋକଙ୍କୁ ବାସଗୃହ ଯୋଗାଇବା ଲକ୍ଷ୍ୟରେ ବିଭିନ୍ନ ଯୋଜନା କରାଯାଉଛି। ଏପରିକି ଚାଳ ଛପର ଓ ମାଟିରେ ନିର୍ମିତ ଘରକୁ ପକ୍କା ଘର କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ସାମିଲ କରିବା ପାଇଁ ବ୍ୟବସ୍ଥା ରହିଛି । କିନ୍ତୁ କେତେ ଜଣ କର୍ମଚାରୀଙ୍କ ଯୋଗୁ ପ୍ରକୃତ ଗରିବ ଘର ଖଣ୍ଡିଏ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଧନିକ ଶ୍ରେଣୀର ଲୋକ ଯୋଜନାର ଫାଇଦା ନେଇ ଘର ଖଣ୍ଡିଏ ପାଇ ଯାଉଛନ୍ତି । ଗରିବ ଓ ଅସହାୟ ଲୋକେ ବିଜୁ ପକ୍କା ଘର , ମୋ କୁଡିଆ , ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି । ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମୋହରା ପଞ୍ଚାୟତ ଅଧିନସ୍ଥ ପୁଜାରୀଗୁଡା ଗ୍ରାମରେ ଏହା ଦେଖିବାକୁ ମିଳିଛି । ପୁଜାରୀଗୁଡା ଗ୍ରାମର ଅସହାୟ ଦିବ୍ୟାଙ୍ଗ ଟିକମ ଜଗତଙ୍କ ପାଇଁ ତାହା ସ୍ୱପ୍ନ ପାଲଟିଛି । ଜନ୍ମରୁ ଟିକମ ଦିବ୍ୟାଙ୍ଗ। ଏକ ଛୋଟ ଝାଟି ମାଟି କୁଡିଆରେ ଟିକମ ଜୀବନ ଅତିବାହିତ କରୁଛନ୍ତି। ଚଳିତ ଲଘୁଚାପ ବର୍ଷାରେ ସେହି କୁଡିଆ ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଆଗକୁ ଆହୁରି ବର୍ଷା ଥିବା ବେଳେ ସେ କିଭଳି ଏହି ଘରେ ରହିବେ ସେ ନେଇ ଚିନ୍ତାରେ ପଡିଛନ୍ତି । ବର୍ତ୍ତମାନ ସେ ଘର ଚାରିଆଡେ ଲୁଗା ଘୋଡେଇ ରହୁଛନ୍ତି । ଗ୍ରାମର ବହୁ ଧନୀକ ବ୍ୟକ୍ତିଙ୍କୁ ଆବାସ ମିଳିଥିବା ବେଳେ ତାଙ୍କ ଭଳି ଜଣେ ଦିବ୍ୟାଙ୍ଗଙ୍କୁ ସାଧାରଣ ଗୃହ ଖଣ୍ଡେ ମିଳୁନଥିବା ନେଇ ସେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଶିଡ଼ି ଚଢ଼ିବା



ଶିଡ଼ି ଚଢ଼ିବାକୁ ଅନେକ କୁଣ୍ଠାବୋଧ କରିଥାଆନ୍ତି। ଆଜିକାଲିର ହାଇଟେକ୍ ଯୁଗରେ ଉପର ମହଲାକୁ ଯିବା ଆସିବା ପାଇଁ ଏବେ ତ ଲିଫ୍ଟର ବ୍ୟବସ୍ଥା ରହିଛି, ଯାହାକୁ ଅନେକେ ଆପଣେଇଥାଆନ୍ତି। କିନ୍ତୁ ଶିଡ଼ି ଚଢ଼ିବା ଦ୍ୱାରା ଆମର ଅନେକ ଉପକାର ହୋଇଥାଏ। ଏହାଦ୍ୱାରା ରକ୍ତ ସଞ୍ଚାଳନ ପ୍ରକ୍ରିୟା ଆହୁରି ସକ୍ରିୟ ହୋଇଥାଏ। ଖାସ୍ କଥା ହେଲା ପ୍ରତିଦିନ ଶିଡ଼ି ଚଢ଼ିଲେ ଆମ ଶରୀରକୁ ପ୍ରଚୁର ପରିମାଣରେ ଅମ୍ଳଜାନ ମିଳେ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଶିଡ଼ି ଚଢ଼ିଲେ ତାହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। ଶିଡ଼ି ଚଢ଼ିବା ଫଳରେ ଆମ ଶରୀର ମାଂସପେଶୀ ଉପରେ ସୁପ୍ରଭାବ ପଡେ। କାରଣ ଏହାଦ୍ୱାରା ମାଂସପେଶୀଗୁଡିକ ଆହୁରି ସଚଳ ହୋଇଥାଆନ୍ତି। ଓଜନ କମେଇବାର ଏହା ଏକ ସହଜ ଉପାୟ। ଅଜୀର୍ଣ୍ଣ ସମସ୍ୟାକୁ ଦୂର କରିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ। କିନ୍ତୁ ଗୋଟିଏ କଥା–ଯଦି ଆପଣଙ୍କର ଆଣ୍ଠୁଗଣ୍ଠି ସମସ୍ୟା ରହିଛି ତେବେ ଅଧିକାଂଶ ସମୟ ଶିଡ଼ିରେ ଯିବା ଆସିବା କରନ୍ତୁ ନାହିଁ।

## ଆଙ୍ଗୁଠି ଫୁଟାଇବା ଓ ଆର୍ଥ୍ରାଇଟିସ୍ ସମସ୍ୟା



ଆଙ୍ଗୁଠି ଫୁଟାଇବା ଅନେକଙ୍କର ଏକ ଅଭ୍ୟାସ। ଯଦି ଏହି ଅଭ୍ୟାସ ଦୀର୍ଘ ବର୍ଷ ଧରି ଲାଗି ରହେ ତେବେ ଭବିଷ୍ୟତରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏପରି ତଥ୍ୟ ବିଷୟରେ କାନାଡା ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଆଙ୍ଗୁଠି ଫୁଟାନ୍ତି ତେବେ ସେ ଆର୍ଥ୍ରାଇଟିସ୍ ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଉପରୋକ୍ତ ବିଷୟରେ ଏକ ସର୍ଭେ କରିବା ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏପରି କଥା ଜାଣିପାରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତି (ଯେଉଁମାନେ ଅଧିକାଂଶ ସମୟ ଆଙ୍ଗୁଠି ଫୁଟାଉଥିଲେ)ମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତଙ୍କଠାରେ ଆର୍ଥ୍ରାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ମଦ ନିଶାର ଚିକିତ୍ସା

–ଡ. ସତ୍ୟକାମ ମହାପାତ୍ର



ମଦ ନିଶା ଯୋଗୁ ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବା ସହିତ ପାରିବାରିକ, ସାମାଜିକ ଜୀବନ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ଧୀରେ ଧୀରେ ମଦ ନିଶାର ପ୍ରକୋପ କମିବା ପରିବର୍ତ୍ତେ ବଢ଼ିବାରେ ଲାଗୁଛି। ଏହାର ଅନେକ କାରଣ ଅଛି। ପ୍ରଥମତଃ ମଦ ନିଶା ସେବନ ଶରୀର ଓ ମନ ପ୍ରତି କେତେ ହାନିକାରକ ସେ ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ଠିକ୍ ଠିକ୍ ସୂଚନାର ଅଭାବ ରହିଛି। ଏହାଛଡ଼ା ମଦ ନିଶା ଛାଡ଼ିବା ପାଇଁ ଦରକାର ପଡୁଥିବା ଉଚିତ ଚିକିତ୍ସା ରୋଗୀମାନେ ସହଜରେ ପାଇ ପାରୁନାହାନ୍ତି। ଅନେକ ଲୋକ ମଦ ନିଶା କରିବାକୁ ଏକ ବ୍ୟବହାରିକ ସମସ୍ୟା ବୋଲି ଭାବିଥାନ୍ତି।



ମାତ୍ର ବୈଜ୍ଞାନିକମାନଙ୍କ ମତରେ ଏହା ଏକା ରୋଗ । ତେଣୁ ଏହାର ଠିକ୍ ଚିକିତ୍ସା କରିବା ଜରୁରୀ। ବିଗତ କିଛିବର୍ଷ ମଧ୍ୟରେ ମଦ ନିଶାର ଚିକିତ୍ସା ନିମନ୍ତେ ଆଧୁନିକ ଓ ଉନ୍ନତ ପଦ୍ଧତି ମାନ ବ୍ୟବହାର କରାଗଲାଣି, ଯାହାଫଳରେ ଅନେକ ରୋଗୀ ମଦ ନିଶାର ଜାଲରୁ ମୁକ୍ତି ପାଇପାରୁଛନ୍ତି।

ଆମ ଦେଶରେ ହାରାହାରି ୨୦ ପ୍ରତିଶତ ଲୋକ ମଦ ନିଶା ଉପରେ ନିର୍ଭରଶୀଳ। ଯୁବଗୋଷ୍ଠୀମାନେ ବୟସ୍କ ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ସଂଖ୍ୟାରେ ମଦ ସେବନ କରିଥାନ୍ତି। ମଦ ନିଶା ସାଧାରଣତଃ ଅଳ୍ପ ମାତ୍ରାରୁ ଆରମ୍ଭ ହୋଇଥାଏ। ଧୀରେ ଧୀରେ ମଦର ମାତ୍ରା ବଢ଼ିବାରେ ଲାଗିଥାଏ ଏବଂ ଖୁବ୍ କମ୍ ଦିନ ମଧ୍ୟରେ ଏହା ଅଭ୍ୟାସରେ ପରିଣତ ହୋଇଯାଏ। ପରେ ନିଶା ଛାଡ଼ିବାରୁ ବ୍ୟକ୍ତି ପାଇଁ କଷ୍ଟକର ହୋଇଥାଏ। ଯେଉଁମାନେ ଜୀବନର ସାମାନ୍ୟ ଅସୁବିଧାରେ ନିରାଶ ହୋଇଯାଆନ୍ତି ଓ ଭାଙ୍ଗିପଡ଼ନ୍ତି ସେମାନେ ମଦ ନିଶା କରିବାର ଅଧିକ ସମ୍ଭାବନା ଥାଏ। ଅନେକ ଲୋକ କୁସଙ୍ଗରେ ମଧ୍ୟ ପଡ଼ି ନିଶା ସେବନ ଆରମ୍ଭ କରିଥାନ୍ତି। ଗବେଷଣାରୁ ଜଣାପଡ଼ିଛି ଯେଉଁ ମାତାପିତାମାନେ ମଦ ନିଶା ସେବନ କରିଥାନ୍ତି ସେମାନଙ୍କର ପିଲାମାନେ ମଧ୍ୟ ମଦ ସେବନ କରିବାର ଅଧିକ ସମ୍ଭାବନା ଥାଏ। ଏଥିନିମନ୍ତେ ଜିନ୍‌ଗତ ଓ ପାରିପାର୍ଶ୍ୱିକ କାରଣ ଉଭୟ ଦାୟୀ ।

**ସ୍ୱାସ୍ଥ୍ୟ ଉପରେ ମଦ ନିଶାର କୁପ୍ରଭାବ**

ବାରମ୍ବାର ମଦ ନିଶା ସେବନ ଦ୍ୱାରା ରୋଗୀର ଶାରୀରିକ ଓ ମାନସିକ ସ୍ତରରେ ମଦ ପ୍ରତି ନିର୍ଭରତା ଆସିଯାଏ। ଯଦି କୌଣସି କାରଣରୁ ନିଶାଦ୍ରବ୍ୟ ସେବନ ବନ୍ଦ ହୋଇଯାଏ, ତେବେ ବ୍ୟକ୍ତିଠାରେ ଅନେକ ଶାରୀରିକ ଓ ମାନସିକ ପ୍ରଭାବ ପଡ଼ିଥାଏ। ଏଗୁଡ଼ିକ ହେଲା ମଦ ପିଇବା ପାଇଁ ମନରେ ଆସକ୍ତି ଭାବ ସୃଷ୍ଟି ହୁଏ, ନିଦ ହୁଏ ନାହିଁ, ହାତ ଗୋଡ଼ ଥରେ, ବ୍ୟସ୍ତ, ବିବ୍ରତ, ଛାନିଆ ଲାଗେ, ଛାତି ଜୋରରେ ଧଡ଼ ଧଡ଼ ହୁଏ, ଅତ୍ୟଧିକ ଝାଳ ବୁହେ ଓ ବାନ୍ତି ହୁଏ। ଏହି ଲକ୍ଷଣଗୁଡ଼ିକ ସାଧାରଣତଃ ୩–୪ ଦିନ ପର୍ଯ୍ୟନ୍ତ ଲାଗି ରହେ। ଯେଉଁ ବ୍ୟକ୍ତିମାନେ ଅଧିକ ଦିନ ପର୍ଯ୍ୟନ୍ତ ଓ ଅଧିକ ମାତ୍ରାରେ ମଦ ସେବନ କରୁଥିବେ ଏବଂ ବିନା ଚିକିତ୍ସାରେ ହଠାତ ମଦ ପିଇବା ବନ୍ଦ କରିଦିଅନ୍ତି, ସେମାନଙ୍କଠାରେ କେତେକ ଗମ୍ଭୀର ଲକ୍ଷଣମାନ ଦେଖାଯାଇଥାଏ। ଏଗୁଡ଼ିକ ହେଲା ବାତ ମାରିବା, ଦେହ ଜୋରରେ ଥରିବା, କାନରେ ଶୂନ୍ୟବାଣୀ ହେବା, ନ ଥିବା ବସ୍ତୁ ଦେଖାଯିବା, ସ୍ଥାନ, କାଳ ଓ ପାତ୍ରର ଜ୍ଞାନ ନ ରହିବା ଆଦି। ବେଳେବେଳେ ଏଥିରେ ବ୍ୟକ୍ତିର ମୃତ୍ୟୁ ହେବାର ଆଶଙ୍କା ମଧ୍ୟ ଥାଏ।

ଅଧିକ ଦିନ ପର୍ଯ୍ୟନ୍ତ ମଦ ସେବନ କଲେ ବିଭିନ୍ନ ଶାରୀରିକ ସମସ୍ୟା ଦେଖାଯାଇଥାଏ। ଏଗୁଡ଼ିକ ହେଲା ଯକୃତ ଜନିତ ରୋଗ (ଜଣ୍ଡିସ, ସିରୋସିସ), ପାନକ୍ରିୟାଜ ଜନିତ ରୋଗ, ବିଭିନ୍ନ କ୍ୟାନସର (ଯକୃତ୍, ପାକସ୍ଥଳୀ କ୍ୟାନସର), ବିଭିନ୍ନ ସ୍ନାୟୁ ଜନିତ ସମସ୍ୟା ଯଥା ଗୋଡ଼ ହାତ ଦୁର୍ବଳ ହୋଇଯିବା ଓ ଛୁଞ୍ଚି ଫୋଡ଼ି ହୋଇଗଲା ଭଳି ଲାଗିବା ଓ ମାଂସପେଶୀ ଦୁର୍ବଳ ହୋଇଯିବା ଆଦି। ମଦ ସେବନ ଯୋଗୁ ବିଭିନ୍ନ ମାନସିକ ସମସ୍ୟା ଯଥା ଅନିଦ୍ରା ରୋଗ, ଡିପ୍ରେସନ, ମାନସିକ ଉନ୍ମାଦ ରୋଗ, ସାଇକୋସିସ ଓ ଏଙ୍ଗଜାଇଟି ଆରମ୍ଭ ହୋଇପାରେ। କେତେକ ଲୋକଙ୍କଠାରେ ମଦ ନିଶା ସେବନ ଯୋଗୁ ଯୌନ ସମସ୍ୟାମାନ ଦେଖାଦେଇଥାଏ। ଦୀର୍ଘ ଦିନ ପର୍ଯ୍ୟନ୍ତ ମଦ ସେବନ ଯୋଗୁ ଶରୀରରେ 'ଥାୟାମିନ' ନାମକ ଭିଟାମିନର ଅଭାବ ପରିଲକ୍ଷିତ ହୋଇଥାଏ। ଯାହାଦ୍ୱାରା ରୋଗୀର ମସ୍ତିଷ୍କ ଉପରେ ଦୀର୍ଘସ୍ଥାୟୀ କୁପ୍ରଭାବ ପଡ଼ିଥାଏ। ଏଥିଯୋଗୁ ରୋଗୀର ସ୍ମରଣଶକ୍ତି ହ୍ରାସ ପାଇଥାଏ। ସେ ସ୍ପଷ୍ଟ ଭାବରେ କଥା ହୋଇପାରେ ନାହିଁ ଓ ସେ ଢଳି ଢଳି କରି ଚାଲିଥାଏ। ଏସବୁ ଲକ୍ଷଣ ଆରମ୍ଭ ହେଲେ ଚିକିତ୍ସା ଦ୍ୱାରା ସୁଫଳ ମିଳିବାର ସମ୍ଭାବନା କମ୍ ଥାଏ।

ମଦ ନିଶା କରିବା ଯୋଗୁ ବ୍ୟକ୍ତିର ପାରିବାରିକ ଓ ସାମାଜିକ ଜୀବନ ଉପରେ କୁପ୍ରଭାବ ପଡ଼ିଥାଏ। ପାରିବାରିକ ଅଶାନ୍ତି, କଳହ, ଘରୋଇ ହିଂସା, ଆର୍ଥିକ ଅନଟନ, ପିଲାମାନଙ୍କ ମାନସିକତା ଉପରେ କୁପ୍ରଭାବ ପଡ଼ିବା ଆଦି ସମସ୍ୟାମାନ ଦେଖାଯାଇଥାଏ।

**ଚିକିତ୍ସା:** ମଦ ନିଶାର ଚିକିତ୍ସା ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ମଦ ନିଶା କରୁଥିବା ବ୍ୟକ୍ତିଙ୍କର ମାନସିକତା ଅନେକ ପ୍ରକାର ହୋଇଥାଏ। ଏକ ପ୍ରକାରର ଲୋକ ହେଲେ ଯେଉଁମାନେ ମଦର ଦେହ ଉପରେ କୁପ୍ରଭାବ ଜାଣି ମଧ୍ୟ ମଦ ଛାଡ଼ିବାକୁ ଚାହାନ୍ତି ନାହିଁ, ଅନ୍ୟ କିଛି ଲୋକ ଅଛନ୍ତି ଯେଉଁମାନେ ମଦ ଛାଡ଼ିବାକୁ ଚାହାନ୍ତି ମାତ୍ର ମଦ ଛାଡ଼ିଲେ ଯେଉଁ ଯନ୍ତ୍ରଣା ହୁଏ ତାକୁ ସହ୍ୟ କରି ନ ପାରି ନିଶା ସେବନ ଅବ୍ୟାହତ ରଖିଥାନ୍ତି। ଏହାଛଡ଼ା ଅନ୍ୟ କେତେକ ଲୋକ ଅଛନ୍ତି ସେମାନେ କୁସଙ୍ଗରେ ପଡ଼ି ମଦ ସେବନ କରିଥାନ୍ତି ଏବଂ ମଦ ଛାଡ଼ିବାକୁ ଇଚ୍ଛା ଥିଲେ ମଧ୍ୟ ସାଙ୍ଗମାନଙ୍କ ଚାପ ଯୋଗୁ ନିଶା ଛାଡ଼ିପାରନ୍ତି ନାହିଁ। ତେଣୁ କେଉଁ ବ୍ୟକ୍ତିକୁ କି ପ୍ରକାର ଚିକିତ୍ସା ଦିଆଯିବ ତାହା ବ୍ୟକ୍ତି ଉପରେ ନିର୍ଭର କରିଥାଏ।

ଚିକିତ୍ସା ପାଇଁ ପ୍ରଥମତଃ ରୋଗୀର ନିଶା ଛାଡ଼ିବାର ଦୃଢ଼ ଇଚ୍ଛାଶକ୍ତି ଜରୁରୀ । ରୋଗୀର ବିନା ଇଚ୍ଛାଶକ୍ତିରେ ଯେତେ ଚିକିତ୍ସା କରାଇଲେ ମଧ୍ୟ ଏହା ସଫଳ ହୋଇ ନ ଥାଏ। ମଦ ନିଶା ଛାଡ଼ିବା ପାଇଁ ଔଷଧ, ମନସ୍ତାତ୍ତ୍ୱିକ ଚିକିତ୍ସା ଓ ବ୍ୟବହାରିକ ଚିକିତ୍ସା ଦରକାର ପଡ଼ିଥାଏ। ମଦ ଛାଡ଼ିଲେ ଯେଉଁ କଷ୍ଟକର ଲକ୍ଷଣମାନ ଦେଖାଦେଇଥାଏ, ସେଗୁଡ଼ିକୁ ରୋକିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଔଷଧ ବ୍ୟବହାର କରାଯାଇଥାଏ। ଏହାସହିତ ମଦ ପିଇବାକୁ ଇଚ୍ଛା ନ ହେବା ପାଇଁ ଅନ୍ୟକେତେକ ଔଷଧ ରହିଛି ଯାହା ଅତ୍ୟନ୍ତ ଆବଶ୍ୟକ । କେତେକ ଔଷଧ ଅଛି ଯାହାର ବ୍ୟବହାର କଲେ ଯଦି ବ୍ୟକ୍ତି ମଦ ସେବନ କରେ ତେବେ ବ୍ୟକ୍ତିଠାରେ ଅନେକ ପ୍ରତିକ୍ରିୟା ଦେଖାଯାଏ। ଯାହାଫଳରେ ରୋଗୀ ଆଉ ମଦ ସେବନ କରେନାହିଁ। ତେଣୁ ମଦ ସେବନ ବନ୍ଦ ପାଇଁ କେଉଁ ପ୍ରକାରର ଔଷଧ ବ୍ୟବହାର କରିବାର ଅଛି ତାହା ରୋଗୀର ଅବସ୍ଥା ଉପରେ ନିର୍ଭର କରିଥାଏ। ବେଳେ ବେଳେ ଦରକାର ପଡ଼ିଲେ ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥାଏ।

ଔଷଧ ସହିତ ରୋଗୀକୁ କାଉନ୍ସଲିଙ୍ଗ ଦରକାର ପଡ଼ିଥାଏ। ଚିକିତ୍ସା ପରେ ପୁଣି ମଦ ପିଇବାକୁ ଇଚ୍ଛା ହେଲେ ରୋଗୀ କିପରି ନିଜ ମନକୁ ନିୟନ୍ତ୍ରଣ କରିବ ସେ ନେଇ ରୋଗୀକୁ କାଉନ୍ସଲିଙ୍ଗ କରାଯାଏ। ଏହାସହ ରୋଗୀକୁ ସୁସ୍ଥ ଜୀବନ ଶୈଳୀ ଅବଲମ୍ବନ କରିବାକୁ ପଡ଼ିଥାଏ। ଉପଯୁକ୍ତ ନିଦ୍ରା, ସୁଷମ ଖାଦ୍ୟ, ମାନସିକ ଚାପରୁ ଦୂରେଇ ରହିବା, ନିଜ ମନକୁ ଦୃଢ଼ ଓ ଶାନ୍ତ ରଖିବା, ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ ଆଦି ମଦ ନିଶାଠାରୁ ଦୂରେଇ ରହିବାରେ ସହାୟକ ହୋଇଥାଏ।

*–ମାନସିକ ରୋଗ ବିଶେଷଜ୍ଞ, କଟକ*
*ମୋ : ୮୮୯୫୨୯୩୯୯୭*

> "ବାରମ୍ବାର ମଦ ନିଶା ସେବନ ଦ୍ୱାରା ରୋଗୀର ଶାରୀରିକ ଓ ମାନସିକ ସ୍ତରରେ ମଦ ପ୍ରତି ନିର୍ଭରତା ଆସିଯାଏ। ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ସେବନ ବନ୍ଦ ହୋଇଯାଏ, ତେବେ ବ୍ୟକ୍ତିଠାରେ ଅନେକ ଶାରୀରିକ ଓ ମାନସିକ ପ୍ରଭାବ ପଡ଼ିଥାଏ। ଏଗୁଡ଼ିକ ହେଲା ମଦ ପିଇବା ପାଇଁ ମନରେ ଆସକ୍ତି ଭାବ ସୃଷ୍ଟି ହୁଏ, ନିଦ ହୁଏ ନାହିଁ, ହାତ ଗୋଡ଼ ଥରେ, ବ୍ୟସ୍ତ, ବିବ୍ରତ, ଛାନିଆ ଲାଗେ, ଛାତି ଜୋରରେ ଧଡ଼ ଧଡ଼ ହୁଏ, ଅତ୍ୟଧିକ ଝାଳ ବୁହେ ଓ ବାନ୍ତି ହୁଏ।"

## ଭାରତ: ବିଶ୍ୱର ସାପ କାମୁଡ଼ା ରାଜଧାନୀ

(ଶେଷ ଭାଗ)

**ପ୍ରାଥମିକ ଚିକିତ୍ସା:** ବିଷଧର ସାପ କାମୁଡିଥାଉ କି ବିଷହୀନ ସାପ କାମୁଡିଥାଉ ପ୍ରତ୍ୟେକ ସାପକାମୁଡ଼ା ରୋଗୀକୁ ବିଷଧର ସାପ କାମୁଡିଛି ବୋଲି ବିଚାରି ପ୍ରାଥମିକ ଚିକିତ୍ସା କରିବା ଉଚିତ। ପ୍ରାଥମିକ ଚିକିତ୍ସା କରୁଥିବା ବ୍ୟକ୍ତି ନିଜେ ଆଦୌ ଛାନିଆ ନ ହୋଇ ବରଂ ଛାନିଆ ହୋଇ ପଡିଥିବା ରୋଗୀକୁ ନିଶ୍ଚିତ ଆରୋଗ୍ୟ ହୋଇଯିବାର ଆଶ୍ୱାସନା ତଥା ଦୃଢ ଭରସା ଦେବା ଜରୁରୀ। ରୋଗୀ ଉପରେ ଆଶ୍ୱାସନା ଓ ଭରସାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। କାଳ ବିଳମ୍ବ ନ କରି ନିକଟସ୍ଥ ଡାକ୍ତରଙ୍କୁ ଖବର ଦେବା ଓ ରୋଗୀକୁ ଡାକ୍ତରଖାନା ପଠେଇବାର ବ୍ୟବସ୍ଥା କରିବା ଦରକାର। ରୋଗୀକୁ ହଲଚଲ ହେବା ପାଇଁ ନ ଦେଇ ଓ ଧୀରସ୍ଥିର ଭାବରେ ଶୁଆଇ ରଖି କାମୁଡା ଜାଗାର ଦୁଇ ତିନି ଇଞ୍ଚ ଉପରକୁ ଅନ୍ତତଃ ୨ରୁ ୪ ସେଣ୍ଟିମିଟର ଓସାର ଥିବା ପଟି ବାନ୍ଧିଦେବା ଆବଶ୍ୟକ।

**ମନେ ରଖିବା ଉଚିତ:** ସାପ କାମୁଡ଼ିବା ପରେ ରୋଗୀ ଚଲାବୁଲା କରିବନି। ଆଣ୍ଠକରି ପଟି ବନ୍ଧାଯିବନି। କ୍ଷତ ସ୍ଥାନ ବା କାମୁଡା ଜାଗାରେ ବରଫ ଲଦା ହେବନି। କ୍ଷତ ସ୍ଥାନକୁ ଛୁରି କି ବ୍ଲେଡରେ କଟାଯିବନି। ନିଜର ପାଟି ଲଗେଇ କ୍ଷତ ସ୍ଥାନରୁ ବିଷ ଶୋଷିବା ମନା।

**ଡାକ୍ତରଖାନାରେ ଚିକିତ୍ସା ପଦ୍ଧତି**

ସାପ ବିଷରୁ ତିଆରି ପ୍ରତିବିଷ ବା ଆଣ୍ଟିସ୍ନେକ୍‌ଭେନମ୍ ଇଞ୍ଜେକ୍‌ସନ ଦେଇ ଡାକ୍ତରଖାନାରେ ରୋଗୀର ଚିକିତ୍ସା କରାଯାଇଥାଏ। ତାହାଛଡ଼ା ଦିଆଯାଇଥାଏ ଆଣ୍ଟିବାୟୋଟିକ୍ ଔଷଧ। ଦରକାର ପଡ଼ିଲେ ଅମ୍ଳଜାନ ଦେବା ସଙ୍ଗେସେଙ୍ଗେ କେତେକ କ୍ଷେତ୍ରରେ ଡାୟାଲିସିସ୍ କରିବା ଆବଶ୍ୟକ ପଡ଼ିପାରେ।

**ବର୍ଷାଦିନେ ସାପକାମୁଡ଼ା ପ୍ରତି ସାବଧାନତା:** ବର୍ଷା ଯୋଗୁ ସାପମାନଙ୍କ ଗାତରେ ପାଣି ପଶିଯାଏ। ତେଣୁ ସେମାନେ ବାହାରେ ବୁଲିବା ପାଇଁ ବାଧ ହୋଇଥାନ୍ତି। ତାହାଛଡ଼ା ବର୍ଷାଋତୁରେ ବେଙ୍ଗମାନଙ୍କ ସଂଖ୍ୟା ବଢ଼ିଯିବାରୁ ବେଙ୍ଗ ଖାଇବା ଉଦ୍ଦେଶ୍ୟରେ ବି ଏଣେତେଣେ ବୁଲିଥାନ୍ତି ସାପମାନେ। ଚାରିଆଡ଼େ ବଣବୁଦା ଓ ଘାସ ବଢ଼ିଯାଇଥିବାରୁ ସେମାନଙ୍କ ଉପସ୍ଥିତି ସହଜରେ ବାରିହୁଏନି। ଏହିସବୁ କାରଣରୁ ବର୍ଷାଦିନେ ସାପକାମୁଡ଼ାର ହାର ବଢ଼ିଯାଏ। ରାତିରେ ଲଣ୍ଠନ ଜଳେଇ କି ଟର୍ଚ୍ଚଜଳେଇ ଯିବାଆସିବା କରିବା ନିରାପଦ। ରାତିରେ ଯିବାଆସିବା କଲାବେଳେ ହାତରେ ମୋଟା ବାଡ଼ି କି ଠେଙ୍ଗା ଧରି ଓ ତାକୁ ଭୂଇଁ ଉପରେ ଠକ୍ ଠକ୍ କରି ବାଡ଼େଇ ବାଡ଼େଇ ଯାତାୟାତ କରିବା ଉଚିତ। ଏପରି କଲେ ସାପମାନେ ରାସ୍ତାରୁ ପଳେଇଯାଆନ୍ତି। ମୋଟା କନାର ଫୁଲ୍‌ପ୍ୟାଣ୍ଟ ଏବଂ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା ବର୍ଷାଦିନିଆ ବୁଟ୍‌ଜୋତା ପିନ୍ଧି ରାତିରେ ବାହାରକୁ ଗଲେ ସାପ କାମୁଡ଼ିଲେ ମଧ୍ୟ ତା'ର ତୀବ୍ରତା ଊଣା ହୋଇଯାଏ। ମଶାରି ଟାଙ୍ଗି ଓ ମଶାରିର ଚାରିକଡ଼କୁ ବିଛଣାତଳେ ଖୋସି ଶୋଇବା ଉଚିତ। ବିଶେଷକରି ଗ୍ରାମାଞ୍ଚଳରେ ଭୂଇଁରେ ଶୋଉଥିବା ଲୋକେ ମଶାରି ଟାଙ୍ଗି ଶୋଇବା ନିହାତି ଆବଶ୍ୟକ।



ପଟିକୁ ଭିଡିକରି ବାନ୍ଧିବା ଉଚିତ ନୁହେଁ। ଏପରି ଭାବରେ ପଟି ବାନ୍ଧିବା ଉଚିତ ଯେପରିକି ପଟିତଳେ ନିଜର ଦୁଇଟି ଆଙ୍ଗୁଠି ଗଳି ଯାଇପାରିବ। ପଟି ବାନ୍ଧିବା ପାଇଁ ଓସାରିଆ ରିବନ, ଶାଢିର ଧଡି, ଓସାରିଆ ଫିତା କିମ୍ବା ଭେଲକ୍ରୋ ପଟି ଇତ୍ୟାଦି ଭଲ। ପ୍ରତି କୋଡିଏ ମିନିଟ୍‌ରେ ପଟିଟିକୁ ଏକ ମିନିଟ୍ ପାଇଁ ଖୋଲିଦେଇ ପୁନର୍ବାର ପଟି ଭିଡିଦେବା ଆବଶ୍ୟକ। ଅଧଘଣ୍ଟାଏ ଭିତରେ ରୋଗୀକୁ ଡାକ୍ତରଖାନାରେ ପହଞ୍ଚେଇ ହେଉଥିଲେ ପଟିକୁ ଢ଼ୁଗୁଲା କରିବାର ଆବଶ୍ୟକତା ନାହିଁ। କ୍ଷତ ସ୍ଥାନକୁ ସାବୁନ୍ ଜଳରେ ଭଲ ଭାବରେ ଧୋଇ ଦେଇ ସଫାକନା କି ସଫା ରୁମାଲ ଦ୍ୱାରା ଘୋଡେଇ ରଖିବା ଭଲ। ରୋଗୀ ଅଚେତ ହୋଇ ପଡି ନ ଥିଲେ ତାକୁ ଚା କଫି କି କ୍ଷୀର ପିଇବା ପାଇଁ ଦିଆଯାଇପାରେ। ତା'ର ବାନ୍ତି ହେଉଥିଲେ ତା'ର ମୁଣ୍ଡକୁ କଡ଼ପଟିଆ କରି ରଖିବା ଉଚିତ। ନିଃଶ୍ୱାସ ବନ୍ଦ ହୋଇଯାଇଥିଲେ କୃତ୍ରିମ ଶ୍ୱାସକ୍ରିୟା କରେଇବା ଏବଂ ହୃତ୍‌କ୍ରିୟା ବନ୍ଦ ହୋଇଗଲେ ରୋଗୀର ଛାତି ମଝିରେ ପାପୁଲି ରଖି ବାରମ୍ବାର ଚାପ ପ୍ରୟୋଗ (ବାହ୍ୟବକ୍ଷ ସଞ୍ଚାପନ) କରିବା ଦରକାର। ଉଷୁମ ରଖିବା ନିମନ୍ତେ ତାକୁ କମ୍ବଳରେ ଘୋଡେଇ ରଖିବା ଆବଶ୍ୟକ।

–'ଅଭୀପ୍‌ସା', ସେକ୍ଟର–୬,
ପ୍ଲଟ୍ ନଂ.–୧୧୩୧
ଅଭିନବ ବିଡ଼ାନାସୀ, କଟକ

## ସ୍ୱାସ୍ଥ୍ୟୋପକାରୀ ଅମୃତଭଣ୍ଡା



ଅମୃତଭଣ୍ଡାରେ ଅନେକ ଉପକାରୀ ଗୁଣ ଭରି ରହିଛି । ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ...

– ଭିଟାମିନ୍ 'ଏ'ର ପ୍ରମୁଖ ଉତ୍ସ ହେଲା ଅମୃତଭଣ୍ଡା। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରିଥାଏ।

–ଆପଣ କୋଲେଷ୍ଟରଲ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ। କାରଣ ଏହାକୁ ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ।

–ଅମୃତଭଣ୍ଡା ଖାଇଲେ ତାହା ଶରୀର ଭିତରେ ଥିବା ଅତିରିକ୍ତ ଚର୍ବିକୁ ନଷ୍ଟ କରିବାରେ ସହାୟକ ହୋଇଥାଏ।

–ଅମୃତଭଣ୍ଡାରେ 'ପାପାଇନ୍' ନାମକ ଏକ ପୋଷକତତ୍ତ୍ୱ ରହିଛି ଯାହା ହଜମ ଶକ୍ତିକୁ ବୃଦ୍ଧି କରିଥାଏ।

–ଏହାକୁ ନିୟମିତ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

–ଅମୃତଭଣ୍ଡା ଶରୀରକୁ ଅନେକ ଉପକାରୀ ପୋଷକତତ୍ତ୍ୱ ଯୋଗାଇଥାଏ।

## ଅସନ୍ତୁଳିତ ଜୀବନଶୈଳୀ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ

ଆଜିକାଲିର ବ୍ୟସ୍ତମୟ ଜୀବନରେ ଏକ ସୁବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ପ୍ରାୟ କଷ୍ଟକର। କାରଣ ନିଜ କାର୍ଯ୍ୟକୁ ନେଇ ଅନେକେ ଏତେ ବ୍ୟସ୍ତ ଯେ ସେମାନେ ନିଜର ଶରୀର ପ୍ରତି ଠିକ୍ ନଜର ଦେଇପାରି ନ ଥାନ୍ତି। ଫଳରେ ସେମାନେ ଏଥିପାଇଁ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ପ୍ରଥମେ ନିଜ ଖାଦ୍ୟପେୟକୁ ସନ୍ତୁଳିତ ରଖନ୍ତୁ। ଫାଷ୍ଟଫୁଡ୍ ଏବଂ ତେଲଜାତୀୟ ଖାଦ୍ୟଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ପ୍ରତିଦିନ ସକାଳର କିଛି ସମୟ ବ୍ୟାୟାମ ପାଇଁ ରଖିଲେ ତାହାର ସୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ଏହାସହ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ୬–୭ ଘଣ୍ଟା ଶୁଅନ୍ତୁ। ଦୈନନ୍ଦିନ ଖାଦ୍ୟରେ ସବୁଜ ପନିପରିବା, ତଟକା ଫଳମୂଳ ସାମିଲ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ବ୍ୟସ୍ତତା ସତ୍ତ୍ୱେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନିଅନ୍ତୁ।



## ସଂକ୍ଷେପରେ

### ରିଅଲ ଇଷ୍ଟେଟ ପ୍ରତିନିଧିଙ୍କୁ ଭେଟିଲେ ସୀତାରାମନ୍

ନୂଆଦିଲ୍ଲୀ,୧୧-୮: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ରିଅଲ ଇଷ୍ଟେଟ ଏବଂ ଘର କ୍ରେତା ପ୍ରତିନିଧିଙ୍କୁ ଭେଟିଛନ୍ତି। ଏହି ବୈଠକରେ ନଗଦ ସଙ୍କଟ, ଚାହିଦା ହ୍ରାସ ଏବଂ ରୋକି ହୋଇଥିବା ପ୍ରକଳ୍ପକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ରିଅଲ ଇଷ୍ଟେଟରେ ଦେଖାଦେଇଥିବା ଅସୁବିଧାକୁ ଖୁବଶୀଘ୍ର ଦୂର କରାଯିବ ବୋଲି ସୀତାରାମନ୍ ପ୍ରତିଶ୍ରୁତି ଦେଇଛନ୍ତି। ଅର୍ଥମନ୍ତ୍ରୀ ପ୍ରଥମେ ରିଏଲ ଇଷ୍ଟେଟ କ୍ଷେତ୍ରର ଦୁଇ ଶୀର୍ଷ ସଂଗଠନ କ୍ରେଡାଇ ଓ ନାରେଡକୋ ପ୍ରତିନିଧିଙ୍କୁ ଭେଟିଥିଲେ। ଏହି ବୈଠକରେ ଆବାସ, ସହର ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଆର୍ଥିକ ବ୍ୟାପାର, ରାଜସ୍ୱ, ଆବାସ, ସିବିଡିଟି, କର୍ପୋରେଟ ବ୍ୟାପାର ଏବଂ ରେରାର ଶୀର୍ଷ ଅଧିକାରୀମାନେ ଯୋଗ ଦେଇଥିଲେ।

### ନକଲି ସାମଗ୍ରୀ ବିକ୍ରିରୁ ବାର୍ଷିକ କ୍ଷତି ୧ ଲକ୍ଷ କୋଟି

ନୂଆଦିଲ୍ଲୀ,୧୧-୮: ବିଭିନ୍ନ କ୍ଷେତ୍ରରେ ନକଲି ସାମଗ୍ରୀ ବିକ୍ରି ଯୋଗୁ ଦେଶକୁ ପ୍ରତିବର୍ଷ ପ୍ରାୟ ୧.୦୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଏହାକୁ ରୋକିବା ଲାଗି ଜନସଚେତନତା ସୃଷ୍ଟି, ନଜର ରଖିବାକୁ କଡାକଡି କରିବା ତଥା ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରିବାର ଆବଶ୍ୟକତା ଦେଖାଦେଇଛି ବୋଲି ୬୦ ସଦସ୍ୟଙ୍କୁ ନେଇ ଗଠିତ ଅଥେଣ୍ଟିକେଶନ ସଲ୍ୟୁଶନ ପ୍ରୋଭାଇଡର୍ସ ଆସୋସିଏଶନ(ଏଏସ୍‌ପିଏ) ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ବ୍ରାଣ୍ଡ, ଆୟ ଓ ଦସ୍ତାବିଜର ସୁରକ୍ଷା ଲାଗି ପ୍ରମାଣନ ପ୍ରଯୁକ୍ତି ଓ ସମାଧାନ ଆପଣାଇବା ଉପରେ ଜୋର ଦିଆଯାଇଛି। ଏଏସ୍‌ପିଏ ପ୍ରେସିଡେଣ୍ଟ ନକୁଲ ପସରିଚା କହିଛନ୍ତି ଯେ, ଠିକ୍ ପ୍ରମାଣନ ପ୍ରକ୍ରିୟା ଆପଣାଇବା, କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଜନସଚେତନତା ସୃଷ୍ଟି ଓ ତୀକ୍ଷ୍ଣ ଦୃଷ୍ଟି ଦ୍ୱାରା ନକଲି ସାମଗ୍ରୀ ବିକ୍ରିକୁ ଅତିକମ୍‌ରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରୋକାଯାଇପାରିବ। ଏହାଦ୍ୱାରା ପ୍ରାୟ ୫୦ ହଜାର କୋଟି ଟଙ୍କା ବାର୍ଷିକ ଆୟକୁ ସଞ୍ଚୟ କରାଯାଇପାରିବ ବୋଲି ସେ ମତପ୍ରକାଶ କରିଛନ୍ତି।

### ୩ହଜାର କୋଟି ବକେୟା ଆଦାୟ କରିବ ବିଏସ୍‌ଏନ୍‌ଏଲ୍

ନୂଆଦିଲ୍ଲୀ,୧୧-୮: ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ବକେୟା ପ୍ରାୟ ୩ ହଜାର କୋଟି ଟଙ୍କା ଆଦାୟ କରିବାକୁ ଅଣ୍ଟାଭିଡିଛି। ଆର୍ଥିକ ସଙ୍କଟ କାରଣରୁ କମ୍ପାନୀ ଦ୍ୱିତୀୟଥର କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଦେଇପାରି ନ ଥିଲା। କର୍ମଚାରୀଙ୍କୁ ଜୁଲାଇର ବେତନ ଅଗଷ୍ଟ ୫ରେ ମିଳିଛି। ବିଏସ୍‌ଏନ୍‌ଏଲ୍ ସିଏମ୍‌ଡି ପି.କେ.ପୁରୱାର କହିଛନ୍ତି ଯେ, କମ୍ପାନୀ ଗ୍ରାହକଙ୍କ ଉପରେ ପ୍ରାୟ ୩ ହଜାର କୋଟି ଟଙ୍କା ବକେୟା ରହିଛି। ଏହାକୁ ଆଦାୟ କରିବା ଲାଗି କମ୍ପାନୀ ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରିଛି। ଏ ଦିଗରେ ସଫଳତା ମଧ୍ୟ ମିଳୁଛି। ତେବେ ସମ୍ପୂର୍ଣ୍ଣ ବକେୟା ଆଦାୟ କରିବା ଲାଗି ସମୟସୀମା ଧାର୍ଯ୍ୟ କରିବା ସମ୍ଭବ ନୁହେଁ। ତେବେ ବିଏସ୍‌ଏନ୍‌ଏଲ୍ ଆସନ୍ତା ୨-୩ ମାସ ମଧ୍ୟରେ ସମସ୍ତ ବକେୟା ଆଦାୟ କରିନେବ ଆଶା କରାଯାଉଛି ବୋଲି ପୁରୱାର ସ୍ପଷ୍ଟ କରିଛନ୍ତି।

> ଟିଭି ଉଦ୍ୟୋଗ ଅଭିବୃଦ୍ଧି ଗତ କିଛି ତ୍ରୈମାସରେ ସ୍ଥିର ରହିବା ପରେ ଏହା ହ୍ରାସ ପାଇବାରେ ଲାଗିଛି। ସରକାର ଜିଏସ୍‌ଟି ହ୍ରାସ କରିବା ସହ ଅନ୍ୟାନ୍ୟ ସହାୟତା ଦେବା ଉଚିତ୍।
> – ମନୀଷ ଶର୍ମା, ପାନାସୋନିକ ଇଣ୍ଡିଆ ପ୍ରେସିଡେଣ୍ଟ ତଥା ସିଇଓ



> କଗ୍‌ନିଜାଣ୍ଟ କଡା ଖର୍ଚ୍ଚ କାଟ ମାଧ୍ୟମରେ ଶ୍ରେଷ୍ଠ କର୍ମଚାରୀ ଟାଲେଣ୍ଟ ଖୋଜିବା ଆରମ୍ଭ କରିଛି। ଉଭୟ ଜୁନିୟର ଓ ସିନିୟର ସ୍ତରରେ ଏଥିଲାଗି ଉଦ୍ୟମ ଆରମ୍ଭ ହୋଇଛି।
> – କାରେନ ମ୍ୟାକ୍‌ଲଘଲିନ୍, କଗ୍‌ନିଜାଣ୍ଟ ସିଏଫ୍‌ଓ



# 'ଏମ୍‌ଏସ୍‌ଏମ୍‌ଇ ପ୍ରତି ନରମ ହୁଅନ୍ତୁ ବ୍ୟାଙ୍କ'

ଭୁବନେଶ୍ୱର,୧୧-୮(ବ୍ୟୁରୋ)




- ଫନୀ ପ୍ରଭାବିତ କ୍ଷୁଦ୍ରଶିଳ୍ପ ଲାଗି ସ୍ୱତନ୍ତ୍ର ପ୍ୟାକେଜ ନେଇ ରାଜ୍ୟର ଦାବି
- ମାନୁଫ୍ୟାକଚରିଂକୁ ଏମ୍‌ଏସ୍‌ଏମ୍‌ଇ ଅବଦାନ ୪୫%
- ଦ୍ୱିତୀୟ ସର୍ବବୃହତ୍ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର
- କେସିଙ୍ଗାରେ ହେବ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର
- ଶୀଘ୍ର କାର୍ଯ୍ୟକାରୀ ହେବ ୨ କ୍ଲଷ୍ଟର ଯୋଜନା
- ଏସ୍‌ଏଚ୍‌ଜି ଠାରୁ ସିଧାସଳଖ ପ୍ରଡକ୍ଟ ସଂଗ୍ରହ
- ରାଜ୍ୟ ସ୍ତରରେ ଜେଇଏମ୍ ପୋର୍ଟାଲ ଆସୁ:ଓସ୍‌ମେ

ନିଯୁକ୍ତି ସୃଷ୍ଟିରେ ସରକାରଙ୍କୁ ସହାୟତା କରିଥାଏ ଏମ୍‌ଏସ୍‌ଏମ୍‌ଇ ଜଗତ। ଏହି ସେକ୍ଟର ଲୋକଙ୍କୁ ଜୀବିକା ପ୍ରଦାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। ସବୁ ବ୍ୟବସାୟୀ ବିଜୟ ମାଲ୍ୟା କିମ୍ବା ନୀରବ ମୋଦି ନୁହନ୍ତି। ସମସ୍ତେ ବ୍ୟାଙ୍କ ଅର୍ଥକୁ ଠକି ବିଦେଶ ପଳାୟନ କରିବେ ନାହିଁ। ସେହିଭଳି ଋଣ ପରିଶୋଧ କରିବା ଲାଗି ସମୟ ଦରକାର। ବଡ ଭାଗ ଋଣ ପରିଶୋଧ କରିଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ପ୍ରତି ବ୍ୟାଙ୍କଗୁଡିକ ନରମ ମନୋଭାବ ପୋଷଣ କରିବାକୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି।

ସ୍ଥାନୀୟ ଇଉ୍‌କଲ ଅଡିଟୋରିୟମଠାରେ ଓସ୍‌ମେ ପକ୍ଷରୁ ଅନୁଷ୍ଠିତ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍ ଅବସରରେ ଷଡଙ୍ଗୀ କହିଛନ୍ତି ଯେ, ବ୍ୟବସାୟୀ ମାନଙ୍କୁ ବକେୟା ଋଣ ପରିଶୋଧ ଲାଗି ସମୟ ଦେବା ଉଚିତ। ଦେଶର ମାନୁଫାକଚରିଂ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇର ଅବଦାନ ୪୫% ରହିଛି। ଏହାବାଦ ମୋଟ୍ ରପ୍ତାନିକୁ ୨୦ ଏବଂ ଦେଶର ଜିଡିପିକୁ ଏହି କ୍ଷେତ୍ରର ଅବଦାନ ୨୮%। ନିଯୁକ୍ତି ସୃଷ୍ଟିରେ କୃଷି ପରେ ଏହା ଦ୍ୱିତୀୟ ବଡ କ୍ଷେତ୍ର। ଉକ୍ତ କ୍ଷେତ୍ର ରୁଗ୍‌ଣ ହେଲେ ଏହା ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବ। ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଯୁବତୀଯୁବକଙ୍କ ଉଦ୍ୟୋଗୀ ହେବା ସ୍ୱପ୍ନକୁ ପୂରଣ କରିବା ଦିଗରେ ଓସ୍‌ମେ କାର୍ଯ୍ୟ କରୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ମିଟ୍‌ରେ ଯୋଗ ଦେଇ ରାଜ୍ୟପାଳ ଗଣେଶୀ ଲାଲ୍ ଶିଳ୍ପାୟନ ଯୋଗୁ ହେଉଥିବା ପରିବେଶ କ୍ଷତି ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଜଗତରେ ଉଭୟ ପରିବେଶ ଏବଂ ମଣିଷ ବଞ୍ଚି ରହିବା ଆବଶ୍ୟକ। ପୃଥିବୀକୁ ପରିବେଶ ଜନିତ ବିପଦ ଏବଂ ଜୈବ ଅସମାନତାଠାରୁ ବଞ୍ଚାଇବାର ସମୟ ଆସିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଏମ୍‌ଏସ୍‌ଏମ୍‌ଇର ବିକାଶ ଲାଗି ପଶ୍ଚିମ ଓଡ଼ିଶାର କେସିଙ୍ଗାରେ ଏକ କ୍ଲଷ୍ଟର ନିର୍ମାଣ କରାଯିବ। ରାଜ୍ୟରେ ଏଭଳି ୨ କ୍ଲଷ୍ଟର ସ୍ଥାପନ ଯୋଜନା ରହିଥିବା ବେଳେ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ। ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଫନୀ ଦ୍ୱାରା ପ୍ରଭାବିତ ହୋଇଥିବାରୁ ସେମାନଙ୍କ ଲାଗି କେନ୍ଦ୍ର ସରକାର ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଓସ୍‌ମେ ଅଧ୍ୟକ୍ଷ ଗୌରୀଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଏସ୍‌ଜି ଉତ୍ପାଦଗୁଡିକୁ ରାଜ୍ୟ ସରକାର ସିଧାସଳଖ କିଣିବା ଏବଂ କେନ୍ଦ୍ର ସରକାରଙ୍କ ଢାଞ୍ଚାରେ ଏକ ଜେଇଏମ୍ ପୋର୍ଟାଲ ବିକଶିତ କରିବାକୁ ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଦାବି କରିଛନ୍ତି। ଏଥିରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସଚିବ ଅରୁଣ ପଣ୍ଡା, ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ସମେତ ଶିଳ୍ପଜଗତର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଟାଟା ଟିଗୋରର ଫ୍ରିଡମ୍ ର୍‌ୟାଲି




ଭୁବନେଶ୍ୱର,୧୧-୮(ବ୍ୟୁରୋ)

ଟାଟା ମୋଟର୍ସ ପକ୍ଷରୁ ଏହାର ଲୋକପ୍ରିୟ ମଡେଲ ଟିଗୋର ଗ୍ରାହକଙ୍କ ଲାଗି ଏକ ଫ୍ରିଡମ ର୍‌ୟାଲି ଭୁବନେଶ୍ୱରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତୃପ୍ତି ଗ୍ରୁପ ନିର୍ଦ୍ଦେଶକ ଶୁଭେନ୍ଦୁ ମହାନ୍ତି ଏହି ର୍‌ୟାଲିକୁ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସ୍ୟାଣ୍ଡି ଟାୱାରଠାରୁ ଏହି ର୍‌ୟାଲି ବାହାରି ଜୟଦେବ ବିହାର, ବାଣୀବିହାର, ଫରେଷ୍ଟ ପାର୍କ ଏବଂ ବରମୁଣ୍ଡା ଦେଇ ପୁଣି ଥରେ ସ୍ୟାଣ୍ଡି ଟାୱାର ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ର୍‌ୟାଲିରେ ପ୍ରାୟ ୫୦ ଟିଗୋର ଓନର ଯୋଗ ଦେଇଥିଲେ। ଗ୍ରାହକ ସମ୍ପର୍କକୁ ମଜଭୁତ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟ ମଧ୍ୟରେ ପାଟଣା, ରାଞ୍ଚି ଭଳି ୫ ସହରରେ ଏହି ର୍‌ୟାଲିକୁ ଆୟୋଜନ କରାଯାଉଛି। ସେହିଭଳି ଏହି ଅବସରରେ ଗ୍ରାହକଙ୍କ ଲାଗି ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଗୁଣବତ୍ତା ପ୍ରଡକ୍ଟ ଏବଂ ସେବା ଯୋଗାଣ ସହ ଗ୍ରାହକ ସମ୍ପର୍କ ଅଭିଯାନ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ଟାଟା ମୋଟର୍ସ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ ତୃପ୍ତି ଗ୍ରୁପ ସିଇଓ ଶ୍ରୀକାନ୍ତ ମିଶ୍ର, ଟାଟା ମୋଟର୍ସ ସିନିୟର ମ୍ୟାନେଜର ରୁପେନ୍ଦ୍ର କୁମାର ଏବଂ ସିନିୟର ମ୍ୟାନେଜର ଏ. ଶ୍ରୀମାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ବୃଦ୍ଧିରେ ବାଧା ହଟିବ

ନୂଆଦିଲ୍ଲୀ,୧୧-୮

**ଖୁବ୍‌ଶୀଘ୍ର ଘୋଷଣା**

କେନ୍ଦ୍ର ସରକାର ବିକାଶ ଅଭିବୃଦ୍ଧି ଲାଗି ବିଭିନ୍ନ ଉପାୟ ଚିନ୍ତା କରୁଛନ୍ତି। ଆର୍ଥିକ ବିକାଶ ଆଗେଇବାରେ ଥିବା ସମସ୍ତ ବାଧାକୁ ଚିହ୍ନଟ କରି ଦୂର କରିବା ଲାଗି ଯୋଜନା ପ୍ରସ୍ତୁତ ହେଉଛି। ଏଥିଲାଗି ମାନୁଫାକ୍‌ଚରିଂ ସେକ୍ଟରକୁ ପାଣ୍ଠି ଯୋଗାଣ ସୁନିଶ୍ଚିତ କରାଯିବା ସହ ଜିଡିପି ବୃଦ୍ଧି ଲାଗି ଉତ୍ସାହିତ ।

ପ୍ରାପ୍ତ ସୂତ୍ର ଅନୁଯାୟୀ ବିକାଶ ବୃଦ୍ଧି ଲାଗି ସରକାର ଯେଉଁ ରଣନୀତି ଆପଣାଇବାକୁ ଯାଉଛନ୍ତି, ସେଥିରେ ଜିଏସ୍‌ଟି ହ୍ରାସର ପ୍ରସ୍ତାବକୁ ସାମିଲ କରାଯାଇନାହିଁ। କାରଣ ଦେଶରେ ଟିକସ ହାର ପୂର୍ବରୁ କମ୍ ରହିଛି ବୋଲି ସରକାର ମନେକରୁଛନ୍ତି। ଅଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିକଟରେ ଶିଳ୍ପ ଜଗତ, ବ୍ୟାଙ୍କ, ବିଦେଶୀ ଓ ଘରୋଇ ନିବେଶକ ସମେତ ବିଭିନ୍ନ ପକ୍ଷ ସହ ଆଲୋଚନା କରିସାରିଛନ୍ତି। ସେମାନଙ୍କଠାରୁ ମିଳିଥିବା ପ୍ରତିକ୍ରିୟା ଆଧାରରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଉଛି, ଯାହାକୁ ଖୁବଶୀଘ୍ର ଘୋଷଣା କରାଯିବ। ବ୍ୟାଙ୍କ, ଏମ୍‌ଏସ୍‌ଏମ୍‌ଇ ଓ ଅଟୋ ଶିଳ୍ପ ପ୍ରତିନିଧିଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନାକାଳରେ ସମସ୍ୟା ସୃଷ୍ଟି କରୁଥିବା କେତେକ ବିନ୍ଦୁକୁ ସାମ୍ନାରେ ରଖାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆର୍ଥିକ ବିକାଶ ବୃଦ୍ଧି କରିବା ଲାଗି ଦେଖାଦେଇଥିବା ସମସ୍ତ ବାଧାକୁ ଦୂର କରାଯିବ। ଏହାଦ୍ୱାରା ଶିଳ୍ପ ଜଗତର ସମସ୍ତ ଚିନ୍ତା ଦୂର ହୋଇଯିବ। ସେମାନଙ୍କୁ ଋଣ ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରାଯିବ ଏବଂ ନିବେଶ ଖର୍ଚ୍ଚ କମାଇବା ଲାଗି କେତେକ ନୀତିକୁ ଆହୁରି ସରଳ କରାଯିବ। ସରକାର ଚଳିତ ଆର୍ଥିକ ବର୍ଷ ଲାଗି ଜିଡିପି ଅଭିବୃଦ୍ଧି ହାର ୭% ଧାର୍ଯ୍ୟ କରିଛନ୍ତି ଏବଂ ପ୍ରଥମ ତ୍ରୈମାସରେ ଏହି ଦିଗରେ ଜିଡିପି ବୃଦ୍ଧି ହେଉଛି ବୋଲି ସେ କହିଛନ୍ତି। ଜିଏସ୍‌ଟି ଅଧୀନରେ ପ୍ରଥମ ତ୍ରୈମାସରେ ଆଦାୟ ୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟକ୍ଷ ଟିକସ ୧୨.୯ ପ୍ରତିଶତ ବଢ଼ିଛି। ସେହିପରି କର୍ପୋରେଟ ଟିକସ ଆଦାୟ ଆଲୋଚ୍ୟ ମାସରେ ୧୩.୩% ସହ ସ୍ଥିର ରହିଛି।

## ସୋସିଆଲ ମିଡିଆ ଯୋଗୁ ଡାକଟିକେଟ ବିକ୍ରି ହ୍ରାସ

ନୂଆଦିଲ୍ଲୀ,୧୧-୮

ଏକଦା ଭାବର ଆଦାନପ୍ରଦାନ ଏବଂ କୁଶଳତା ଜାଣିବାର ମୁଖ୍ୟ ମାଧ୍ୟମ ଥିଲା ଚିଠି। କିନ୍ତୁ ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତିର ବିକାଶ ସାଧନ ହେବା କାରଣରୁ ଚିଠି ପଠାଇବାର ଚଳନ କମିବାରେ ଲାଗିଲା। ଏବେ ହ୍ୱାଟ୍‌ସଆପ୍, ଫେସ୍‌ବୁକ୍ ଓ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆର ପ୍ରଚଳନ ପରେ ଲୋକେ ଚିଠି ପଠାଇବା ଭୁଲିବାକୁ ବସିଲେଣି। ଭାବର ଆଦାନପ୍ରଦାନ ଏବେ ସୋସିଆଲ ମିଡିଆ ଜରିଆରେ ସହଜରେ ଓ ତତ୍‌କ୍ଷଣାତ ହୋଇପାରୁଛି। ଏଣୁ ଏବେ ଚିଠି ପଠାଇବା କମିବାରେ ଲାଗିଛି। ଅବସ୍ଥା ଏପରି ହେଲାଣି ଯେ, ଏବେ ଡାକଟିକେଟ ବିକ୍ରି ବହୁ ପରିମାଣରେ କମିଯାଇଛି। ଡାକ ବିଭାଗରୁ ଆର୍‌ଟିଆଇ ଜରିଆରେ ମିଳିଥିବା ସୂଚନା ମୁତାବକ ଡାକ ଟିକେଟ ବିକ୍ରି ପ୍ରତିବର୍ଷ ହ୍ରାସ ପାଇଚାଲିଛି। ମଧ୍ୟପ୍ରଦେଶର ନିମଚ ନିବାସୀ ଆର୍‌ଟିଆଇ କର୍ମୀଙ୍କ ଦ୍ୱାରା ହାସଲ କରାଯାଇଥିବା ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮-୧୯ରେ ଡାକ ବିଭାଗ ଟିକେଟ ବିକ୍ରିରୁ ଯେଉଁ ରାଜସ୍ୱ ପାଇଛନ୍ତି, ତାହା ତହିଁ ପୂର୍ବବର୍ଷ ଅପେକ୍ଷା ୭୮.୬୬ ପ୍ରତିଶତ କମି ୭୮.୨୫ କୋଟି ଟଙ୍କାରେ ପହଞ୍ଚିଯାଇଛି।

# ରିଲାଏନ୍ସର ଡିଜିଟାଲ ଇଣ୍ଡିଆ ସେଲ୍

ମୁମ୍ବାଇ,୧୧-୮

ସ୍ୱାଧୀନତା ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ବ୍ଲକ ବଷ୍ଟର ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବାର୍ଷିକ ସେଲ୍ ଦ୍ୱାରା ଗ୍ରାହକ ଟେକ୍ନୋଲୋଜି ସାମଗ୍ରୀ କ୍ରୟରେ ବେଷ୍ଟ ଡିଲ୍ ଏବଂ ସର୍ବୋତ୍ତମ ଅଫର ଲାଭ କରିପାରିବେ। ବିସ୍ତୃତ ରେଞ୍ଜର ଇଲେକଟ୍ରୋନିକ୍ସ ୧୫% କ୍ୟାଶବ୍ୟାକ ସୁବିଧା କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଏଚ୍‌ଡିଏଫ୍‌ସିରେ ୧୦% କ୍ୟାଶବ୍ୟାକ ଏବଂ ରିଲାଏନ୍ସ ଡିଜିଟାଲର ୫% କ୍ୟାଶବ୍ୟାକ ରହିଛି। ୧୦ରୁ ୧୫ ଅଗଷ୍ଟ ଯାଏ ଏହି ଅଫରର ଲାଭ ମିଳିବ। ଏସି କ୍ରୟ ଉପରେ ମାଗଣା ରେଫ୍ରିଜରେଟର, ଲାପଟପ ଉପରେ ଅଫର, ନିର୍ଦ୍ଦିଷ୍ଟ ରେଞ୍ଜର ଲାପଟପ କ୍ରୟରେ ୧୩ ହଜାର ଟଙ୍କାର ସୁବିଧା ବାଦ କ୍ୟାଶବ୍ୟାକ, ନିଶ୍ଚିତ ଉପହାର, ବେଷ୍ଟ ଏଭର ଏକ୍ସଚେଞ୍ଜ ଅଫର, ମାଗଣା ଶପିଂ ଭାଉଚର ସ୍ମାର୍ଟ ଫୋନ ଉପରେ ରିହାତି, ଅପଗ୍ରେଡ ସୁବିଧା ସହ ଉନ୍ନତ ଫାଇନାନ୍ସ ବିକଳ୍ପ ଗ୍ରାହକ ଲାଭ କରିପାରିବେ।

## ରୟାଲ ଏନ୍‌ଫିଲ୍ଡର ନୂଆ ମଡେଲ



ଭୁବନେଶ୍ୱର,୧୧-୮

ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ନୂଆ ମଡେଲ ଯାନ ଓଡ଼ିଶା ବଜାରକୁ ଆସିଛି। ଏହା ମଧ୍ୟରେ ବୁଲେଟ୍ ୩୫୦ ଏବଂ ବୁଲେଟ୍ ୩୫୦ ଇଏସ୍‌ର ୬ଟି ନୂଆ ଭାରିଆଣ୍ଟ ରହିଛି। ନୂଆ ମଡେଲଗୁଡିକୁ କଟକ ଲିଙ୍କରୋଡସ୍ଥିତ ଅନ୍‌ମୋଲ ମୋଟର୍ସଠାରେ ଉନ୍ମୋଚନ କରାଯାଇଛି। ଶୋ'ରୁମର ଏମ୍‌ଡି ଯଶବୀର ସିଂ, ଜିଏମ୍ ଆଦର୍ଶଦୀପ ସିଂ ଏହାକୁ ବଜାର ପ୍ରବେଶ କରାଇଥିଲେ। ବୁଲେଟର ନୂତନ ମଡେଲ ଏକ୍ସଶୋ'ରୁମ ମୂଲ୍ୟ ୧.୧୨ ଲକ୍ଷ ଟଙ୍କା ରହିଛି। ଏହାର ବୁକିଂ ଅଗଷ୍ଟ୯ରୁ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୯୩୦ ଶୋ'ରୁମ ଏବଂ ୮,୮୦୦ରୁ ଉର୍ଦ୍ଧ୍ୱ ସର୍ଭିସ ପଏଣ୍ଟ ଏବଂ ୯୦୦ରୁ ଉର୍ଦ୍ଧ୍ୱ ଅଧିକୃତ ୱାର୍କଶପ ସହ ସେବା ଯୋଗାଇ ଦେଉଛି। କମ୍ପାନୀର ଷ୍ଟୁଡିଓଗୁଡିକରେ ସର୍ଭିସ, ସ୍ପେୟାର ପାର୍ଟସ ସହ ଅନ୍ୟାନ୍ୟ ସୁବିଧା ଗ୍ରାହକ ଲାଭ କରିପାରିବେ। ଛୋଟଛୋଟ ସହରରେ ଯାନ କ୍ରୟ ନେଇ ଚାହିଦା ବଢିବାକୁ ଗ୍ରାହକଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ ବୋଲି ରୟାଲ ଏନ୍‌ଫିଲ୍ଡ ସିଇଓ ବିନୋଦ କେ ଦସାରୀ କହିଛନ୍ତି। କମ୍ପାନୀ ନିକଟରେ ୨୫୦ ତମ ରିଟେଲ ଷ୍ଟୁଡିଓ ସ୍ଥାପନା କରିଛି। ଆଗାମୀ ୩ ମାସରେ ଆଉ ୨୫୦ ଶୋ'ରୁମ ନେଟୱର୍କରେ ଯୋଡିବା ଲାଗି ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଦୁବାଇ ରାସ୍ତା ଦେଇ ପାକିସ୍ତାନ ପହଞ୍ଚିବ ଭାରତୀୟ ମାଲ୍

ଇସଲାମାବାଦ୍,୧୧-୮




ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଭାରତ ପ୍ରତ୍ୟାହାର କରିବା ପରେ ପାକିସ୍ତାନ ମୁଣ୍ଡ ବିଗିଡି ଯାଇଛି। ଫଳରେ ଏହା ଭାରତ ସହିତ ବାଣିଜ୍ୟିକ ଓ ରାଜନୈତିକ ସମ୍ପର୍କ ଛିନ୍ନ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମରାନ ଖାନଙ୍କ ଏହି ନିଷ୍ପତ୍ତି ଯୋଗୁ ଦେଶବାସୀ ନାହିଁ ନ ଥିବା ସଙ୍କଟର ସାମ୍ନା କରୁଛନ୍ତି। ଜିନିଷପତ୍ର ଦର ଆକାଶଛୁଆଁ ହୋଇଥିବା ବେଳେ ଚାରିଆଡେ ହାହାକାର ଶୁଭିଲାଣି। ପନିପରିବାଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ଜିନିଷ ଦାମ୍ ଦେଶରେ ହୁ ହୁ ହୋଇ ବଢୁଥିବାରୁ ପାକିସ୍ତାନବାସୀ ଏବେ ମହଙ୍ଗାମାଡର ସାମ୍ନା କରୁଛନ୍ତି। ତେବେ ବ୍ୟବସାୟୀଙ୍କ କହିବାନୁଯାୟୀ ଏଭଳି ବେଶିଦିନ ଚାଲିଲେ ସେମାନେ କାଙ୍ଗାଳ ହୋଇଯିବେ। ଏଥିରୁ ବର୍ତ୍ତିବା ପାଇଁ ସେମାନେ ଏବେ ଦୁବାଇ ବାଟେ ଭାରତୀୟ ସାମଗ୍ରୀ ଆମଦାନୀ କରିବାକୁ ଚିନ୍ତା କରୁଛନ୍ତି ବୋଲି କହିଛନ୍ତି।

ପାକିସ୍ତାନର ହୋସିଆରୀ ମାନୁଫାକ୍‌ଚରର୍ସ ଆଣ୍ଡ ଏକ୍ସପୋର୍ଟର୍ସ ଆସୋସିଏଶନ ଅଧ୍ୟକ୍ଷ ଜାଭେଦ ବିଲୱାନୀ କହିଛନ୍ତି ଯେ, ପାକିସ୍ତାନର ଟେକ୍ସଟାଇଲ ସେକ୍ଟର ଅନେକାଂଶରେ ଭାରତର କେମିକାଲ ଓ ଡାଇ ଉପରେ ନିର୍ଭରଶୀଳ। ଭାରତ ସହିତ କାରବାର ରଦ୍ଦ ପରେ ସେମାନେ ଆଗାମୀ ଦିନରେ ଦୁବାଇ ବାଟ ଦେଇ ଭାରତରୁ ସାମଗ୍ରୀ ଆମଦାନୀ କରିବାକୁ ବାଧ୍ୟ ହେବେ। କାରଣ ଚାଇନା ଓ କୋରିଆ ତୁଳନାରେ ଭାରତୀୟ ସାମଗ୍ରୀ ଦର ୧୫ରୁ ୨୦ ପ୍ରତିଶତ ଶସ୍ତା। ସେହିପରି ଅଲ୍ ପାକିସ୍ତାନ ଟେକ୍ସଟାଇଲ ପ୍ରୋସେସିଂ ମିଲ୍ସ ଆସୋସିଏଶନର ପୂର୍ବତନ ଅଧ୍ୟକ୍ଷ ସଲିମ ପାରେଖ କହିଛନ୍ତି ଯେ, ଭାରତୀୟ ଟେକ୍ସଟାଇଲ ସାମଗ୍ରୀ ଚାଇନା ଓ କୋରିଆ ଅପେକ୍ଷା ୩୦ରୁ ୩୫ ପ୍ରତିଶତ ଶସ୍ତା। ଏହାଛଡ଼ା ଅନ୍ୟ ଦେଶ ମୁକାବିଲାରେ ମାଲ୍ ଆସିବା ଲାଗି କମ୍ ସମୟ ଲାଗିଥାଏ। ଏତିକି ନୁହେଁ ମାଲ୍ ପରିବହନ ଖର୍ଚ୍ଚ ମଧ୍ୟ ଅନେକାଂଶରେ କମ୍। ଏଫବି ଏରିଆ ଆସୋସିଏଶନ ଅଫ୍ ଟ୍ରେଡ ଆଣ୍ଡ ଇଣ୍ଡଷ୍ଟ୍ରି ଅଧ୍ୟକ୍ଷ ଖୁର୍ସିଦ ଅହମ୍ମଦ କହିଛନ୍ତି ଯେ, ଭାରତରୁ ଟେକ୍ସଟାଇଲ ସାମଗ୍ରୀ ଆମଦାନୀ ବନ୍ଦ ହେବା ପରେ ଏବେ ଚାଇନା ଓ କୋରିଆରୁ ଏହାକୁ ଆମଦାନୀ କରିବାକୁ ହେବ। ତେବେ ଏହା ବ୍ୟୟସାପେକ୍ଷ। ଏଣୁ ବିକଳ୍ପ ଖୋଜିବାକୁ ହେବ। ଅନ୍ୟ ଚ୍ୟାନେଲ ମାଧ୍ୟମରେ ଭାରତରୁ ସାମଗ୍ରୀ ଆଣିବାକୁ ହେବ। ଉଲ୍ଲେଖଥାଉ କି, ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ବ୍ୟବସାୟୀମାନେ ଭାରତକୁ ସାମଗ୍ରୀ ବିକ୍ରିକୁ ବଏକଟ କରିଥିଲେ। ତଥାପି ପାକିସ୍ତାନ ବଜାରରେ ଭାରତୀୟ ସାମଗ୍ରୀ ଠୁଳ ହୋଇଥିବାର ଦେଖାଯାଇଥିଲା। ପାକିସ୍ତାନ ବ୍ୟବସାୟୀ ଦୁବାଇ ଚ୍ୟାନେଲକୁ କାମରେ ଲଗାଉଥିଲେ। ନିଜକୁ ବଞ୍ଚାଇବା ପାଇଁ ସେମାନେ ଶସ୍ତା ହେଉଥିବା ଭାରତୀୟ ମାଲ୍ ନେବାକୁ ପଛାଇବେ ନାହିଁ।

### ମହଙ୍ଗା ମାଡରେ ଇଦ୍ ପ୍ରଭାବିତ

ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ ହେବା ପରେ ପାକିସ୍ତାନବାସୀ ଏବେ ମହଙ୍ଗା ମାଡରେ ତ୍ରାହି ତ୍ରାହି ଡାକ ଛାଡିଲେଣି। ସେମାନଙ୍କର ଇଦ୍ ପାଳନ ଫିକା ପଡିଗଲାଣି। ସ୍ଥାନୀୟ ଖବରକାଗଜ 'ଡନ୍' ରିପୋର୍ଟ ଅନୁଯାୟୀ, ଏବେ ପାକିସ୍ତାନରେ ଅଦା ୪୦୦, ରସୁଣ ୩୨୦, କଞ୍ଚା ଲଙ୍କା ୧୦୦, ଟମାଟୋ ୩୦୦ ଟଙ୍କା କେଜିରେ ବିକ୍ରି ହେଉଛି। ଦେଶ ଏବେ ମହଙ୍ଗା ମାଡର ସମ୍ମୁଖୀନ ହୋଇଥିବା ବକ୍‌ରୀ ଅର୍ଥାତ୍ ଛେଳିର ଦାମ୍ ଦୁଇଗୁଣା ହୋଇଗଲାଣି। ଏଭଳି ସ୍ଥିତିରେ ସୋମବାର କିପରି ବକ୍‌ରିଦ୍ ପାଳନ ହେବ ସେନେଇ ସେଠାରେ ଆଶଙ୍କା ପ୍ରକାଶ ପାଇଲାଣି। ଗତବର୍ଷ ତୁଳନାରେ ଛେଳି ମୂଲ୍ୟ ୫୦ରୁ ୮୦ ପ୍ରତିଶତ ବଢ଼ିଛି ବୋଲି ପାକିସ୍ତାନର ସବୁଠାରୁ ବଡ଼ ପଶୁ ମଣ୍ଡି ଶାହପୁର କାଞ୍ଚିରାନରେ ବ୍ୟବସାୟୀ କହୁଛନ୍ତି। ଗୋଟିଏ ଛେଳିର ମୂଲ୍ୟ ୩୦ ହଜାରରୁ ୫୦ ହଜାର ଟଙ୍କା ହୋଇଛି। ଛେଳି ମୂଲ୍ୟ ଏପରି ହୋଇଛି ଯେ, ଚଳିତବର୍ଷ ବହୁ ପାକିସ୍ତାନୀ କୁର୍ବାନୀ ଦେଇପାରିବେ ନାହିଁ।

## ଲୁଇଫିଲିପର ନୂଆ ଷ୍ଟୋର ଶୁଭାରମ୍ଭ




ଭୁବନେଶ୍ୱର,୧୧-୮ (ବ୍ୟୁରୋ)

ସ୍ଥାନୀୟ ପାତ୍ରପଡା ଡିଏନ୍ ରେଗାଲିଆ ମଲ୍‌ର ଗ୍ରାଉଣ୍ଡ ଫ୍ଲୋରରେ ଲୁଇଫିଲିପ୍‌ର ନୂଆ ଏକ୍ସକ୍ଲୁସିଭ୍ ଷ୍ଟୋର ରବିବାର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋର ୧୬୪୨ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। କମ୍ପାନୀର ଏରିଆ ମୁଖ୍ୟ ଶିବ ନରେନ୍ଦ୍ରନ ନୂଆ ଷ୍ଟୋରକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଫ୍ରାଞ୍ଚାଇଜ ପାର୍ଟନର ବିକାଶ ସେହଗଲ, ଧୀରେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏଠାରେ ଲୁଇଫିଲିପ ବ୍ରାଣ୍ଡର ଟିଶାର୍ଟ, ଶାର୍ଟ, ଟ୍ରାଉଜର ଡେନିମ, ବ୍ଲେଜର, ସୁ ଏବଂ ଆସେସୋରିଜ ଉପଲବ୍ଧ ହେବ। ପୁରୁଷଙ୍କ ବର୍ଗରେ କମ୍ପାନୀ ସ୍ୱତନ୍ତ୍ର ଫ୍ୟାଶନ ପ୍ରଡକ୍ଟ ପ୍ରସ୍ତୁତ କରୁଛି। ଷ୍ଟାଇଲ ପ୍ରତି ସଚେତନ ଯୁବ ଗ୍ରାହକଙ୍କ ଚାହିଦା ମୁତାବକ ନୂଆ ଷ୍ଟୋର ଆରମ୍ଭ କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ଇନାଗୁରାଲ ଅଫର ପ୍ରଦାନ କରାଯାଉଛି। ୫୦୦୦ ଟଙ୍କାର କ୍ରୟ ଉପରେ ୧୦୦୦ ଟଙ୍କାର ରିହାତି ରହିଛି। ନୂଆ ଷ୍ଟୋର ଦ୍ୱାରା ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର କଲେକ୍ସନକୁ ସାମିଲ କରାଯାଉଛି। କ୍ରେଡିଟ କାର୍ଡ ଗ୍ରହଣ ସୁବିଧା ମଧ୍ୟ ରହିଛି। ଏହି ଷ୍ଟୋର ଦ୍ୱାରା ବାର୍ଷିକ ୧.୫ କୋଟି ରୁ ୨ କୋଟି ବ୍ୟବସାୟ ଲକ୍ଷ୍ୟ ରହିଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି।



“ ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିସ୍ ଗେଲ୍‌ଙ୍କ ୩୦୦ତମ ମ୍ୟାଚ ହୋଇଥିବାରୁ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।–ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ



“ ଭାରତୀୟ ଦଳରେ ଚତୁର୍ଥ ସ୍ଥାନ ପାଇଁ ମୋର ଦାବି ନାହିଁ, ଯେ କୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଅଛି। –ଶ୍ରେୟାସ ଆୟାର, କ୍ରିକେଟର

## ସଂକ୍ଷେପରେ

### ରୋଜର୍ସ କପ୍ ଫାଇନାଲରେ ନାଡାଲ

ମଣ୍ଟ୍ରିଲ,୧୧।୮(ଏଏଫ୍‌ପି): ସ୍ପେନ୍ ତାରକା ଟେନିସ୍ ଖେଳାଳି ରାଫାଲ ନାଡାଲ ଏଠାରେ ଚାଲିଥିବା ମଣ୍ଟ୍ରିଲ ମାଷ୍ଟର୍ସ ଟେନିସ୍ ବା ରୋଜର୍ସ କପ୍ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଗୋଟିଏ ହେଲେ ବି ଶଟ୍ ନ ଖେଳି ସେ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୨ ନମ୍ବର ଖେଳାଳି ନାଡାଲ ଏଥିସହିତ କ୍ରମାଗତ ଦ୍ୱିତୀୟଥର ପାଇଁ କାନାଡିଆନ ଓପନ୍ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ଫାଇନାଲରେ ନାଡାଲ ରବିବାର ରୁଷିଆର ଡାନିଲି ମେଡ୍‌ଭେଡେଭଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ମେଡ୍‌ଭେଡେଭ ନିଜ ଦେଶର କାରେନ ଖାଚାନୋଭଙ୍କୁ ୬-୧, ୭-୬ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

■ ୨୩ ବର୍ଷରୁ କମ୍ ଏସିଆନ ଭଲିବଲ୍

### ଭାରତ ରନର୍ସଅପ୍

ନେ ପାଇ ତାଓ (ମ୍ୟାନମାର୍), ୧୧।୮ (ପି.ଟି.): ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଏସିଆନ ଭଲିବଲ୍ ଚାମ୍ପିୟନଶିପ୍‌ରେ ଭାରତ ରନର୍ସ ଅପ୍ ହୋଇଛି। ମ୍ୟାଚ ପରେ ଭାରତୀୟ କୋଚ୍ ପ୍ରୀତମ ସିଂ ଚୌହାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ରବିବାର ଆମ ପାଇଁ ଭଲ ଦିନ ନ ଥିଲା। ଚାଇନିଜ ତାଇପେ ଫାଇନାଲ ମ୍ୟାଚକୁ ୨୫-୨୧, ୨୫-୨୦, ୧୯-୨୫, ୨୫-୨୩ରେ ଜିତିନେଇଥିଲା। ତେବେ ଫଳାଫଳ ନେଇ ମୁଁ ଗର୍ବିତ। ଆମେ ହୁଏତ ସ୍ୱର୍ଣ୍ଣ ସହ ଘରବାହୁଡ଼ା କରିପାରିଥାନ୍ତୁ କିନ୍ତୁ ରୌପ୍ୟ ମିଳିଲା। ଏଥିରେ ମଧ ମୁଁ ବହୁତ ଖୁସି। କାରଣ ଏହି ସ୍ଥାନରେ ପହଞ୍ଚିବା ଲାଗି ଆମ ପିଲାମାନେ କଠିନ ପରିଶ୍ରମ କରିଛନ୍ତି।





ଜାପାନ ଗସ୍ତ ପୂର୍ବରୁ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଖେଳାଳିମାନେ।

### ଟୋକିଓ ଅଲିମ୍ପିକ ଟେଷ୍ଟ ଇଭେଣ୍ଟ ହକି

# ଭାରତୀୟ ଦଳର ଅଭିଯାନ ୧୭ରୁ

ବେଙ୍ଗାଲୁରୁ,୧୧।୮(ପି.ଟି.)

ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଅଂଶଗ୍ରହଣ କରିବାରକୁ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଜାପାନ ଯାତ୍ରା କରିଛନ୍ତି। ଏହି ଇଭେଣ୍ଟ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଆଗକୁ ନଭେମ୍ବରରେ ଅଲିମ୍ପିକ କ୍ୱାଲିଫାୟର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଫଳରେ ପ୍ରସ୍ତୁତି ପାଇଁ ଏହି ଇଭେଣ୍ଟ ଭାରତୀୟ ପୁରୁଷ ଓ ମହିଳା ଦଳ ଲାଗି ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଭାରତୀୟ ପୁରୁଷ ଦଳ ଆୟୋଜକ ଜାପାନ, ନ୍ୟୁଜିଲାଣ୍ଡ ଓ ମାଲେସିଆ ବିପକ୍ଷରେ ଏହି ଟୁର୍ନାମେଣ୍ଟରେ ମ୍ୟାଚ୍ ଖେଳିବ। ସେହିପରି ମହିଳା ଦଳ ଅଷ୍ଟ୍ରେଲିଆ, ଚାଇନା ଓ ଜାପାନ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହି ଟୁର୍ନାମେଣ୍ଟ ଯୁବ ଖେଳାଳିମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଖେଳାଳିମାନେ ଅଭ୍ୟାସ କରିବାର ସୁଯୋଗ ପାଇବେ ଏବଂ ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଦଳ ଚୟନ ପୂର୍ବରୁ ନିଜର ଦକ୍ଷତା ଓ ପ୍ରତିଭା ପ୍ରତିପାଦନ କରିବାର ସୁଯୋଗ ପାଇବେ ବୋଲି ଭାରତୀୟ ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି। କେବଳ ସେତିକି ନୁହଁ, ଖେଳାଳିମାନେ ଟୋକିଓରେ ଖେଳିବାର ଅଭିଜ୍ଞତା ହାସଲ କରିବେ ଓ ସେଠାକାର ପ୍ଲେଇଂ କଣ୍ଡିଶନ ସହ ଖାପ ଖୁଆଇବାର ସୁଯୋଗ ପାଇବେ। ଅଲିମ୍ପିକ୍ କ୍ୱାଲିଫିକେଶନ ପାଇଁ ଆମେ ସକାରାତ୍ମକ ଭାବେ କାର୍ଯ୍ୟ ଆରମ୍ଭ କରିଛୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଏହି ଟୁର୍ନାମେଣ୍ଟରେ ଉଚ୍ଚ ର୍‍ୟାଙ୍କ୍‌ର ଦଳ ଅଷ୍ଟ୍ରେଲିଆକୁ ହରାଇବା ଲକ୍ଷ୍ୟରେ ରହିଛୁ ବୋଲି ଭାରତୀୟ ମହିଳା ଦଳ ଅଧିନାୟିକା ରାନୀ କହିଛନ୍ତି। ପୂର୍ବରୁ ଆମେ ଜାପାନ ଓ ଚାଇନା ବିପକ୍ଷରେ ଭଲ ପ୍ରଦର୍ଶନ କରିଛୁ। ତେବେ ଏଥର ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛୁ। ଅଷ୍ଟ୍ରେଲିଆକୁ ହରାଇଲେ ଆମ ଦଳ ଓ ଖେଳାଳିଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଏବଂ ଅଲିମ୍ପିକ୍ କ୍ୱାଲିଫିକେଶନ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବୁ ବୋଲି ସେ କହିଛନ୍ତି। ପୁରୁଷ ଦଳ ପ୍ରଥମ ମ୍ୟାଚ୍‌ରେ ମାଲେସିଆ ଓ ମହିଳା ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଜାପାନକୁ ଭେଟିବ। ୧୭ ତାରିଖରେ ପ୍ରଥମ ମ୍ୟାଚ୍ ଖେଳି ପୁରୁଷ ଓ ମହିଳା ଦଳ ଅଭିଯାନ ଆରମ୍ଭ କରିବେ।

## ସେମିରେ ହାରିଲେ ବୋପାନ୍ନା

ମଣ୍ଟ୍ରିଲ,୧୧।୮(ପି.ଟି.)

ଏଠାରେ ଚାଲିଥିବା ଏଟିପି ମଣ୍ଟ୍ରିଲ ମାଷ୍ଟର୍ସ ଟେନିସ୍ ଟୁର୍ନାମେଣ୍ଟରେ ଭାରତର ରୋହନ ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ ଶାପୋଭାଲୋଭ ପୁରୁଷ ଡବଲ୍ସ ଇଭେଣ୍ଟର ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଣସିଡ୍ ଏହି ଯୋଡ଼ି ୬-୭, ୬-୭ ସେଟ୍‌ରେ ଡଚ୍ ଯୋଡ଼ି ରବିନ ହାସ ଓ ୱେସ୍‌ଲି କୁଲହୋଫ୍‌ଙ୍କଠାରୁ ସେମିରେ ପରାସ୍ତ ହୋଇଥିଲେ। ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏବେ ଫାଇନାଲ ମୁକାବିଲାରେ ହାସ୍ ଓ କୁଲହୋଫ୍ ପ୍ରତିପକ୍ଷ ସ୍ପେନ୍-ଆର୍ଜେଣ୍ଟିନା ଯୋଡ଼ି ମାର୍ସେଲ ଗ୍ରାନୋଲେର୍ସ ଓ ହୋରାସିଓ ଜେବାଲୋସଙ୍କୁ ଟାଇଟଲ ପାଇଁ ଭେଟିବେ।

ବୋପାନ୍ନା ଓ ଶାପୋଭାଲୋଭ ପୂର୍ବରୁ ଫ୍ରାନ୍ସର ବେନୋଇଟ୍ ପାଇରେ ଓ ସୁଇଜରଲାଣ୍ଡର ଷ୍ଟାନିସ୍‌ଲାସ ୱାରିଙ୍କାଙ୍କ ବିପକ୍ଷ କ୍ୱାର୍ଟର ଫାଇନାଲରେ ୱାକ୍‌ଓଭର ପାଇଥିଲେ। ପାଇରେ ଓ ୱାରିଙ୍କା ଏହି ମ୍ୟାଚ୍‌ରୁ ଓହରି ଯାଇଥିଲେ। ସେହିପରି ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ବୋପାନ୍ନା-ଶାପୋଭାଲୋଭ ପ୍ରତିପକ୍ଷ କାଏଲ ଏଡ୍‌ମଣ୍ଡ ଓ ଟେଲର ଫ୍ରିଜ୍‌ଙ୍କୁ ୬-୩, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ତେବେ ଏହା ପୂର୍ବରୁ ରାଉଣ୍ଡ ଅଫ୍ ୩୨ରେ ଏହି ଇଣ୍ଡୋ-କାନାଡ଼ା ଯୋଡ଼ି ଚତୁର୍ଥ ସିଡ୍ ଫ୍ରେଞ୍ଚ ଯୋଡ଼ି ନିକୋଲା ମାହୁତ ଓ ଏଡୁଆର୍ଡୋ ରୋଜର- ଭାସେଲିନ୍‌ଙ୍କୁ ୪-୬, ୬-୧, ୧୦-୬ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଥିଲେ।

# ବିରାଟ କୋହଲିଙ୍କ ଶତକ

ପୋର୍ଟ-ଅଫ୍-ସ୍ପେନ, ୧୧।୮

ସ୍ଥାନୀୟ କୁଇନ୍ସପାର୍କ ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ଭାରତ କୋହଲିଙ୍କ ଶତକ ଏବଂ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ସହାୟତାରେ ୪୨.୨ ଓଭରରେ ୪ ଉଇକେଟ ହରାଇ ୨୩୩ରନ ସଂଗ୍ରହ କରିଛି। ଶ୍ରେୟାସ ଆୟାର ୫୮ ଓ କେଦାର ଯାଦବ ୬ ରନରେ ଅପରାଜିତ ରହିଛନ୍ତି।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଶିଖର ଧାୱନଙ୍କ କ୍ରମାଗତ ବିଫଳତା ଯୋଗୁ ଭାରତ ୨ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଉଇକେଟ ଯୋଡ଼ିରେ ୭୪ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ଅଧିକ ବଲ ଖେଳିଥିଲେ ହେଁ ଭଲ ଆରମ୍ଭ କରିଥିବା ରୋହିତ ୩୪ ବଲ୍‌ରୁ ୨ ଚୌକା ସହାୟତାରେ ୧୮ ରନ କରି ଆଉଟ ହେବାରୁ ୧୫.୩ ଓଭର ବେଳକୁ ଭାରତ ସ୍କୋର ୭୬/୨ ହୋଇ ଯାଇଥିଲା। ୪ ନମ୍ବର ସ୍ଥାନରେ ରିଷଭ ପନ୍ତ ପୁଣି ବିଫଳ ହୋଇଥିଲେ। ସେ ୩୫ ବଲ୍‌ରୁ ୨ ଚୌକା ସହାୟତାରେ ୨୦ ରନ କରି ଆଉଟ ହୋଇଥିଲେ। କୋହଲି କିନ୍ତୁ ଘରୋଇ ବୋଲରଙ୍କୁ ସଫଳ ମୁକାବିଲା କରି ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ। ୧୧୨ ବଲ୍‌ରୁ ଶତକ ପୂରଣ କରିଥିବା କୋହଲି ମୋଟ ୧୨୫ ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହାୟତାରେ ୧୨୦ ରନ କରି ଆଉଟ ହୋଇଛନ୍ତି। ଶତକୀୟ ଇନିଂସ ଅବସରରେ ସେ ୪ର୍ଥ ଉଇକେଟ ଯୋଡ଼ିରେ ଆୟାରଙ୍କ ସହ ୧୨୫ ରନର ଭାଗୀଦାରି ଗଢ଼ି ଦଳକୁ ଏକ ବଡ଼ ସ୍କୋର ଆଡ଼କୁ ନେଇ ଯାଇଛନ୍ତି। ଦିନିକିଆ କ୍ରିକେଟରେ ଏହାଥିଲା ତାଙ୍କର ୪୨ତମ ଶତକ। ୱେଷ୍ଟଇଣ୍ଡିଜ ପକ୍ଷରୁ କାର୍ଲୋସ ବ୍ରାଥ୍‌ୱେଟ ୨ଟି ଏବଂ ଶେଲଡନ କୋଟ୍ରେଲ, ରଷ୍ଟନ ଚେଜ୍ ଓ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଶତକୀୟ ଇନିଂସ ଅବସରରେ ଶଟ୍ ଖେଳୁଛନ୍ତି ବିରାଟ କୋହଲି।

### ମିଆଁଦାଦ୍‌ଙ୍କ ରେକର୍ଡ ଭାଙ୍ଗିଲେ

ପୋର୍ଟ-ଅଫ୍-ସ୍ପେନ୍, ୧୧।୮ (ପି.ଟି.)- ୱେଷ୍ଟଇଣ୍ଡିଜ ବିପକ୍ଷରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ସର୍ବାଧିକ ରନ ସଂଗ୍ରହ କରିବାରେ ପାକିସ୍ତାନର ଜାଭେଦ ମିଆଁଦାଦ୍ କରିଥିବା ରେକର୍ଡକୁ ଭାରତ ଅଧିନାୟକ ବିରାଟ କୋହଲି ଭଙ୍ଗ କରିଦେଇଛନ୍ତି। ରବିବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ତାଙ୍କର ବ୍ୟକ୍ତିଗତ ସ୍କୋର ୧୯ରେ ପହଞ୍ଚିବା ବେଳେ ସେ ଏହି ସଫଳତା ହାସଲ କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ମିଆଁଦାଦ ମୋଟ ୧୯୩୦ ରନ ସଂଗ୍ରହ କରିଛନ୍ତି। କୋହଲି ୫ମ ଓଭରରେ ଜାସନ ହୋଲ୍‌ଡରଙ୍କ ବୋଲିଂରେ ଏକ ସିଙ୍ଗଲ୍ ନେଇ ମିଆଁଦାଦ୍‌ଙ୍କ ୨୬ ବର୍ଷ ତଳର ରେକର୍ଡକୁ ଭଙ୍ଗ କରି ଦେଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ କୋହଲିଙ୍କର ଏହା ୩୪ ତମ ଆନ୍ତର୍ଜାତୀୟ ଦିନିକିଆ ଥିବାବେଳେ ମିଆଁଦାଦ ୬୪ଟି ମ୍ୟାଚରେ ରେକର୍ଡର ଅଧିକାରୀ ହୋଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ରନ ସଂଗ୍ରହ କରିବା ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି ଅଷ୍ଟ୍ରେଲିଆର ମାର୍କ ୱ (୪୭ ମ୍ୟାଚ୍‌ରୁ ୧୭୦୮)। ଏହା ପଛକୁ ଯଥାକ୍ରମେ ରହିଛନ୍ତି ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ଜ୍ୟାକ୍ସ କାଲିସ (୪୦ ମ୍ୟାଚ୍‌ରୁ ୧୬୬୬ ରନ) ଏବଂ ପାକିସ୍ତାନର ରମିଜ ରାଜା (୫୩ ବଲ୍‌ରୁ ୧୬୨୪ରନ)।

## କ୍ରିସ୍ ଗେଲ୍‌ଙ୍କ ୩୦୦ତମ ମ୍ୟାଚ




ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆରେ ରବିବାର ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ କ୍ୟାରିୟରର ୩୦୦ତମ ମ୍ୟାଚ ଖେଳିଛନ୍ତି। ମୁଁ କ୍ରିକେଟର ଏହି ଫର୍ମାଟକୁ ଖୁବ୍ ଭଲପାଏ। ସେଥିରେ ୩୦୦ ମ୍ୟାଚ ଖେଳିଥିବାରୁ ବହୁତ ଖୁସି। ମୁଁ କାନାଡ଼ାରେ ଗ୍ଲୋବାଲ ଟି୨୦ ଖେଳିବା ପରେ ଏହି ସିରିଜ ଖେଳୁଛି। ତେଣୁ ଟି୨୦ରୁ ଦିନିକିଆ ଫର୍ମାଟ ସହିତ ଯଥା ଶୀଘ୍ର ଖାପଖୁଆଇବାକୁ ଚେଷ୍ଟା କରୁଛି। ଶାଇ ହୋପ୍, ଶିମରନ ହେଟମେର ଓ ନିକୋଲାସ ପୁରନଙ୍କ ପରି ଖେଳାଳି ୱେଷ୍ଟଇଣ୍ଡିଜର ଭବିଷ୍ୟତ। ମୁଁ ସେମାନଙ୍କୁ ଗାଇଡ୍ କରିବି ଏବଂ ୱେଷ୍ଟଇଣ୍ଡିଜ କ୍ରିକେଟର ଉନ୍ନତିପାଇଁ ପ୍ରୟାସ ଜାରି ରଖିବି ବୋଲି ନିଜ ପ୍ରତିକ୍ରୀୟାରେ ଗେଲ୍ ପ୍ରକାଶ କରିଛନ୍ତି। ୧୯୯୯ରେ ଟରଣ୍ଟୋଠାରେ ଗେଲ୍ ଭାରତ ବିପକ୍ଷରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ କରିଥିଲେ। ସଂଯୋଗବଶତଃ ସେହି ଭାରତ ବିପକ୍ଷରେ ହିଁ ସେ ୩୦୦ତମ ଦିନିକିଆ ଖେଳିବାକୁ ଯାଉଛନ୍ତି। ଏ କ୍ଷେତ୍ରରେ ୩୯ ବର୍ଷୀୟ ଗେଲ୍ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଲାରା ୧୯୯୦ରୁ ୨୦୦୭ ମଧ୍ୟରେ ୨୯୯ଟି ଦିନିକିଆ ଖେଳିଥିଲେ।

**ସର୍ବାଧିକ ଦିନିକିଆ ଖେଳିଥିବା ୱେଷ୍ଟ.ଇଣ୍ଡିଜ ଖେଳାଳି**

| ବ୍ୟାଟ୍ସମ୍ୟାନ୍ | ମ୍ୟାଚ୍ | ରନ୍ |
|---|---|---|
| କ୍ରିସ୍ ଗେଲ୍ | ୩୦୦ | ୧୦,୩୯୭ |
| ବ୍ରାଏନ ଲାରା | ୨୯୯ | ୧୦,୪୦୫ |
| ଶିବନାରିନ୍ ଚନ୍ଦ୍ରପଲ | ୨୬୮ | ୮୭୭୮ |
| ଡେଶମଣ୍ଡ ହେନ୍ସ | ୨୩୮ | ୮୬୪୮ |
| କାର୍ଲ ହୁପର୍ | ୨୨୭ | ୫୭୬୧ |

# ଥାଇଲାଣ୍ଡ ମହିଳା କ୍ରିକେଟ ଦଳର ବିଶ୍ୱରେକର୍ଡ

ଦୁବାଇ, ୧୧।୮(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟରେ ବିଶେଷ ଜଣାଶୁଣା ନ ଥିବା ଥାଇଲାଣ୍ଡ ମହିଳା କ୍ରିକେଟ ଦଳ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଛି। କ୍ରମାଗତ ୧୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଜିତି ଥାଇଲାଣ୍ଡ ଦଳ ଏହି ସଫଳତା ଅର୍ଜନ କରିଛି। ନେଦରଲାଣ୍ଡ୍ସରେ ଚାଲିଥିବା ୪ ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଥାଇଲାଣ୍ଡ ଶନିବାର ୮ ଉଇକେଟରେ ଘରୋଇ ଦଳକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ଇନିଂସକୁ ୫୪ ରନରେ ସୀମିତ ରଖିଥିବା ଥାଇଲାଣ୍ଡ ୮ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଅନ୍ୟ ଦୁଇ ଦଳ ହେଲେ ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ। ପୂର୍ବରୁ ଟି୨୦ ଅନ୍ତର୍ଜାତୀୟରେ କ୍ରମାଗତ ସର୍ବାଧିକ ମ୍ୟାଚ ଜିତିବା ରେକର୍ଡ ଅଷ୍ଟ୍ରେଲିଆ ନାମରେ ଥିଲା। ୨୦୧୪ ମାର୍ଚ୍ଚରୁ ୨୦୧୫ ଅଗଷ୍ଟ ମଧ୍ୟରେ ଏହି ଦଳ ସର୍ବାଧିକ ୧୬ଟି ମ୍ୟାଚ ଜିତି ପାରିଥିଲା। ଅନ୍ୟ ୩ଟି ଦଳ କ୍ରମାଗତ ୧୦ରୁ ଊର୍ଦ୍ଧ୍ୱ ମ୍ୟାଚ ଲଗାତର ଜିତିଛନ୍ତି। ଇଂଲଣ୍ଡ ଓ ଜିମ୍ବାୱେ ୧୪ଟି ଲେଖାଏ ଏବଂ ନ୍ୟୁଜିଲାଣ୍ଡ ୧୨ଟି ମ୍ୟାଚ ଜିତିଛି। ୨୦୧୮ରୁ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ମଧ କ୍ରମାଗତ ୧୨ଟି ମ୍ୟାଚ ଜିତି ସାରିଛି। ଆଇସିସି ବିଶ୍ୱ ଟି୨୦ ବିଶ୍ୱକପ ଅବସରରେ ଏହି ଦଳର ବିଜୟଧାରା ଆଗକୁ ବଢ଼ିବା ସମ୍ଭାବନା ରହିଛି। ସେହିପରି କ୍ରମାଗତ ୧୪ ମ୍ୟାଚ ଜିତିସାରିଥିବାରୁ ଜିମ୍ବାୱେ ନିକଟରେ ମଧ ଥାଇଲାଣ୍ଡ ରେକର୍ଡ ଭାଙ୍ଗିବା ସୁଯୋଗ ରହିଛି। ୨୦୧୮ ଜୁଲାଇରୁ ଥାଇଲାଣ୍ଡର ବିଜୟ ଧାରା ଆରମ୍ଭ ହୋଇଛି। ସେତେବେଳେ ଏହି ଦଳ ୟୁନାଇଟେଡ ଆରବ ଏମିରେଟ୍ସକୁ ୭ ଉଇକେଟରେ ପରାସ୍ତ କରିଥିଲା। କ୍ରମାଗତ ବିଜୟରେ ବିଶ୍ୱରେକର୍ଡ ପଥରେ ଥାଇଲାଣ୍ଡ ସର୍ବାଧିକ ୟୁଏଇକୁ ୩ ଥର ପରାସ୍ତ କରିଛି।



ଥାଇଲାଣ୍ଡ ମହିଳା କ୍ରିକେଟ୍ ଦଳର ଖେଳାଳିମାନେ ।



“ ଆଣ୍ଠୁରେ ଦ୍ୱିତୀୟ ଥର ଅସ୍ତ୍ରୋପଚାର ନିଷ୍ପତ୍ତି କଷ୍ଟକର ଥିଲା, କାରଣ ମୋତେ କିଛି ମାସ ଖେଳରୁ ଅବ୍ୟାହତି ନେବାକୁ ପଡ଼ିବ।
–ସୁରେଶ ରାଇନା, ଭାରତୀୟ ବ୍ୟାଟ୍ସମ୍ୟାନ



“ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଏବଂ ମୋତେ ନେଇ ଭାରତର ନୂଆ ଡବଲ୍ସ ଯୋଡ଼ି କରିବାରେ କୋଚ୍ ତାନ୍ କିମ୍ ହର୍‌ଙ୍କ ଭୂମିକା ରହିଛି।
–ଚିରାଗ୍ ଶେଟ୍ଟି, ବ୍ୟାଡ୍‌ମିଣ୍ଟନ ଖେଳାଳି

## ସଂକ୍ଷେପରେ

### ଓଡ଼ିଶାରେ ହୋଇପାରେ ଏସିଆନ କୁସ୍ତି ଚାମ୍ପିୟନ୍‌ଶିପ୍

କଟକ ଅଫିସ, ୧୧।୮: ଆସନ୍ତା ଫେବ୍ରୁୟାରୀ ମାସରେ ଓଡ଼ିଶାରେ ଏସିଆନ୍ କୁସ୍ତି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଭାରତୀୟ କୁସ୍ତି ମହାସଂଘ ପକ୍ଷରୁ ଏ ନେଇ କୌଣସି ବିଧିବଦ୍ଧ ଘୋଷଣା କରାଯାଇନାହିଁ। ମାତ୍ର ଏସିଆନ କୁସ୍ତି ଚାମ୍ପିୟନଶିପ୍ ଆୟୋଜନ କରିବା ନେଇ ଓଡ଼ିଶାର କେଉଁ ସ୍ଥାନରେ ଭେନ୍ୟୁ କରାଯିବ ସେ ଦିଗରେ ରାଜ୍ୟ କୁସ୍ତି ସଂଘର ପରାମର୍ଶ ଲୋଡ଼ିଛି ମହାସଂଘ। ଯଦି କଟକରେ ଟୁର୍ନାମେଣ୍ଟର ଭେନ୍ୟୁ କରାଯାଏ ତେବେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ରହଣି ଓ ଯାତାୟତ ସମେତ ଅଭ୍ୟାସ କେଉଁଠାରେ କରାଯିବ ସେ ଦିଗରେ ରାଜ୍ୟ କୁସ୍ତି ସଂଘକୁ ପଚରା ଉଚରା କରାଯାଇଛି। ଏଣୁ କଟକରେ ଏସିଆନ କୁସ୍ତି ଚାମ୍ପିୟନଶିପ ଆୟୋଜନ ହେବ ବୋଲି ପରୋକ୍ଷରେ ଆଶା କରାଯାଉଛି। ଏହି ଚାମ୍ପିୟନଶିପ୍ କେଉଁ ବୟସ ବର୍ଗରେ ହେବ ତାହା ମଧ୍ୟ ସ୍ପଷ୍ଟ ହୋଇନି। କିନ୍ତୁ ସିନିୟର ବର୍ଗରେ ଏସିଆନ କୁସ୍ତି ଚାମ୍ପିୟନଶିପ୍ ହେବାର ଯୋଜନା ଚାଲିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଯଦି ଏହିଭଳି ସମ୍ମାନଜନକ ଚାମ୍ପିୟନଶିପ୍ ଆୟୋଜିତ ହୁଏ ତେବେ ଓଡ଼ିଶାରେ ପ୍ରଥମଥର ନିମନ୍ତେ କୁସ୍ତି କ୍ରୀଡ଼ାକ୍ଷେତ୍ରରେ ଏକ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ହେବ।

### ହାଇଦ୍ରାବାଦ ଓପନ୍ ଟାଇଟଲ ଜିତିଲେ ସୌରଭ



ହାଇଦ୍ରାବାଦ,୧୧।୮(ପି.ଟି.): ଜାତୀୟ ଚାମ୍ପିୟନ ସୌରଭ ବର୍ମା ଏଠାରେ ଅନୁଷ୍ଠିତ ହୋଇଥିବା ହାଇଦ୍ରାବାଦ ଓପନ ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୨୬ ବର୍ଷୀୟ ସୌରଭ ସିଙ୍ଗାପୁରର ଲୋହ କିଏନ ୟେଙ୍କୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଗତ ମେ’ରେ ସ୍ଲୋଭେନିଆରେ ଟାଇଟଲ ଜିତିଥିବା ମଧ୍ୟପ୍ରଦେଶର ସୌରଭ ଟାଇଟଲ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱର ୪୪ ନମ୍ବର ଖେଳାଳି କିଏନ ୟେଙ୍କୁ ମାତ୍ର ୫୨ ମିନିଟ୍‌ରେ ୨୧-୧୩, ୧୪- ୨୧, ୨୧-୧୬ରେ ପରାସ୍ତ କରିଥିଲେ। ସ୍ଥାନୀୟ ଗାଚିବୋଲି ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ଗେମ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ସୌରଭ ଦ୍ୱିତୀୟ ଗେମ୍‌ରେ ପରାସ୍ତ ହୋଇଥିଲେ। ତେବେ ତୃତୀୟରେ ସୌରଭ ତ୍ରୁଟି ସୁଧାରି ମ୍ୟାଚ୍ ହାତେଇ ନେଇଥିଲେ। ସୌରଭ ଗତ ବର୍ଷ ଡଚ୍ ଓପନ୍ ଓ ରୁଷିଆନ ଓପନ୍‌ରେ ବାଜି ମାରି ଦୁଇଟି ସୁପର ୧୦୦ ଟାଇଟଲ ଜିତିଥିଲେ।

### ହରିୟାଣା ଷ୍ଟିଲର୍ସ ବିଜୟୀ

ଅହମ୍ମଦାବାଦ, ୧୧।୮: ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ୭ମ ସଂସ୍କରଣରେ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ହରିୟାଣା ଷ୍ଟିଲର୍ସ ୩ ପଏଣ୍ଟ ବ୍ୟବଧାନରେ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଷ୍ଟିଲର୍ସ ୩୩ ପଏଣ୍ଟ ଓ ବେଙ୍ଗାଲୁରୁ ୩୦ ପଏଣ୍ଟ କରିଥିଲା। ବିଜୟୀ ଦଳ ପକ୍ଷରୁ ବିକାଶ କାଣ୍ଡୋଲା ସର୍ବାଧିକ ୧୧ ରାଇଡ୍ ପଏଣ୍ଟ ସଂଗ୍ରହ କରିଥିଲେ। ବେଙ୍ଗାଲୁରୁର ପବନ ସେରାୱତ୍ ସମାନ ସଂଖ୍ୟକ ପଏଣ୍ଟ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇପାରି ନ ଥିଲେ।

# ପ୍ରିୟଙ୍କା, ରାଜେଶ ‘କ୍ରିକେଟର ଅଫ୍ ଦି ଇୟର’

ଭୁବନେଶ୍ୱର, ୧୧।୮(କ୍ରୀଡ଼ା ପ୍ରତିନିଧି) ଜଣାଶୁଣା କ୍ରିକେଟ କ୍ଲବ ସହିଦ ସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ବାର୍ଷିକ କ୍ରୀଡ଼ା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି। ରାଜ୍ୟର ଦୁଇ ସଫଳ କ୍ରିକେଟର ରାଜେଶ ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କୁ ସହିଦ ସ୍ପୋର୍ଟିଂ– ମାରୁତି ଇଷ୍ଟେଟ ଇଣ୍ଡିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୮– ୧୯ ସିଜନରେ ରଣଜୀ ଟ୍ରଫିରେ ସଫଳ ପ୍ରଦର୍ଶନ କରିଥିବା ରାଜେଶଙ୍କୁ ୨୭ତମ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ରାଜେଶ ଦୁଲୀପ ଟ୍ରଫି ଖେଳିବାକୁ ଯାଇଥିବାରୁ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ତାଙ୍କ କୋଚ୍ ତଥା ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଗତ ସିଜନରେ ସଫଳ ପ୍ରଦର୍ଶନ ପାଇଁ ପ୍ରିୟଙ୍କାଙ୍କୁ ଷଷ୍ଠ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ଉଭୟଙ୍କୁ ସ୍ୱତନ୍ତ୍ର ଟ୍ରଫି ସହ ବ୍ଲେଜର ଓ ୩୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। କ୍ରୀଡ଼ା ପୁରସ୍କାର ପ୍ରାୟୋଜକ ମାରୁତି ଇଷ୍ଟେଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ସମାରୋହକୁ ସମ୍ବିତ ମହାପାତ୍ର ସଂଯୋଜନା କରିଥିଲେ।

ରାଜ୍ୟର କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରଦାନ କରାଯାଇ ଆସୁଥିବା ଏହି ପୁରସ୍କାର ୧୯୯୨–୯୩ ସିଜନରୁ ଆରମ୍ଭ ହୋଇଥିଲା। ରଞ୍ଜୀବ ବିଶ୍ୱାଳ, ପି. ଜୟଚନ୍ଦ୍ର, ରଶ୍ମିରଞ୍ଜନ ପରିଡ଼ା, ପ୍ରଶାନ୍ତ ମହାପାତ୍ର, ଦେବାଶିଷ ମହାନ୍ତି, ପ୍ରଭଞ୍ଜନ ମଲିକ, ଶିବସୁନ୍ଦର ଦାସ, ସଞ୍ଜୟ ଶତପଥୀ, ବି.ବି.ସି.ସି. ମହାପାତ୍ର, ଦୀପକ ମଙ୍ଗରାଜ, ବସନ୍ତ ମହାନ୍ତି, ଧୀରଜ ସିଂ, ବିପ୍ଳବ ସାମନ୍ତରାୟ, ନଟରାଜ ବେହେରା, ଦୀପକ ବେହେରା, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କୁ ପୂର୍ବରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ କେତେକ କ୍ରିକେଟର ଏହି ପୁରସ୍କାର ଏକାଧିକ ଥର ହାସଲ କରିଛନ୍ତି। ସେହିପରି ୨୦୧୩–୧୪ରେ ପ୍ରଥମ କରି ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବା ଧାରା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ମାଧୁରୀ ମେହେଟ୍ଟା, ସ୍ୱାଗତିକା ରଥ, ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ଼ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଏହି ପୁରସ୍କାର ପାଇ ସାରିଛନ୍ତି। କ୍ରୀଡ଼ା ଖବରଦାତା ସନାତନ ପାଣି, ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସମ୍ବିତ ମହାପାତ୍ର, ସମୀକ୍ଷା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର ଓ ସମୀର ରାଉତ୍, ପ୍ରାୟୋଜକ ଜିତେନ୍ଦ୍ର ପ୍ରସାଦ ସିଂ ଓ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଜୁରି କମିଟି ପୁରସ୍କାର ପାଇଁ ରାଜେଶ ଓ ପ୍ରିୟଙ୍କାଙ୍କ ନାମ ଚୟନ କରିଥିଲା।



କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ବିଜେତାଙ୍କ ସହ ଅତିଥିମାନେ ।

## ‘କ୍ରମାଗତ ଭଲ ପ୍ରଦର୍ଶନର ଫଳ’

“ଏହି ପୁରସ୍କାର ପାଇଁ ଚୟନ କରାଯାଇଥିବାରୁ ମୁଁ ବହୁତ ଖୁସି। ମୁଁ ସିନିୟର ସ୍ତରରେ ଖେଳିବା ଆରମ୍ଭ କରିବା ଦିନଠାରୁ ବିଶେଷ କରି ଗତ ୩–୪ ବର୍ଷ ଧରି ଲଗାତର ଭଲ ପ୍ରଦର୍ଶନ କରି ଆସୁଥିବାରୁ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇପାରିବି ବୋଲି ଆଶାବାଦୀ ଥିଲି। ଏ ବର୍ଷ ଏହି ପୁରସ୍କାର ପାଇଥିବାରୁ ମୁଁ ଆୟୋଜକଙ୍କୁ ଧନ୍ୟବାଦ ଜଣାଉଛି। ୨୦୧୮–୧୯ ସିଜନରେ ମୁଁ ଟି୨୦ ଫର୍ମାଟରେ ସର୍ବଭାରତୀୟ ସ୍ତରରେ ସର୍ବାଧିକ ଉଇକେଟ ହାସଲ କରିଥିଲି। ଏକଦିବସୀୟରେ ଓଡ଼ିଶା ବୋଲରଙ୍କ ମଧ୍ୟରୁ ମୁଁ ସର୍ବାଧିକ ଉଇକେଟ ନେଇଥିଲି। ଏହିସବୁ ପ୍ରଦର୍ଶନ ଯୋଗୁ ମୋତେ ଜୁରି କମିଟି ଚୟନ କରିଥିବା ଅନୁଭବ କରୁଛି” ବୋଲି ସହିଦ ସ୍ପୋର୍ଟିଂ– ମାରୁତି ଇଷ୍ଟେଟ ଇଣ୍ଡିଆ ମହିଳା କ୍ରିକେଟର ଅଫ ଦି ଇୟର ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରକାଶ କରିଛନ୍ତି ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ। । ମୁଁ ଜାଗୃତି କ୍ରିକେଟ ଏକାଡେମୀରେ କୋଚ୍ କ୍ଷୀରୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛି। ଆଗାମୀ ଅକ୍ଟୋବରରୁ କ୍ରିକେଟ ସିଜନ ଆରମ୍ଭ ହୋଇଯିବ। ତେଣୁ ତା ପୂର୍ବରୁ ଆମେ ନିଜକୁ ଫିଟ୍ ରଖିବା ସହିତ ନିଜ କୋଚ୍‌ଙ୍କ ଅଧୀନରେ ଅଭ୍ୟାସ ଆରମ୍ଭ କରି ଦେଇଛୁ। ବର୍ଷା ଯୋଗୁ ଯଦିଓ ଏହା ସାମାନ୍ୟ ବାଧାପ୍ରାପ୍ତ ହେଉଛି, ତେବେ ଯଥାସମ୍ଭବ ଆମେ ଅଭ୍ୟାସ ଜାରି ରଖିଛୁ ବୋଲି ୨୦୦୮ ଓଡ଼ିଶା ପାଇଁ ସିନିୟର ସ୍ତରରେ ଖେଳି ଆସିଥିବା ପ୍ରିୟଙ୍କା ପ୍ରକାଶ କରିଛନ୍ତି। ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ବାସିନ୍ଦା ପ୍ରିୟଙ୍କା କୋଚ୍ କ୍ଷୀରୋଦ ବେହେରା ଏବଂ ମା’ ଗୌରୀ ସାହୁ ଓ ପିତା କିଶୋର ଚନ୍ଦ୍ର ସାହୁଙ୍କୁ ନିଜ ସଫଳତାର ଶ୍ରେୟ ଦେଇଛନ୍ତି।

■ ବୁଲ୍‌ଗେରିଆନ ଓପନ୍ ବ୍ୟାଡ୍‌ମିଣ୍ଟନ

# ଭାରତକୁ ୩ ସ୍ୱର୍ଣ୍ଣ ସହ ୬ ପଦକ

ପାଜାର୍ଡଝିକ୍ (ବୁଲ୍‌ଗେରିଆ ), ୧୧।୮ (ପି.ଟି.) ବୁଲ୍‌ଗେରିଆନ ଜୁନିୟର ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ ସହ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୨ ବ୍ରୋଞ୍ଜ ସହ ମୋଟ ୬ଟି ପଦକ ଜିତିଛନ୍ତି। ମହିଳା ସିଙ୍ଗଲ୍ସ କାଟେଗୋରିରେ ସାମିୟା ଇମାଦ୍ ଫାରୁକି ରୁଷିଆର ଆନାସ୍ତାସିଆ ଶାପୋଭାଲୋଭାଙ୍କୁ ୯–୨୧, ୨୧–୧୨, ୨୨–୨୦ରେ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ଏଡ୍‌ଭିନ ଜୟ ଓ ଶ୍ରୁତି ମିଶ୍ର ଯୋଡ଼ି ଦ୍ୱିତୀୟ ସିଡ୍ ବ୍ରିଟିଶ ଯୋଡ଼ି ବ୍ରାଣ୍ଡନ ଝି ହାଓ ଓ ଆବିଗେଲ୍ ହାରିସଙ୍କୁ ୨୧–୧୪, ୨୧–୧୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ତନିଶା କ୍ରାଷ୍ଟୋ ଏବଂ ଅଦିତି ଭଟ୍ଟ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଯୋଡ଼ି ଫାଇନାଲରେ ଟପ୍ ସିଡ୍ ବେଙ୍ଗିସୁ ଏର୍ସେଟିନ୍ ଓ ଜେହରା ଏର୍ଡେମିର୍‌ଙ୍କୁ ୨୧–୧୫, ୧୮–୨୧ ୨୧–୧୮ରେ ହରାଇ ଦେଇଛନ୍ତି। ପୁରୁଷ ଡବଲ୍ସ ଯୋଡ଼ି ଈଶାନ୍ତ ଭଟ୍ଟନାଗର ଏବଂ ବିଷ୍ଣୁବର୍ଦ୍ଧନ ଫାଇନାଲରେ ବ୍ରିଟିଶ ଯୋଡ଼ ୱିଲିୟମ ଜୋନ୍ସ ଏବଂ ବ୍ରାଣ୍ଡନ ଝି ହାଓଙ୍କଠାରୁ ୧୯–୨୧, ୧୮–୨୧ରେ ପରାସ୍ତ ହେବା ଦ୍ୱାରା ରୌପ୍ୟ ପାଇଥିଲେ। ଅନ୍ୟ ସିଙ୍ଗଲ୍ସ ଇଭେଣ୍ଟଗୁଡ଼ିକରେ ମାଳବିକା ବନ୍‌ସୋଡ୍ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଆନାସ୍ତାସିଆ ଶାପୋଭାଲୋଭାଙ୍କଠାରୁ ୧୩–୨୧, ୧୫–୨୧ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମିରାବା ଲୁୱାଙ୍ଗ ରୁଷିଆର ଗେଓର୍ଗି କାପରୋଭଙ୍କଠାରୁ ୧୯–୨୧, ୨୧–୧୨, ୧୮–୨୧ରେ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି।



ଟରଣ୍ଟୋ ଡବ୍ଲ୍ୟୁଟିଏ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଏକ ରିଟର୍ନ ଶଟ୍ ଖେଳିବା ଅବସରରେ ସେରେନା ୱିଲିୟମ୍ସ ।

# ଭେନ୍ୟୁ ସ୍ଥାନାନ୍ତର ପାଇଁ ରାଜି ହେଉନି ପାକିସ୍ତାନ

## ଡେଭିସ କପ୍

କରାଚୀ, ୧୧।୮ (ପି.ଟି.) ପାକିସ୍ତାନ ବିପକ୍ଷରେ ଖେଳାଯିବାକୁଥିବା ଡେଭିସ୍ କପ୍ ଏସିଆ/ଓସେନିଆ ଗ୍ରୁପ୍–୧ ମ୍ୟାଚ୍ ଏକ ନିରପେକ୍ଷ ଭେନ୍ୟୁରେ କରିବା ଲାଗି ଭାରତ କରିଥିବା ଅନୁରୋଧକୁ ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ପ୍ରତ୍ୟାଖ୍ୟାନ କରିଛି। ଏହି ମ୍ୟାଚ ସେପ୍ଟେମ୍ବର ୧୪ ଓ ୧୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପିଟିଏଫ୍ ମୁଖ୍ୟ ସଲିମ ସଇଫୁଲ୍ଲା କହିଛନ୍ତି, ମ୍ୟାଚ ଖେଳାଯିବା ଲାଗି ଇସ୍‌ଲାମାବାଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସମସ୍ତ ପ୍ରକାର ଆୟୋଜନ ହୋଇଛି। ଭାରତୀୟ ଖେଳାଳିମାନେ ଅସୁରକ୍ଷିତ ଅନୁଭବ କରିବେ ବୋଲି ମୋର ଆଦୌ ମନେ ହେଉନାହିଁ। ଭାରତ ସରକାର ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିଛନ୍ତି, ଯଦ୍ୱାରା ଜମ୍ମୁ–କଶ୍ମୀର ସ୍ୱତନ୍ତ୍ର ମାନ୍ୟତା ହରାଇଛି। ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଫଳରେ ଏହି ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଡେଭିସ କପ୍‌କୁ ଏକ ନିରପେକ୍ଷ ଭେନ୍ୟୁରେ କରାଇବା ଲାଗି, ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଏଟିଏଫ୍)କୁ ଅନୁରୋଧ କରିବ ବୋଲି ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) କହିଛି। କିନ୍ତୁ ସଇଫୁଲ୍ଲା କହିଛନ୍ତି, ଇସ୍‌ଲାମାବାଦ ଏକ ସୁରକ୍ଷିତ ସହର। ତେଣୁ ଭାରତୀୟ ଟେନିସ ଖେଳାଳି ଲାଗି କୌଣସି ଅସୁବିଧା ରହିବ ନାହିଁ। ଟିମ୍ ରହିବାକୁ ଥିବା ହୋଟେଲଠାରୁ ଆରମ୍ଭ କରି ଭେନ୍ୟୁ ପର୍ଯ୍ୟନ୍ତ ଉଚ୍ଚସ୍ତରୀୟ ନିରାପତ୍ତା ବ୍ୟବସ୍ଥା କରାଯାଇଛି। ସେମାନେ ଯଦି ଚାହିଁବେ ତେବେ ମ୍ୟାଚ ବେଳେ ଦର୍ଶକମାନଙ୍କୁ ମଧ୍ୟ ଅନୁମତି ଦିଆଯିବ ନାହିଁ। ସଇଫୁଲ୍ଲା ପୁଣି ଦର୍ଶାଇଛନ୍ତି, ଆମେ ବହୁ ବର୍ଷ ବ୍ୟବଧାନରେ ଡେଭିସ୍ କପ୍ ଆୟୋଜନ କରିବାକୁ ଯାଉଛୁ। ଦେଶରେ ଟେନିସ୍ ଖେଳର ପ୍ରସାର ଏବଂ ରାଜସ୍ୱ ଆୟ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଅପରପକ୍ଷରେ ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ଏକ ନିରପେକ୍ଷ ଭେନ୍ୟୁରେ କରାଇବା ବ୍ୟବସ୍ଥା ପାଇଁ ଭାରତୀୟ ଟେନିସ ଫେଡେରେଶନ ଖେଳର ବିଶ୍ୱ ପରିଚାଳନା ପରିଷଦକୁ ଅନୁରୋଧ କରିବ ବୋଲି ଶନିବାର ସ୍ପଷ୍ଟ କରିଛି। ଦୁଇ ପଡୋଶୀ ଦେଶ ମଧ୍ୟରେ ବର୍ତ୍ତମାନ ଯେଉଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି, ମ୍ୟାଚକୁ ନିରପେକ୍ଷ ଭେନ୍ୟୁରେ ଖେଳାଯିବା ଯଥାର୍ଥ ବୋଲି ଭାରତ କହିଛି। ପାକିସ୍ତାନରେ ମ୍ୟାଚ ଖେଳାଯିବା ଲାଗି ଅନୁକୂଳ ପରିବେଶ ନାହିଁ ବୋଲି ଆମର ହୃଦ୍‌ବୋଧ ହୋଇଛି। ଆମ ପାଇଁ ଏକ ନିରପେକ୍ଷ ଭେନ୍ୟୁର ବ୍ୟବସ୍ଥା ପାଇଁ ଆମେ ସୋମବାର ଆଇଟିଏଫ୍‌କୁ ଏକ ଚିଠି ଲେଖିବୁ ବୋଲି ଏଆଇଟିଏ ସାଧାରଣ ସମ୍ପାଦକ ହିରଣ୍ମୟ ଚାଟାର୍ଜୀ ସୂଚନା ଦେଇଛନ୍ତି।

# ଫାଇନାଲରେ ସେରେନା

ଟରଣ୍ଟୋ,୧୧।୮(ଏଏଫ୍‌ପି) ଆମେରିକାର ଅଭିଜ୍ଞ ମହିଳା ଖେଳାଳି ସେରେନା ୱିଲିୟମ୍ସ ଏଠାରେ ଚାଲିଥିବା ଟରଣ୍ଟୋ ଡବ୍ଲ୍ୟୁଟିଏ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଅଷ୍ଟମ ସିଡ୍ ସେରେନା ଚେକ୍ ଗଣରାଜ୍ୟର ମେରି ବୋଉଜକୋଭାଙ୍କୁ ୧–୬, ୬–୩, ୬–୩ ସେଟ୍‌ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡ଼ିଥିଲେ ମଧ୍ୟ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ସେ ବାକି ଦୁଇଟି ସେଟ୍ ହାତେଇବା ସହ ବାଜି ମାରିଥିଲେ। ବିଜୟୀ ହେବା ପାଇଁ ସେରେନାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ପୂର୍ବରୁ ସେରେନା ଏହି ଟୁର୍ନାମେଣ୍ଟରେ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସେରେନା ଫାଇନାଲରେ କାନାଡ଼ାର ବାଇଆନକା ଆଣ୍ଡ୍ରିସ୍କୁଙ୍କୁ ରବିବାର ଫାଇନାଲରେ ଭେଟିବେ। ୨୦୧୭ ପରେ ସେରେନା ତାଙ୍କ ପ୍ରଥମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି। ପୂର୍ବରୁ ସେ ୨୦୧୭ରେ ଶେଷଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ହାସଲ କରିଥିଲେ ଓ କ୍ୟାରିୟରର ୨୩ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଅନ୍ୟପଟେ ଫାଇନାଲରେ ବିଜୟୀ ହେଲେ ୧୯ ବର୍ଷୀୟା ଆଣ୍ଡ୍ରିସ୍କୁ ଗତ ୫୦ ବର୍ଷ ମଧ୍ୟରେ ପ୍ରଥମ କାନାଡ଼ା ଖେଳାଳି ଭାବେ ଏହି ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିବେ। ବୋଉଜକୋଭା ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ୩ଜଣ ଗ୍ରାଣ୍ଡସ୍ଲାମ ବିଜେତା ଯଥା ସ୍ଲୋଆନ ଷ୍ଟିଫେନ୍ସ, ଜେଲେନା ଓଷ୍ଟାପେଙ୍କୋ ଓ ସିମୋନ ହାଲେପଙ୍କୁ ପରାସ୍ତ କରିଥିଲେ।

# ପ୍ରମୋଦଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର



ପୁରସ୍କୃତ କ୍ରୀଡ଼ାବିତ୍‌ମାନେ ଅତିଥିଙ୍କ ସହ ।

ଭୁବନେଶ୍ୱର, ୧୧।୮(କ୍ରୀଡ଼ା ପ୍ରତିନିଧି) ବିଶ୍ୱ ଚାମ୍ପିୟନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଚଳିତ ବର୍ଷର ସ୍ପୋର୍ଟ୍ସଲଗ୍‌ଅନ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ରବିବାର ସୂଚନା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରମୋଦଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରମୋଦ ଅନୁପସ୍ଥିତ ଥିବାରୁ ତାଙ୍କପାଇଁ ଅନ୍ୟତମ ପାରାବ୍ୟାଡ୍‌ମିଣ୍ଟନ ଖେଳାଳି ଦିଲେଶ୍ୱର ରାଓ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଶ୍ରେଷ୍ଠ କୋଚ୍, ଭାରୋତ୍ତୋଳନ ଓ ଶକ୍ତିଉତ୍ତୋଳନକାରୀ ସୌଭାଗିନୀ ପ୍ରଧାନ (ରାଉତରାୟ) ପ୍ଲେୟର ଅଫ୍ ଦି ବାଏଗନ୍ ଏରା ପୁରସ୍କାର ଲାଭ କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଏବଂ କରାଟେକା ଜସ୍ମିନ ପାର୍ଥସାରଥୀ ମିଶ୍ରଙ୍କୁ କୁମୁଦିନୀ ମିଶ୍ର କ୍ରୀଡ଼ା ପ୍ରତିଭା ପୁରସ୍କାରରେ ସମ୍ମାନିତ କରାଯାଇଛି।। ପୁରସ୍କାର ଆକାରରେ ଏହି ୫ ବିଜେତାଙ୍କୁ ଟ୍ରଫି, ଉତ୍ତରୀୟ ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ କୁମୁଦିନୀ ମିଶ୍ର, ଅନୁଗୋଳ ସୁକିନ୍ଦା ରେଲୱେ ପ୍ରକଳ୍ପର ସିଏମ୍‌ଡି ଦିଲୀପ ସାମନ୍ତରାୟ, ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଡେପୁଟି ରେସିଡେଣ୍ଟ ଏଡିଟର ଶିବ ମହାନ୍ତି, ଏସଏନଏମ ଗ୍ରୁପ୍ ଅଫ୍ କମ୍ପାନୀର ସିଏମଡି ପ୍ରବୋଧ ମହାନ୍ତି, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ, ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁଡ୍ ସାମାରିଟାନ ଟ୍ରଷ୍ଟର ସମ୍ପାଦକ ତନ୍ମୟ ଦାସ ଓ ଟ୍ରଷ୍ଟି ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଅଗଷ୍ଟ ୧୨/୨୦୧୯ Rayagada, Monday, August. 12/ 2019




# ଗୋ ରକ୍ଷା ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ

ପାରଳାଖେମୁଣ୍ଡି, ୧୧।୮ (ସ୍ୱ.ପ୍ର.):

ଗୋ ରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି ଗଜପତି ଜିଲା କାଶୀନଗର ଅଞ୍ଚଳର ଇଂ.ଏମ୍.ସି. ରାଓ। ସେ ଏ ନେଇ ସୁପ୍ରିମକୋର୍ଟରେ ଆବେଦନ କରିଥିବା ରବିବାର ଏକ ପ୍ରେସ୍ ବିବୃତି ଜରିଆରେ ପ୍ରକାଶ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ଦେଇଥିଲେ। ଗାଈ, ବଳଦମାନଙ୍କୁ ଯେପରି ହତ୍ୟା କରାଯାଉଛି ଏବଂ ଦିନକୁ ଦିନ ଏମାନଙ୍କ ସଂଖ୍ୟା ହ୍ରାସ ପାଉଛି, ସେ ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗୋମାତାଙ୍କୁ ଯେପରି ଭାବେ ରପ୍ତାନି କରାଯାଉଛି ଏବଂ ବିନା ପଞ୍ଜୀକରଣରେ ସ୍ଲଟରରେ ହତ୍ୟା କରାଯାଉଛି, ସେ ଉପରେ ବିବରଣୀ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ମଧ୍ୟ ଏହାକୁ ଗୁରୁତର ସହ ନେଉ ନ ଥିବା ସେ କୋର୍ଟକୁ ଜଣାଇଥିବା କହିଛନ୍ତି। ଗୋ ରକ୍ଷା ତଥା ଦେଶୀ ବ୍ରିଡ୍‌ର ଗୋରୁ ଯେପରି ଅଧିକ ମିଳିପାରିବେ ସେଥିପ୍ରତି ସରକାରଙ୍କ ପକ୍ଷରୁ କୌଣସି ଦୃଷ୍ଟି ଦିଆଯାଉ ନ ଥିବା ଇଂ. ରାଓ କହିଛନ୍ତି। ଜଣେ ୮୩ବର୍ଷ ବୟସ୍କ ଏବଂ ପାରମ୍ପରିକ କୃଷକ ପରିବାରର ସଦସ୍ୟଭାବେ ସେ ଗୋ-ସୁରକ୍ଷା ପାଇଁ ଆଗେଇ ଆସିଥିବା ଖବରଦାତାମାନଙ୍କୁ ଜଣାଇବା ସହ ଏଥିରେ ତାଙ୍କର କୌଣସି ରାଜନୈତିକ ତଥା ବ୍ୟକ୍ତିଗତ ଉଦ୍ଦେଶ୍ୟ ନ ଥିବା ସ୍ପଷ୍ଟ କରିଛନ୍ତି। ଗୋ-ସୁରକ୍ଷା ପରିବେଶ ପାଇଁ ଜରୁରୀ ଏବଂ ଏମାନଙ୍କ ସଂଖ୍ୟା ଧୀରେ ଧୀରେ କମିବା ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡ଼ୁଛି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ହରିମୋହନ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଇଂ. ଏମ୍.ସି ରାଓ ଏବଂ ହରିମୋହନ ପଟ୍ଟନାୟକ।

# ମାଓବାଦୀ ସଙ୍ଗଠନ ପକ୍ଷରୁ କ୍ୟାଡରଙ୍କୁ ପରିଚୟପତ୍ର

ମାଲକାନଗିରି,୧୧।୮ (ଡି.ଏନ୍.ଏ.)

ବର୍ତ୍ତମାନ ମାଓବାଦୀ ସଙ୍ଗଠନ ପକ୍ଷରୁ ନୂଆ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତ୍ୟେକ ମାଓବାଦୀ କ୍ୟାଡରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଆନ୍ଧ୍ର ଓଡ଼ିଶା ବର୍ଡର ଜୋନାଲ କମିଟି ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି, ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଏହା କୁହାଯାଇଛି। ନିଜ କ୍ୟାଡର ସାଥୀମାନଙ୍କୁ ସ୍ୱତନ୍ତ୍ର ଭାବେ ଲାଲ ଅକ୍ଷର ଓ ଲାଲ ପତାକାରେ ତିଆରି ହୋଇଥିବା ପରିଚୟ ପତ୍ର ବଣ୍ଟନ କରାଯାଇଛି। ଆଞ୍ଚଳିକ ଏରିଆ କମିଟି ଭାବେ ରହିଥିବା ଛତିଶଗଡ଼ର ଦର୍ଭା ଡିଭିଜନ, କୋଣ୍ଟା ଡିଭିଜନ, ସାବେରୀ ଡିଭିଜନ, ବିଜାପୁର ସଙ୍ଗଠନ, ଓଡିଶାର ଏମ୍‌କେଭି ଡିଭିଜନ, କୋରୁକୋଣ୍ଡା ଡିଭିଜନ, ପିଏଲଜିଏ ବାହିନୀ ଭଳି ୩୬ଟି ଛାମୁଆ ସଙ୍ଗଠନକୁ ଏହି କାର୍ଡ ପ୍ରଦାନ କରାଯାଇଛି। ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଏହି ୪ଟି ରାଜ୍ୟରେ ସଙ୍ଗଠନର ଦାୟିତ୍ୱ ନେଇଥିବା ନାମ୍ବାଲା କେଶବ ରାଓଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ପରିଚୟପତ୍ର ସେମାନଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ପୋଲିସର ଏନକାଉଣ୍ଟର ସମୟରେ ଏଭଳି କିଛି ପରିଚୟ ପତ୍ର ମିଳିଛି। ପରେ ପୋଲିସ ଓ ଗୋଇନ୍ଦାବାହିନୀ ଏହାର ତଦନ୍ତ କରି ମାଓବାଦୀଙ୍କ ଏହି ରଣନୀତି ପଦାକୁ ଆସିଛି। ବିଶେଷ କରି କେନ୍ଦ୍ରୀୟ କମିଟିର ପୁରୁଖା ମାଓବାଦୀ ନେତାଙ୍କୁ ପୋଲିସ ଏନକାଉଣ୍ଟରରୁ ରକ୍ଷା କରିବା ପାଇଁ ଚାରିସ୍ତରୀୟ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତେବେ ପୂର୍ବରୁ ମାଓବାଦୀଙ୍କ କ୍ୟାମ୍ପକୁ ପୋଲିସ ନିଜକୁ ମାଓବାଦୀ କ୍ୟାଡର ପରିଚୟ ଦେଇ ପଶିଆସିବା ଏବଂ ପରେ ଏନକାଉଣ୍ଟର କରି ଲାଲବାହିନୀକୁ କ୍ଷତି ପହଞ୍ଚାଇବାରୁ ସଙ୍ଗଠନ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ପରିଚୟପତ୍ର ଦ୍ୱାରା ନିଜକୁ କ୍ୟାଡର ଭାବେ ଚିହ୍ନଟ କରିବା ସହଜ ହେବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା ଅନୁମାନ କରାଯାଉଛି।

# ଝାଡ଼ାବାନ୍ତିରେ ୧୦ ଆକ୍ରାନ୍ତ

## ଗ୍ରାମରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍, ପରୀକ୍ଷା ପାଇଁ ଗଲା ଜଳନମୁନା

ଗୋଷାଣୀ, ୧୧।୮ (ଡି.ଏନ୍.ଏ.)

ଗୋଷାଣୀ ପଞ୍ଚାୟତ ଅନ୍ତର୍ଗତ ବି. ନାରାୟଣପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଗ୍ରାମର ପ୍ରାୟ ୧୦ଜଣ ଆକ୍ରାନ୍ତ ହୋଇ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଚିକିତ୍ସା କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅନଙ୍ଗ ସୁଦନ ଭୂୟାଁ ପ୍ରକାଶ କରିଛନ୍ତି। ପ୍ରସାଦ ସେବନ ଦ୍ୱାରା ଏଭଳି ହୋଇଥିବା ସନ୍ଦେହ କରାଯାଉଥିବାବେଳେ ଝାଡ଼ାବାନ୍ତିର ପ୍ରକୃତ କାରଣ ଜାଣିବା ପାଇଁ ଗାଁରେ ଥିବା ନଳକୂପର ଜଳନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା ସେ କହିଛନ୍ତି। ଶନିବାର ରାତିରେ ପ୍ରଥମେ କିଛିଜଣ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ସେମାନଙ୍କ ତୁରନ୍ତ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଥିଲେ। ତେବେ ଅନ୍ୟ ୧୦ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଆକ୍ରାନ୍ତମାନଙ୍କୁ ପଚାରିବାରୁ ଶ୍ରାବଣ ଶୁକ୍ରବାରରେ ପ୍ରସାଦ ପ୍ରସ୍ତୁତ କରିଥିଲେ। ତାହା ଖଇବା ପରେ ସମସ୍ତେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ପ୍ରକାଶ କରିଛନ୍ତି।


ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି।




For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 273226. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 224656. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍‌ସ - 9437181980, 230514. **ନବରଙ୍ଗପୁର:** ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ - 225222. **ଦେବଗଡ଼ :** ଜିନ୍ଦଲ ମୋଟର୍ସ : 9337774624.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ